

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୩୦ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 30 December 2024
Vol.No. 35 ■ No.347 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦକ୍ଷିଣ କୋରିଆ ବିମାନ ଦୁର୍ଘଟଣା : ୧୭୯ ମୃତ

ନୂଆଦିଲ୍ଲୀ, ୨୯/୧୨ : ଦକ୍ଷିଣ କୋରିଆ ବିମାନ ଦୁର୍ଘଟଣାରେ ବଢ଼ିବାରେ ଲାଗିଛି ମୃତ୍ୟୁ ସଂଖ୍ୟା । ବର୍ତ୍ତମାନ ସୁଦ୍ଧା ୧୭୯ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା । ବିମାନରେ ଥିବା ସମସ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା । ମୁଆନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ ବେଳେ ରନ୍‌ୱେରେ କ୍ରାସ୍ ହୋଇଯାଇଥିଲା ଯାତ୍ରୀବାହି ବିମାନ । ବିମାନରେ ୬ କ୍ରୁ ମେମ୍ବରଙ୍କ ସମେତ ୧୭୫ଜଣ ଯାତ୍ରୀ ଥିଲେ। ଦୁର୍ଘଟଣା ସମୟର ଏକ ଭିଡିଓ ବି ସାମ୍ନାକୁ ଆସିଛି । ରନୱେରେ ଲାଣ୍ଡିଂବେଳେ ବିମାନଟି କ୍ରାସ୍ ହୋଇ ଜଳି ଉଠୁଥିବା ଦେଖିବାକୁ ମିଳିଛି ଭିଡିଓରେ । ଏ



ଦୃଶ୍ୟ ଏତେ ଭୟଙ୍କର ହୋଇଛି ଯେ, ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା କରାଯାଉଛି । ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଥାଇଲ୍ୟାଣ୍ଡ ରାଜଧାନୀ ବ୍ୟାଙ୍କକକ୍‌କୁ ଉତ୍ତର କୋରିଆ ଫେରୁଥିଲା ଏହି ବିମାନଟି । ସ୍ଥାନୀୟ ସମୟ ୯ଟା ୭ରେ ଏହା ମୁଆନ ବିମାନ ବନ୍ଦରରେ ଅବତରଣ କରୁଥିଲା । ହେଲେ ଅବତରଣବେଳେ ରନୱେରେ ବିମାନଟି ଖସି ପଡିଥିଲା। ଦ୍ରୁତବେଗରେ ଯାଇ ତାର ଜାଲରେ ପିଟି ହୋଇ ଭୟଙ୍କର ବିସ୍ଫୋରଣ ହୋଇଥିଲା । ସ୍ଥାନୀୟ ଖବର ସରବରାହ ସଂସ୍ଥା ୟୋନ୍‌ହାପ୍‌ର ସୂଚନା ଅନୁସାରେ ବିମାନରେ ୧୭୩ ଦକ୍ଷିଣ କୋରିଆ ଯାତ୍ରୀ ଆଉ ୨ ଥାଇଲାଣ୍ଡ ଚାଷୀ ଥିଲେ । ବିମାନର ଲ୍ୟାଣ୍ଡିଂ ବେଳେ ଚଡ଼େଇ ମାଡ଼ ହୋଇ ଗିଅରରେ ତ୍ରୁଟି ହୋଇଥିଲା। ଯାହାଫଳରେ ରନ୍‌ୱେରେ ଭୁଲ ଦିଗରେ ଚାଲିଯାଇଥିଲା ବିମାନଟି। ଆଉ ତାର ଜାଲରେ ଯାଇ ପିଟି ହୋଇଥିଲା ।

## ଜିରୋ ନାଇଟ୍ ପାଇଁ ପୁଲିସର ଜିରୋ ଟଲେରାନ୍ସ: ଟୁଇନ୍ ସିଟିରେ ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର, ୨୯/୧୨ : ବର୍ଷ ୨୦୨୪ ବିଦାୟ ନେବାକୁ ଆଉ ମାତ୍ର ଦୁଇ ଦିନ ବାକି। ନୂଆବର୍ଷକୁ ସ୍ୱାଗତ ସହ ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ସବୁଆଡ଼େ ଜୋରଦାର ଚାଲିଛି ପ୍ରସ୍ତୁତି। ଏହି ପ୍ରସ୍ତୁତି ଭିତରେ ଟୁଇନ୍ ସିଟି ସମେତ ବିଭିନ୍ନ ସହରରେ ବଢ଼ିଲାଣି ସୁରକ୍ଷା ବ୍ୟବସ୍ଥା। ଜିରୋ ନାଇଟ୍ ବେଳେ ଜିରୋ ଟଲେରାନ୍ସ ନୀତି ଆପଣାଇଥିବା ପୁଲିସ ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍ ବିରୋଧୀ ଅଭିଯାନକୁ ଜୋରଦାର କରିବ। ସେପଟେ ପୁରୀରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ସହ ୩୧ ଓ ୧ ତାରିଖ ପାଇଁ ଜାରି ହୋଇଛି ଟ୍ରାଫିକ୍ କଟକଣା। ଜିରୋ ନାଇଟ୍ ପାଇଁ ପୁଲିସର ଜିରୋ ଟଲେରାନ୍ସ। ସେଲିବ୍ରେସନ କର, କିନ୍ତୁ ସୀମା ଭିତରେ। ନୂଆବର୍ଷ ପାଳନ ଭିତରେ କେହି ଭୁଲି ନଯାଆନ୍ତୁ



ନିୟମ। ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ୍ ଉପରେ ପୁଲିସର ଆଖି। ବାର, ପବ୍ ଓ ହୋଟେଲରେ କଡ଼ାକଡ଼ି ହେବ ଚେକିଂ। ଜିରୋ ନାଇଟ୍ ପୂର୍ବରୁ ଟୁଇନ୍ ସିଟିରେ ସୁରକ୍ଷାକୁ କଡ଼ାକଡ଼ି କରିଛି କମିଶନରେଟ ପୁଲିସ। ଜୋରଦାର ହେବ ନାଇଟ୍ ଚେକିଂ, ବ୍ଲକିଂ, ନାକାବନ୍ଦୀ ସହ ମଦୁଆ ଧରପଗଡ଼ ଅଭିଯାନ। ୩୧ ସନ୍ଧ୍ୟାରୁ ଆହୁରି କଡ଼ାକଡ଼ି ହେବ ଯାଞ୍ଚ। ମଦ ପିଇ ଗାଡ଼ି ଚଳାଇଲେ ବାନ୍ଧିବ ପୁଲିସ। ସେହିପରି ରୋଡ୍ ରୋମିଓଙ୍କ ଉପରେ ତୀକ୍ଷଣ ନଜର ରହିବ। ସେମାନଙ୍କ ପାଇଁ ଜିରୋ ଟଲେରାନ୍ସ ନୀତି ଆପଣାଇଛି କମିଶନରେଟ ପୁଲିସ। ଟୁଇନ୍ ସିଟିରେ କିଛି ହୋଟେଲ ଓ ଖୋଲା ସ୍ଥାନରେ ଜିରୋ ନାଇଟ ସେଲିବ୍ରେସନ ପାଇଁ ଅନୁମତି ମିଳିଛି। ଏନେଇ ଅବକାରୀ ବିଭାଗ ସହ ଆଲୋଚନା କରିଛି କମିଶନରେଟ ପୁଲିସ। କଟକରେ ମୁତୟନ ରହିବେ ୮ ପ୍ଲାଟୁନ୍ ଫୋର୍ସ। ▶▶ପୃଷ୍ଠା ୭

## ଓସିଏ ସଭାପତି ପଦରୁ ବବି ଦାସଙ୍କ ଇସ୍ତଫା: ବ୍ୟକ୍ତିଗତ କାରଣ ଦର୍ଶାଇ ଦେଲେ ଇସ୍ତଫା

ଭୁବନେଶ୍ୱର, ୨୯/୧୨ : ଓସିଏ ସଭାପତି ପଦରୁ ଇସ୍ତଫା ଦେଲେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ୍ ବବି ଦାସ। ବବି ଓସିଏର ସଭାପତି ପଦରୁ ଇସ୍ତଫା ଦେଇଥିବା ସମ୍ପାଦକ ସଞ୍ଜୟ ବେହେରା ଏନେଇ ସୂଚନା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ରରେ ବ୍ୟକ୍ତିଗତ କାରଣ ଦର୍ଶାଇ ଥିବା ସଞ୍ଜୟ କହିଛନ୍ତି। ଆସନ୍ତା ୪୫ ଦିନ ଭିତରେ ଓସିଏର ସଭାପତି ପଦ ପାଇଁ ନିର୍ବାଚନ କରାଯିବ। ଏକ ସାଧରଣ ପରିଷଦ



ବୈଠକ ଡ଼ କାଯାଇ ସଭାପତି ନିର୍ବାଚନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଆଜି ଅନୁଷ୍ଠିତ ବୈଠକରେ ପ୍ରଣବ ପ୍ରକାଶ ଦାସଙ୍କ ଇସ୍ତଫାପତ୍ର ଗୃହୀତ ହୋଇଛି। ୮ ମାସ ପରେ ବାରବାଟୀ ଷ୍ଟାଡ଼ିୟମରେ ଏକ ଆନ୍ତର୍ଜାତୀୟ ମ୍ୟାଚ ଖେଳା ଯାଉଥିବାରୁ ସେ ପର୍ଯ୍ୟନ୍ତ ସଭାପତି ପଦରେ ରହିବାକୁ ତଉଇ ସମ୍ପାଦକ ସଞ୍ଜୟ ବେହେରା ପ୍ରଣବଙ୍କୁ ଅନୁରୋଧ କରିଥିଲେ। ତେବେ ପ୍ରଣବ ଏହି ପଦରେ ରହିଲେ ତଉଇ ପାଇଁ କିଛି କରି ପାରିବେ ନାହିଁ ବୋଲି ସମ୍ପାଦକଙ୍କୁ କହିଥିଲେ। ତେବେ ନିର୍ଦ୍ଦିଷ୍ଟ ଭାବରେ କେଉଁ କାରଣ ପାଇଁ ଅବଧି ସରିବା ପୂର୍ବରୁ ସେ ▶▶ପୃଷ୍ଠା ୭

## ଡିଭାଇଡରରେ ପିଟି ହୋଇ ହାଇୱାକୁ ଧକ୍କାଦେଲା ସ୍କର୍ପିଓ: ୨ ମୃତ

ରାଉରକେଲା: ଆଜି ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ୧୪୩ ନମ୍ବର ଜାତୀୟ ରାଜପଥରେ ଘଟିଛି। ଡିଭାଇଡରରେ ପିଟି ହୋଇ ହାଇୱାକୁ ଧକ୍କାଦେଲା ସ୍କର୍ପିଓ। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ମେଡ଼ିକାଲ୍ ବେଡ୍‌ରେ ଜୀବନ ସହିତ ସଂଘର୍ଷ କରୁଛନ୍ତି। ରାଉରକେଲାରେ ଏକ ଠାକ ସଂସ୍ଥାରେ କାମ କରନ୍ତି ବିପିନ୍ ସେଠୀ, ପବିତ୍ର ସାହୁ, ଶେଖ ରାମଜାନ ଓ ଆଦିତ୍ୟ ସାହୁ। ଆଜି ରବିବାର ଥିବାରୁ ଅପରାହ୍ନରେ ୪ ଜଣ ସାଙ୍ଗ ମିଶି ଏକ ସ୍କର୍ପିଓରେ ଖଣ୍ଡାଧାର ଅଭିମୁଖେ ଯାଉଥିଲେ। ତେବେ ୧୪୩ ନମ୍ବର ଜାତୀୟ ରାଜପଥର ଚାନ୍ଦିପୋଷ ନିକଟରେ ସ୍କର୍ପିଓଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ସମ୍ମୁଖରୁ ଆସୁଥିବା ହାଇୱାକୁ ଧକ୍କା ଦେଇଥିଲା। ସମସ୍ତେ ଗାଡ଼ି ଭିତରେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଏନେଇ ପୁଲିସ୍‌କୁ ଖବର ଦେଇଥିଲେ। ▶▶ପୃଷ୍ଠା ୭

## ଟ୍ରାଙ୍କୁଲାଇଜ୍ ପରେ ଜନ୍ତାରେ ବାଘୁଣୀ 'ଜିନ୍ନତ'



ବାରିପଦା, ୨୯/୧୨ (ନି.ପ୍ର): ଝାରଖଣ୍ଡରୁ ଆସି ପଶ୍ଚିମବଙ୍ଗର ଘଞ୍ଚ ଜଙ୍ଗଲରେ ଘୁରି ବୁଲୁଥିଲା ବାଘୁଣୀ 'ଜିନ୍ନତ'। ଜମାରୁ ସେ ଶିମିଳିପାଳ ଅଭୟାରଣ୍ୟକୁ ଫେରୁନଥିଲା। ଯାହାକୁ ନେଇ ପଡ଼ିଯାଇଥିଲେ ଶିମିଳିପାଳ ପ୍ରାଣି ଉଦ୍ୟାନ୍ କର୍ତ୍ତୃପକ୍ଷ। ଦୀର୍ଘ ସମୟର ଲୁଚକାଳି ପରେ ଆଜି ବାଘୁଣୀ 'ଜିନ୍ନତ'କୁ ଟ୍ରାଙ୍କୁଲାଇଜ୍ କରାଯାଇଛି। 'ଜିନ୍ନତ' ଟ୍ରାଙ୍କୁଲାଇଜ୍ ନେଇ ସୂଚନା ଦେଇଛନ୍ତି ବାରିପଦା ଜଉଉର ପ୍ରକାଶ ଗୋଗିନେନି। ଝାଡ଼ଖଣ୍ଡ ଛାଡ଼ିବା ପରେ 'ଜିନ୍ନତ' ପଶ୍ଚିମବଙ୍ଗର ଝାରଗ୍ରାମ, ପୁରୁଲିଆ ଦେଇ ବାଙ୍କୁରା ▶▶ପୃଷ୍ଠା ୭

## ବଗିଚାରେ କାମ କରୁଥିବା ବେଳେ କଏଦୀ ଚମ୍ପଟ

କେନ୍ଦୁଝର, ୨୯/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟ କାରାଗାରରୁ ଜଣେ କଏଦୀ ଚମ୍ପଟ ହୋଇଯାଇଛନ୍ତି। ତାଙ୍କ ନାଁ ପରେଶ ମୁଣ୍ଡା। ଏକ ହତ୍ୟା ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇ ୨୦୧୪ରୁ ଆଜୀବନ କାରାଦଣ୍ଡ ଭୋଗୁଥିଲେ। ଗତକାଲି ବଗିଚା କାମରେ ନିୟୋଜିତ ହୋଇଥିବା ବେଳେ ପରେଶ ଚମ୍ପଟ ମାରିଥିବା ଜଣାପଡ଼ିଛି। ସେ ଅନେକ ବର୍ଷ ଧରି ବଗିଚାରେ କାମ କରି ଆସୁଥିଲେ। ଗତକାଲି ଅପରାହ୍ନରେ ପରେଶ ବଗିଚାରେ କାମ କରୁଥିବା ବେଳେ ଚମ୍ପଟ ମାରିଥିବା ନେଇ ଜେଲ୍ କର୍ତ୍ତୃପକ୍ଷ ସୂଚନା ଦେବା ସହିତ କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

## ମହୁମାଛି ଆକ୍ରମଣରେ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ

ମୟୂରଭଂଜ, ୨୯/୧୨ (ନି.ପ୍ର): ମହୁମାଛି ଆକ୍ରମଣରେ ଆଜି ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ବିଶ୍ୱନାଥ ମୁର୍ମୁ। ସେ ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ୍ ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟ କରୁଥିଲେ। ମୃତ ଜେଇ ବିଶ୍ୱନାଥ ମୁର୍ମୁଙ୍କ ଘର ବାରିପଦାରେ। ସେ ମହୁଲଡ଼ିହା ସ୍ଥିତ ସରକାରୀ ଘରେ ଏକା ରହୁଥିଲେ। ଆଜି ସକାଳେ ସେ ବଜାରକୁ ଯାଇଥିଲେ। ବଜାରରୁ ଘରକୁ ଫେରି ଗେଟ୍ ▶▶ପୃଷ୍ଠା ୭

## ଉଜୁଡ଼ା କ୍ଷେତ ବୁଲି ଚାଷୀଙ୍କ ଦୁଃଖ ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୧୨ : ଅଦିନିଆ ବର୍ଷା ମାଡ଼ରେ ମେରୁଦଣ୍ଡ ନଇଁ ଯାଇଥିବା ଚାଷୀଙ୍କ ପାଖରେ ଛିଡା ହୋଇଛନ୍ତି ମୁଖ୍ୟମନ୍ତ୍ରୀ। କ୍ଷତିପୂରଣ ପାଇଁ ଦେଇଛନ୍ତି ପ୍ରତିଶ୍ରୁତି। ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନେ ଆଜି ବିଭିନ୍ନ କ୍ଷତିଗ୍ରସ୍ତ ଜିଲ୍ଲା ଯାଇ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ସରକାରଙ୍କ ପାଖରେ ସହାୟତା ପାଇଁ କାନ୍ଦି କାନ୍ଦି ଗୁହାରୀ କରିଛି ଚାଷୀ। ଆଉ ଏପଟେ ବିରୋଧୀ, ସରକାରଙ୍କ ବିଫଳତା ନେଇ ଟାର୍ଗେଟ କରିଛନ୍ତି। ଅଦିନିଆ



ବର୍ଷାରେ ଧୋଇଯାଇଛି ଫସଲ, ଅଣ୍ଟା ସଳଖିବା ମୁସ୍କିଲ। ଆଉ ଏହି ଦୁଃଖକଷ୍ଟ ସମୟରେ ଚାଷୀଙ୍କ ପାଖେ ପହଞ୍ଚିଛନ୍ତି ମୁଖ୍ୟମନ୍ତ୍ରୀ। କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ଅସୁବିଧା ପଚାରି ବୁଝିଛନ୍ତି। ଖାଲି ସେତିକି ନୁହେଁ, କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ବି ଦେଇଛନ୍ତି। ଦୀର୍ଘ ବର୍ଷ ପରେ ରାଜ୍ୟର ମୁଖିଆଙ୍କୁ ଏତେ ପାଖରେ ପାଇ ଚାଷୀ ନିଜର ଦୁଃଖ ବଖାଣିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବି ସବୁ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଅପେକ୍ଷା କରି ରହିଥିବା ଚାଷୀ ହାତରୁ ଉଜୁଡା ଧାନକୁ ଆଣି ନିଜେ ଦେଖି ଆଶ୍ୱାସନା ଦେଇଛନ୍ତି ମୋହନ ମାଝୀ। ଆଜି ନୟାଗଡ଼, ଗଜପତି ଓ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଆଜି ମୁଖ୍ୟମନ୍ତ୍ରୀ ଅଦିନିଆ ବର୍ଷା କ୍ଷୟକ୍ଷତି ନେଇ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଆଜି ସୁଦ୍ଧା ଫସଲ ବୀମା ଯୋଜନାରେ ପଞ୍ଜୀକରଣ କରିବାକୁ ପରାମର୍ଶ ଦେଇଛନ୍ତି ଚାଷୀଙ୍କୁ। ▶▶ପୃଷ୍ଠା ୭

## ୩୧ ଓ ୧ ତାରିଖରେ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ

ପୁରୀ, ୨୯/୧୨ : ପାଖେଇ ଆସୁଛି ନୂଆବର୍ଷ। ଆଉ ଏହାକୁ ନେଇ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ବର୍ଷର ଶେଷ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ଓ ସାରା ଦେଶରୁ ଲୋକେ ଆସି ପହଞ୍ଚୁଛନ୍ତି। ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକ ଯାଏଁ ବ୍ୟାରିକେଡ୍ କରାଯାଇଛି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ସଦ୍ୟତମ ସୂଚନା ମୁତାବକ, ୩୧ ଓ ୧ ତାରିଖରେ କେବଳ ସିଂହଦ୍ୱାର ଦେଇ



ପ୍ରବେଶ କରିହେବ। ସାଧାରଣ ଭକ୍ତ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବେ। ଅନ୍ୟ ୩ ଦ୍ୱାର ଦେଇ ପ୍ରବେଶ ମନା। ▶▶ପୃଷ୍ଠା ୭

## ଦିଲ୍ଲୀ ହାଇକୋର୍ଟଙ୍କ ବଡ଼ ରାୟ: ଶାରୀରିକ ସମ୍ପର୍କର ଅର୍ଥ ଯୌନ ନିର୍ଯାତନା ନୁହେଁ

ନୂଆଦିଲ୍ଲୀ, ୨୯/୧୨ : ପୋକ୍‌ସୋ ମାମଲାରେ ଜଣେ ବ୍ୟକ୍ତିଙ୍କୁ ଦୋଷମୁକ୍ତ କରି ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ ନାବାଳିକା ପୀଡ଼ିତା ବ୍ୟବହାର କରିଥିବା ଶାରୀରିକ ସମ୍ପର୍କର ଅର୍ଥ ସ୍ୱତଃସ୍ଫୁର୍ତ୍ତ ଭାବେ ଯୌନ ନିର୍ଯାତନା ନୁହେଁ। ଜଷ୍ଟିସ ପ୍ରତିଭା ଏମ ସିଂହ ଓ ଜଷ୍ଟିସ ଅମିତ ଶର୍ମାଙ୍କ ଖଣ୍ଡପୀଠ ଅଭିଯୁକ୍ତଙ୍କ ଆବେଦନକୁ ଗ୍ରହଣ କରି ଏପରି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କୁ ପୋକସୋ ମାମଲାରେ ଟ୍ରାଏଲ କୋର୍ଟ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ହେଲେ ଏହାକୁ ଅଗ୍ରାହ୍ୟ କରିଛନ୍ତି ହାଇକୋର୍ଟ। ପୀଡ଼ିତା ଜଣଙ୍କ ସ୍ୱେଚ୍ଛାକୃତ ଭାବେ ଅଭିଯୁକ୍ତଙ୍କ ଯାଇଥିଲେ। ତଥାପି ତଳ କୋର୍ଟ କେମିତି ଯୌନ ନିର୍ଯାତନା ଦିଆଯାଇଥିବା ନିର୍ଯାସରେ ପହଞ୍ଚିଲେ, ତାହା ସ୍ପଷ୍ଟ ହୋଇ ନଥିବା ଖଣ୍ଡପୀଠ କହିଛନ୍ତି। ଶାରୀରିକ ସମ୍ପର୍କ କିମ୍ବା ସମ୍ବନ୍ଧକୁ




ଯୌନ ନିର୍ଯାତନାର ରୂପ ଦେବା ପାଇଁ ଉପଯୁକ୍ତ ପ୍ରମାଣ ଉପସ୍ଥାପନ କରାଯିବା ଦରକାର। କେବଳ ଆକଳନ ଦ୍ୱାରା ଏହାକୁ ସ୍ଥାପିତ କରାଯାଇ ପାରିବନି। ଡିସେମ୍ବର ୨୩ରେ କୋର୍ଟ ଦେଇଥିବା ରାୟରେ କହିଛନ୍ତି ଯେ ପୀଡ଼ିତାଙ୍କ ବୟସ ୧୮ ବର୍ଷରୁ କମ ହୋଇଥିବାରୁ ଯେ ପୂରା ଘଟଣାକୁ ଯୌନ ନିର୍ଯାତନା ବୋଲି କୁହାଯାଇ ପାରିବ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପୀଡ଼ିତା ଜଣଙ୍କ ଶାରୀରିକ ସମ୍ପର୍କ ଶବ୍ଦର ବ୍ୟବହାର କରିଛନ୍ତି। କିନ୍ତୁ ଏହାକୁ ବ୍ୟବହାର କରି ସେ କ'ଣ କହିବାକୁ ଚାହୁଁଛନ୍ତି, ସେକଥା ସ୍ପଷ୍ଟ ଭାବେ ଜଣାପଡୁନି। ସମ୍ବନ୍ଧ ବନାୟା ବା ସମ୍ପର୍କ ରଖିବା ଶବ୍ଦକୁ ପୋକସୋ ଆକ୍ଟର ଧାରା ୩ କିମ୍ବା ଆଇପିସିର ଧାରା ୩୭୬ ଅଧୀନରେ ଅପରାଧ ବୋଲି ବିବେଚନା କରାଯାଇ ପାରିବ ନାହିଁ। ପୀଡ଼ିତା ଜଣଙ୍କ ନାବାଳିକା ଥିବାରୁ ଏଠାରେ ସହମତିର ଗୁରୁତ୍ୱ ନାହିଁ। ▶▶ପୃଷ୍ଠା ୭

## ଗୁପ୍ତେଶ୍ୱର ଯାଉଥିବା ବେଳେ ଓଲଟିଲା ବସ୍: ୪ ମୃତ, ୨୮ ଆହତ

କୋରାପୁଟ, ୨୯/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଡକରି ଘାଟିର ସୁକୁ ନାଳ ନିକଟରେ ଏକ ବସ୍ ଓଲଟି ପଡ଼ିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଛୋଟ ଛୁଆ ମଧ୍ୟ ଅଛନ୍ତି। କଟକ, ନିଆଳି, ନିମାପଡ଼ା ଓ ଭୁବନେଶ୍ୱରରୁ କିଛି ପରିବାର ଗତ ଶୁକ୍ରବାର ଏକ ବସ୍ ଭଡ଼ା କରି ରାଜ୍ୟର ବିଭିନ୍ନ ମନ୍ଦିର ଦର୍ଶନ ପାଇଁ ବାହାରିଥିଲେ। ବସ୍‌ରେ ୪୦ରୁ ଅଧିକ ଯାତ୍ରୀ ଥିଲେ। ସେମାନେ ଗତକାଲି କଳାହାଣ୍ଡିରେ ମା' ମାଣିକେଶ୍ୱରୀଙ୍କ ଦର୍ଶନ କରିବା ପରେ କୋରାପୁଟର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଅଭିମୁଖେ ବାହାରିଥିଲେ। ଆଜି ସକାଳେ ସେମାନେ ବାବା ଗୁପ୍ତେଶ୍ୱରଙ୍କ ଦର୍ଶନ କରିଥା'ନ୍ତେ। ତେବେ ଭୋରରେ ବସ୍‌ଟି ଡକରି ଘାଟି ପାର ହେଉଥିବା ବେଳେ ସୁକୁ ନାଳ ନିକଟରେ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆଉ ୨ ଜଣ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି। ଆହତମାନଙ୍କ ମଧ୍ୟରୁ ପ୍ରାୟ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜଣେ ନାବାଳିକାଙ୍କର ଗୋଟିଏ ଗୋଡ଼ ଓ ଗୋଟିଏ ହାତ କଟି ଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ସେଠାରେ ତୁରନ୍ତ ପହଞ୍ଚିଥିଲେ ରାମଗିରି ୧୮୦ ବାଟାଲିୟନ ବିଏସଏଫ୍ ଯବାନ। ସେମାନେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପରେ କୋରାପୁଟ ସ୍ଥିତ ଓଡ୍ରାଫ ଟିମ୍ ସହ ସ୍ଥାନୀୟ ଯୁବକ ମାନେ ଆସି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ବିଏସଏଫ୍ ଆମ୍ବୁଲାନ୍ସ ସହ ବୈପାରିଗୁଡ଼ା ଓ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆମ୍ବୁଲାନ୍ସ ଦ୍ୱାରା ▶▶ପୃଷ୍ଠା ୭

## ମାନ୍ୟବର ଉପମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ବାଲେଶ୍ୱର ଜିଲ୍ଲା ଗସ୍ତ

ବାଲେଶ୍ୱର, ତା: ୨୮/୧୨: ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜି ଦିନିକିଆ ବାଲେଶ୍ୱର ଜିଲ୍ଲା ଗସ୍ତ କରିଛନ୍ତି ଓ ଏହି ଗସ୍ତ ସମୟରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ନିକଟରେ ଜିଲ୍ଲାରେ ଅଦିନିଆ ବର୍ଷାରେ ହୋଇଥିବା ଫସଲ କ୍ଷୟକ୍ଷତିର ବ୍ୟାପକ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ



ସହାୟତା ଦେବା ପାଇଁ ଜିଲ୍ଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ▶▶ପୃଷ୍ଠା ୭

## ଜାତୀୟ ଯୁବ ଦିବସରେ ନଟରାଜ କଳା ପରିଷଦ ପ୍ରଥମ ପୁରସ୍କୃତ

ବଲାଙ୍ଗିର, ୨୯/୧୨ (ନି.ପ୍ର): ନଟରାଜ କଳା ପରିଷଦ ବଲାଙ୍ଗିର ଜାତୀୟ ଯୁବ ଦିବସରେ ପ୍ରଥମ ପୁରସ୍କାର ହୋଇଛନ୍ତି । ରାଜଧାନୀ ଭୁବନେଶ୍ୱର ରେ ଗୁରୁଶ୍ରୀ ଖେଳୁଚରଣ ମହାପାତ୍ର ଙ୍କ ଅଡିଟରିୟମ ରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ବଲାଙ୍ଗିର ଜିଲ୍ଲା ରୁ ମନୋନିତ ହୋଇ ଯାଇଥିବା ନଟରାଜ କଳାପରିଷଦ କଳା ପ୍ରଦର୍ଶନରେ ଜାତୀୟ ସ୍ତରରେ ପ୍ରଥମ ହୋଇଥିବାରୁ ବଲାଙ୍ଗିରରେ ଖୁସିର ଲହରି ଖେଳି ଯାଇଛି । ବିଗତ ବର୍ଷରେ ବିଭିନ୍ନ ଆନ୍ତର୍ଜାତୀୟ ଓ ଜାତୀୟ ପୁରସ୍କାର ପାଇଥିବା ବେଳେ ଏ ବର୍ଷ ୨୦୨୫ ରେ ପୁଣି ପ୍ରଥମ ସ୍ଥାନ ପାଇଥିବାରୁ କଳାକାରମାନଙ୍କ ମନରେ ଉତ୍ସାହ ଭରି ରହିଛି । ଏହି କଳା ପ୍ରଦର୍ଶନ କରିଥିବା ପଙ୍କଜିନି ପୋଡ, ଜ୍ୟୋତିରେଖା ବାଗ, ବିଶ୍ୱଜିତ ସାହୁ, ଲକ୍ଷ୍ମଣ ଠାକୁର, ଜିତ ମହାନନ୍ଦ, ଇନ୍ଦ୍ର ମହାନନ୍ଦ, ସୁବଳ ନାଏକ, ଐଶ୍ୱିର୍ଯ୍ୟା ପୋଡ, ବିଶାଳ ନାଏକ, ଏବଂ ନଟରାଜ କଳା ପରିଷଦର ସଦସ୍ୟ କିଶୋର ଜାଲ, ରାମ ପ୍ରସାଦ ଦାସ, ବଳରାମ ରାଉତ, ସ୍ୱିଟି ସାହୁ, ଇତିଶ୍ରୀ ସେଠ, ସଭାପତି ହରିନାରାୟଣ ପୁଜାରୀ ଏବଂ ସଂପାଦକ ପ୍ରହ୍ଲାଦ ଦର୍ଜି ଓ ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ ଓ ସତ୍ୟବ୍ରତ ଆଚାର୍ଯ୍ୟ ଶୁଭେଚ୍ଛା ଜଣାଇଛନ୍ତି ।

## ନୀଳଗିରି କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତଃ ଡ. ମନମୋହନ ସିଂହଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୀଳଗିରି, ୨୯/୧୨ (ନି.ପ୍ର): ଭାରତର ଦୁଇ ଦୁଇଥର ପ୍ରଧାନମନ୍ତ୍ରୀ, ବିଚକ୍ଷଣ ଅର୍ଥନୀତିଜ୍ଞ, ପ୍ରଚଣ୍ଡ ପ୍ରତିଭାର ଅଧିକାରୀ, ସର୍ବଜନ ପ୍ରିୟ ରାଜନେତା ଡ. ମନମୋହନ ସିଂହଙ୍କ ଗତ ୨୬ ତାରିଖ ରାତି ଘ୯.୫୨ ମିନିଟ୍ ସମୟରେ ଦିଲ୍ଲୀଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ନିଧନ ହୋଇଥିଲା । ତାଙ୍କର ଅକାଳ ମୃତ୍ୟୁରେ ଦେଶବାସୀ ସ୍ତବ୍ଧ ହୋଇଯାଇଥିଲେ । ତାଙ୍କ ବିୟୋଗରେ ଦେଶରେ ୭ଦିନ ବ୍ୟାପୀ ରାଷ୍ଟ୍ରୀୟଶୋକ ପାଳନ କରାଯାଉଥିବା ବେଳେ,ଜାତୀୟ ପତକା ଅର୍ଦ୍ଧନମିତ କରାଯାଇଛି । ଅପର ପକ୍ଷରେ ତାଙ୍କ ଅମରଆତ୍ମାର ସଦଗତି କାମନା କରି ସମଗ୍ର ଦେଶରେ ଶୋକ ସଭା, ଶ୍ରଦ୍ଧାଞ୍ଜଳୀ ସଭାର ଅୟୋଜନ କରାଯାଉଛି । ନୀଳଗିରିରେ ମଧ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ, ନୀଳଗିରି କଂଗ୍ରେସ ଭବନ ପରିସରରେ ନୀଳଗିରି କଂଗ୍ରେସ କମିଟିପକ୍ଷରୁ ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସୂଚନାରୁ ଜଣାଯାଇଛି, ରାଜ୍ୟକଂଗ୍ରେସ କିଷାନ ମୋର୍ଚ୍ଚା ଉପସଭାପତି ଯଶୋଦା ନନ୍ଦନ ସିଂହଙ୍କ ଆବାହନରେ ଓ ବରିଷ୍ଠ କଂଗ୍ରେସ ନେତା ତଥା ଔପଦା ବ୍ଲକର ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ବେହେରା ଙ୍କ ସଭାପତିତ୍ୱରେ ଉକ୍ତ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱୋଳନକରି ସ୍ୱର୍ଗତ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେବା ସହିତ ଉପସ୍ଥିତ ସମସ୍ତ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।ଉକ୍ତ ଶ୍ରଦ୍ଧାଞ୍ଜଳୀ ସଭା ରେ ଉପସ୍ଥିତ ବରିଷ୍ଠ ନେତା ଦୀପ୍ତିକାନ୍ତ ମହାପାତ୍ର, ସଦାଶିବ ରଥ, ପିସିସି ସଦସ୍ୟ ବିକାଶ ଦାସ,ଯୁବ ନେତା ତପନ ରାଉତ, ଔପଦା ବ୍ଲକ ସଭାପତି ଗଦାଧର ପରିଡା, ଯୋଗେଶ୍ୱର ବେହେରା,ପ୍ରଫୁଲ୍ଲ ବେହେରା, ରାସ ମହାପାତ୍ର, ନୀଳଗିରି ବ୍ଲକ୍ ମହିଳା ସଭାପତି ବାସନ୍ତୀ ସିଂ,ନଗର ସଭାପତି,ଉପେନ୍ଦ୍ର ବେହେରା ପ୍ରମୁଖ ସ୍ୱର୍ଗତ ଡ. ସିଂହଙ୍କ ବହୁମୁଖୀ ପ୍ରତିଭା, ସୁଶାସନ, କର୍ତ୍ତବ୍ୟ ନିଷ୍ଠା ତଥା ଦେଶପାଇଁ କରିଥିବା ଅନେକ ଜନ କଲ୍ୟାଣ କାରୀ ଯୋଜନା ସଂପର୍କରେ ନିଜନିଜର ବକ୍ତବ୍ୟ ରଖିଥିଲେ ।ଉକ୍ତ ଶ୍ରଦ୍ଧାଞ୍ଜଳୀ ସଭାରେ ଅନ୍ୟ ମାନଙ୍କ ମଧରେ, ଅଶ୍ୱନି ପାତ୍ର, ଜୟନାରାୟଣ ରାଉତ, ପୀତାମ୍ବର ସିଂ, ବିଦ୍ୟାଧର ମହାନ୍ତି, ଭାଗିରଥୀ ବେହେରା,ବିଜୟ କୁମାର ବିଶ୍ୱାଳ,ପ୍ରମୋଦ ମହାଳିକ, ପ୍ରିତିସଙ୍କର ମହାପାତ୍ର, ରାଧେଶ୍ୟାମ ଦାସ,ଖଗେନ୍ଦ୍ର ପ୍ରଧାନ, ଉଜ୍ଜଳ ଦେବ ଗୋସ୍ୱାମୀ, ହେମନ୍ତ ନାୟକ, ବ୍ରଜ ପୁଷ୍ଟି,ବିଜୟ କୁମାର ଗିରି, ନୟନ କଲ୍ୟାଣ ଦାସ, ଭାସ୍କର ମହାପାତ୍ର, ବାସୁଦେବ ପାତ୍ର,ବିଜୟ ବିଶ୍ୱାଳ, ଭାସ୍କର ମହାନ୍ତି, ଶଙ୍କର୍ଷଣ ନାୟକ, ପତିତ ପାବନ ଦାସ, ଅମୂଲ୍ୟ ନାୟକ,ରାଜା ଦଳେଇ, ପ୍ରକାଶ ଚନ୍ଦ୍ର ଚୌଧୁରୀ ପ୍ରମୁଖ ଶତାଧିକ କଂଗେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।



## ପିଏମ୍ ପୋଷଣ ଯୋଜନାରେ ରୋଷେୟା ଓ ପାଚିକା ସହାୟିକା ମାନଙ୍କୁ ପ୍ରଶିକ୍ଷଣ

ମାଲକାନଗିରି, ୨୯/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଏମ୍ ପୋଷଣ ଯୋଜନାରେ ରୋଷେୟା ଓ ପାଚିକା ସହାୟିକା ମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ମଧାହ୍ନ ଭୋଜନକୁ କିପରି ସଫା ସୁତୁରା ଓ ନିର୍ମଳ ଭାବେ ସୁରକ୍ଷିତ, ପୃଷ୍ଟିଯୁକ୍ତ ରୋଷେଇ କରି ବିଦ୍ୟାର୍ଥୀ ମାନଙ୍କୁ ପରସା ଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମଧାହ୍ନ ଭୋଜନ ରୋଷେଇ ସମୟରେ ଆପ୍ରୋନ ପରିଧାନ, ମୁଣ୍ଡରେ ଟୋପି, ରୋଷେଇ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ବିଦ୍ୟାର୍ଥୀ ମାନଙ୍କର ପ୍ରବେଶକୁ ବାରଣ ପ୍ରମୁଖ ରୋଷେୟାମାନେ ଧ୍ୟାନ ଦେବାକୁ ତାଲିମଦାତା ମତପ୍ରକାଶ କରିଥିଲେ । ପରସା ଯାଉଥିବା ଖାଦ୍ୟ କିପରି ସ୍ୱାଦଯୁକ୍ତ ହେବ ସେନେଇ କ୍ଲଷ୍ଟର ସ୍ତରରେ ରୋଷେଇ ପ୍ରତିଯୋଗୀତା କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରକାରର ସୁସ୍ୱାଦିଷ୍ଟ ବ୍ୟଞ୍ଜନ ରୋଷେୟା ମାନେ ପ୍ରସ୍ତୁତ କରିଥିଲେ । ତାଲିମ ଶିବିର ଯୋଗଦେଇଥିବା ସମସ୍ତ ରୋଷେୟା ମାନଙ୍କୁ ପ୍ରମାଣପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ ରାୟ ପ୍ରଦାନ କରିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ରୋଷେୟା ମାନଙ୍କୁ ନେଇ ବ୍ଲକ ସ୍ତରରେ ପ୍ରତିଯୋଗୀତା ହେବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ରାୟ ସୂଚନା ଦେଇଥିଲେ । ପଂଚାୟତ ସମିତି ଅନ୍ତର୍ଗତ ସମସ୍ତ ୨୦ଟି ପଂଚାୟତରେ ଥିବା ସମସ୍ତ ପ୍ରକାରର ବିଦ୍ୟାଳୟର ରୋଷେୟା ଓ ପାଚିକା ସହାୟିକା ଏହି ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

## ବନ୍ଧମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

କେନ୍ଦ୍ରାପଡ଼ା, ୨୯/୧୨ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗୁଲନଗର ପଂଚାୟତର ରାମନଗରପାଟଣାସ୍ଥିତ ବନ୍ଧମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ହୋଇଛି । ଆଜି ସଦର ଥାନାରେ ମନ୍ଦିର ବନ୍ଧମଙ୍ଗଳା କମିଟିର ସଭାପତି ବଟକୃଷ୍ଣ ମହାରଣା ଲିଖିତ ଅଭିଯୋଗ କରିଛନ୍ତି । ଶ୍ରୀ ମହାରଣା କହିଛନ୍ତି ଯେ ଗତ ଶୁକ୍ରବାର ରାତିରେ ମା'ଙ୍କ ପୂଜାବିଧି ସରିବା ପରେ କବାଟରେ ତାଲା ପକାଯାଇଥିଲା । ଶନିବାରଦିନ ସକାଳେ ଶ୍ରୀ ମହାରଣାଙ୍କ ଭଉଣୀ ଫୁଲ ରଖିବା ପାଇଁ ମନ୍ଦିରକୁ ଯିବାରୁ ସେ ଦେଖିଲେ ମନ୍ଦିରର ତାଲା ଭଙ୍ଗାଯାଇଛି । ଭିତରେ ଥିବା ଦାନବାକ୍ସର ତାଲା ମଧ ଭଙ୍ଗାଯାଇ ସମସ୍ତ ଟଙ୍କା(୫୦ହଜାରରୁ ଉର୍ଦ୍ଧ୍ୱ) ଦୁର୍ବୃତମାନେ ଲୁଟ୍ କରିବା ସହିତ ମନ୍ଦିରର ଗର୍ଭଗୃହ ତାଲା ଭଙ୍ଗାଯାଇ ମା' ମଙ୍ଗଳାଙ୍କର ରଖାଯାଇଥିବା ପାଂଚଟି ରୂପା ମୁକୁଟ, ହାର ଓ ଅନ୍ୟନ୍ୟା ଅଳଙ୍କାର ସାମଗ୍ରୀ ଲୁଟ୍ କରାଯାଇଛି ବୋଲି ସଦର ଥାନାରେ ଅଭିଯୋଗ କରାଯାଇଛି ।

## ବଲାଙ୍ଗୀର ଜିଲ୍ଲାରେ ସରକାରଙ୍କ ଧାନ କିଣାକୁ ନେଇ ଚାଷୀଙ୍କ ଅସନ୍ତୋଷ

ବଲାଙ୍ଗୀର, ୨୯/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ସରକାରଙ୍କ ଧାନ କିଣାକୁ ନେଇ ଆସିଛି ଚାଷୀଙ୍କ ଅସନ୍ତୋଷର ପ୍ରତିବାଦ । ସରକାର ପ୍ରଥମେ ନୋଟିସ ମଧମରେ ଜିଲ୍ଲାର ଅର୍ନ୍ତଗତ ବଲାଙ୍ଗୀର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କର ଅବଗତି ନିମନ୍ତେ ଚଳିତ ୨୦୨୪ ବର୍ଷ ଡିସେମ୍ବର ମାସ ୨ ତାରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତି ହୋଇଥିବାର ଘୋଷଣା କରିଥିଲେ । କିନ୍ତୁ ନିର୍ଦ୍ଧାଚିତ ସମୟରେ ମଣ୍ଡି ନ ଖୋଲାଯାଇ ପ୍ରାୟ ୨୦ ଦିନରୁ ଅଧିକ ବିଳମ୍ବରେ ମଣ୍ଡି ଖୋଲାଗଲା ଯାହାଦ୍ୱାରା ଚାଷୀ ଅଭାବି ବିକ୍ରିର ଶିକାର ହୋଇ ଧାନ ୧୪୦୦ ଟଙ୍କାରୁ ୧୯୦୦ ଟଙ୍କା ମଧରେ ବିକ୍ରି କରିବା ପାଇଁ ବାଧହୋଇ ଶୋଷିତ ହେଲା । ଏବଂ ଅଦିନିଆଁ ବର୍ଷା ଯୋଗୁଁ ଚାଷୀ ପାଖରେ ଥିବା ଧାନ କ୍ଷତି ମଧ ହେଲା । ଏଣୁ ଅଦିନିଆଁ ବର୍ଷାରେ କ୍ଷତି ହୋଇଥିବା ଧାନର ସରକାର ଉଚିତ୍ କ୍ଷତି ପୂରଣ କରିବାକୁ ସଂଘ ଦାବି କରୁଛି । ଅନ୍ୟ ପକ୍ଷରେ ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ଖରିଫ ଋତୁ(୨୦୨୪ – ୨୫) ବର୍ଷ ପାଇଁ ଧାନର ସର୍ବ ନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ପ୍ରତି କ୍ୱିଂଟାଲ୍ କିଣିବାକୁ ସ୍ଥିର ହୋଇଥିବା ଏବଂ ୮୦୦ ଟଙ୍କା ପ୍ରତି କ୍ୱିଂଟାଲ୍ ଇନପୁଟ ସବସିଡି ଦେଇ ସର୍ବ ମୋଟ ୩୧୦୦ ଟଙ୍କା ପ୍ରତି କ୍ୱିଂଟାଲ୍ କିଣିବାକୁ ଘୋଷଣା କରିଛନ୍ତି । କିନ୍ତୁ ନିର୍ବାଚନ ସମୟରେ ସରକାର ଦେଇଥିବା ପ୍ରତିଶୃତି ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ପ୍ରତି କ୍ୱିଂଟାଲ୍ କରିବା କଥା ହେଲେ ସରକାର ଧାନ କ୍ୱିଂଟାଲ୍ ପ୍ରତି ୨୩୦୦ କରିଛନ୍ତି । କିନ୍ତୁ ଏଠି ସରକାରଙ୍କୁ ଚାଷୀ ମାନଙ୍କର ପ୍ରଶ୍ନ ରହୁଛି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ବଦଳରେ ୨୩୦୦ ଟଙ୍କା କାହିଁକି ରଖୁଛନ୍ତି । ଏହା ଫଳରେ ପୂର୍ବରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୨୦୦ ଟଙ୍କା ପ୍ରତି କ୍ୱିଂଟାଲ୍ ଥିବାବେଳେ ରାଜ୍ୟ ସରକାରଙ୍କ ସିଡ କୋର୍ପୋରେସନ ବିଭାଗ ୨୨୦୦ ଟଙ୍କାରୁ ଅଧିକ ଟଙ୍କା ବିହନ ବାବଦକୁ ଦେଉଥିଲା । ଯଦି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ଅନୁଯାୟୀ ଧାନର ମୂଲ୍ୟ ୩୧୦୦ ଟଙ୍କା ହୋଇଥିଲେ ଆଜି ବିହନ ବିକ୍ରି କରିବାରେ ଚାଷୀଙ୍କୁ ୩୧୦୦ ଟଙ୍କାରୁ ଅଧିକ ଟଙ୍କା ବିହନ ବାବଦକୁ ମିଳିଥାନ୍ତା । କିନ୍ତୁ ସରକାରଙ୍କ ଏହି ମିଥ୍ୟା ରାଜନୈତିକ ପ୍ରତିଶୃତି ଯୋଗୁଁ ଆଜି ଚାଷୀ ୮୦୦ ଟଙ୍କାରୁ ଅଧିକ ବିହନ ବିକ୍ରିରେ କ୍ଷତି ସହୁଛି । ଆମର ଦାବି ରହୁଛି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ପାଳନ କରନ୍ତୁ ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ଘୋଷଣା କରି ଚାଷୀଙ୍କୁ ପ୍ରଦାନ କରନ୍ତୁ । ସରକାର ବିନା କଟନି ଛଟନିରେ ଧାନ କିଣୁଛନ୍ତି ବୋଲି ସରକାର ଭୁଆଁ ବୁଲାଇ ମିଛ କହୁଥିବା ବେଳେ ପ୍ରାୟତଃ ସମସ୍ତ ମଣ୍ଡିରେ ଖୁଲମ୍ଖୁଲା ୨ କେଜିରୁ ୫ କେଜି ପର୍ଯ୍ୟନ୍ତ ଧାନ କାଟୁଛନ୍ତି । ଯଦ୍ୱାରା ଚାଷୀର କ୍ଷତି ହେଉଛି । ସରକାର ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ । ମିଲର୍ ଧାନ ସଂଗ୍ରହ କରିବା ପୂର୍ବରୁ ଚାଷୀଙ୍କୁ ଅଖା ବସ୍ତା ଯୋଗାଇ ନପାରିବାକୁ ଚାଷୀ ଜରି ବସ୍ତାରେ ଧାନ ସଂଗ୍ରହ କରି ରଖିଛି । କିନ୍ତୁ ବର୍ତମାନ କିଛି ମଣ୍ଡିରୁ ଜରି ବସ୍ତାରେ ଧାନ ଉଠୁଥିବାବେଳେ ଅଧେରୁ ଅଧିକ ମଣ୍ଡିରେ କରି ବସ୍ତାରେ ଧାନ ଗ୍ରହଣ କରିବାକୁ ମିଲର ଖୁଲମଖୁଲା ମନା କରିଦେଉଛନ୍ତି । ଏବଂ ଫଟା ଅଖା ବଣ୍ଡା ମିଲର ଯୋଗାଇଛନ୍ତି । ଯାହାଦ୍ୱାରା ଚାଷୀ ପ୍ରତି କ୍ୱିଂଟାଲ୍‌ରେ ୩ ରୁ ୪ କେଜି ଧାନର କ୍ଷତି ସହୁଛି । ଏଣୁ କରି ବସ୍ତାରେ ଥିବା ଧାନ ମଧ ମିଲର ଗ୍ରହଣ କରିବାକୁ ଚାଷୀ ସଂଗଠନ ଦାବି କରୁଛି । ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଚାଷୀଙ୍କୁ କମ ପରିମାଣର ଟୋକନ ଦିଆଯାଉଛି । ଯଦ୍ୱାରା ଚାଷୀ ଆଦାୟ କରୁଛି ପାଖାପାଖି ୨୫ କ୍ୱିଂଟାଲ୍ ପ୍ରତି ଏକର । କିନ୍ତୁ ବିକ୍ରି କରିବା ପାଇଁ କେଉଁଠି ୧୩ କ୍ୱିଂଟାଲ୍‌ର ସୁଯୋଗ ରହିଥିବାବେଳେ ଆଉ କେଉଁଠି ୧୯ କ୍ୱିଂଟାଲ୍‌ର ସୁଯୋଗ ରହିଛି । ଯାହାଫଳରେ ପ୍ରତ୍ୟେକ ଚାଷୀଙ୍କର କ୍ଷତି ହୋଇ ଅଭାବି ବିକ୍ରିର ଶିକାର ହେଉଛି । ଏଣୁ ସରକାର ଚାଷୀମାନଙ୍କ ପାଖରେ ମହଜୁଦ ଥିବା ସମସ୍ତ ଧାନ କ୍ରୟ କରିବାର ବ୍ୟବସ୍ଥା କରନ୍ତୁ । ହାତୀ, ବାରାହା, ମାଙ୍କଡ଼ ପ୍ରମୁଖ ଜଙ୍ଗଲ ଜୀବଜନ୍ତୁଙ୍କ ଯୋଗୁଁ ହେଉଥିବା ଚାଷୀର କ୍ଷୟକ୍ଷତିର ଆକଳନ କରି ଚାଷୀକୁ ତାର ଉଚିତ କ୍ଷତି ପୂରଣ ଯୋଗାଇ ଦେବା ସଙ୍ଗେସଙ୍ଗେ ପ୍ରତିଷେଧକ ମୂଳକ ସୁରକ୍ଷାର ବ୍ୟବସ୍ଥା କରିବା ପାଇଁ କୋଶଲୀ କିଶାନ ସଭାର ଉପଦେଷ୍ଟା ତଥା ବରିଷ୍ଠ ଚାଷୀ ନେତା ଆକାଶ ମିଶ୍ର ଆଜିର ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରି ସରକାରଙ୍କ ପାଖରେ ଦାବି ଜଣାଇଛନ୍ତି ଓ ସରକାର ଅତିଶୀଘ୍ର ଏହି ସବୁ ସମସ୍ୟାର ସମାଧନ କରନ୍ତୁ ନଚେତ ସମସ୍ତ ଚାଷୀ ସଂଗଠନ ଓ ସମସ୍ତ ଚାଷୀମାନଙ୍କୁ ନେଇ ଆଗାମୀ ଦିନରେ ରାଜ୍ୟ ବ୍ୟାପି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆଜିର ସମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଯଦି କିଛି ଅଘଟଣ ଘଟେ ତାରି ପାଇଁ ସରକାର ଦାୟୀ ରହିବେ ବୋଲି ଚାଷୀ ନେତା ଶ୍ରୀ ମିଶ୍ର କହିଛନ୍ତି । କୋଶଲୀ କିଶାନ ସଭାର ସଭାପତି ପ୍ରସାନ୍ତ ଭୋଇ, କାର୍ଯ୍ୟକାରୀ ସଭାପତି କସ୍ତୁବ ସାହୁ, ବରିଷ୍ଠ ଚାଷୀ ରବିନ୍ଦ୍ର ମିଶ୍ର, ରାଧାକାନ୍ତ ନାୟକ, କଙ୍ଗାଳି ଚରଣ ସାହୁଙ୍କ ସମେତ ପ୍ରମୁଖ ଚାଷୀ ନେତାମାନେ ଆଜିର ଏହି ସମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଚାଷିର ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାର ଅଭିଯୋଗ କରିଥିଲେ ।

## ଜଗଦଗୁରୁ ଶ୍ରୀ କୃପାଳୁ ଜୀ ମହାରାଜଙ୍କ ପୌତ୍ର ଶ୍ରୀ ନୀଳମଣି କୃପାଳୁ ଦାସଜୀ ଦିବ୍ୟ ଆଧାତ୍ମିକ ପ୍ରବଚନ

ବଲାଙ୍ଗିର, ୨୯/୧୨ (ନି.ପ୍ର): ଜଗଦଗୁରୁ ଶ୍ରୀ କୃପାଳୁ ଜୀ ମହାରାଜଙ୍କ ପୌତ୍ର ଶ୍ରୀ ନୀଳମଣି କୃପାଳୁ ଦାସ ଜୀଙ୍କ ତୃତୀୟ ଦିନର ଦିବ୍ୟ ଆଧାତ୍ମିକ ପ୍ରବଚନ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡ଼ିଆରେ ଆଜି ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ତା ପୂର୍ବରୁ ରସମୟ ସଂକୀର୍ତନରେ ଅଂଚଳ ଭକ୍ତିମୟ ହୋଇଥିଲା । ଆଜିର ପ୍ରବଚନରେ ଗୁରୁ ବା ମହାପୁରୁଷ ବିଷୟରେ ଅତି ସୁନ୍ଦର ଭାବରେ ବୁଝାଇଥିଲେ । ଗୁରୁ କିଏ ? କୌଣସି ଶ୍ରୋତ୍ରିୟ ବ୍ରହ୍ମନିଷ୍ଠ ମହାପୁରୁଷ ହିଁ ଗୁରୁ ପାଇଁ ଯୋଗ୍ୟ । ଗୁରୁଙ୍କୁ ଏହି ମାୟାଧିନ ଜୀବ କିପରି ଚିହ୍ନି ପାରିବ ? ଉତରରେ ଯେଉଁ ବ୍ରହ୍ମା,ଶଙ୍କର ,ନାରଦ, ଭରତ, ଲକ୍ଷ୍ମଣ,ହନୁମାନଙ୍କ ପରି ଭଗବାନ ମାନଙ୍କୁ ମାୟା ଲାଗିବା ଉଦାହରଣ ଦେଇ ଏହି ସାଂସାରିକ ଜୀବ କିପରି ଜାଣିବ କହି ଏହାର ଉତର ଆଗାମୀ ପ୍ରବଚନରେ ଜଣାଇବେ । ତାଛଡା ବୈରାଗ୍ୟ ର ସ୍ୱରୂପ, ସଂସାର ର ସ୍ୱରୂପ , ଭଗବଦ୍ ଶରଣାଗତି, ଭଗବଦ୍ କୃପା ଓ ଭଗବାନଙ୍କୁ ପାଇବା ପାଇଁ ସହଜ ସରଳ ମାର୍ଗ କଣ ଏହିପରି ଅନେକ ବିଷୟ ପ୍ରସ୍ତୁତ ହୋଇ ରହିଛି । କାର୍ଯ୍ୟକ୍ରମରେ ଅନେକ ଭକ୍ତ ସେମାନଙ୍କ ଦିବ୍ୟ ଅନୁଭୂତି ଜଣାଇ ବୃନ୍ଦାବନ ଧାମ ର ଭାବନା ଆସୁଛି ବୋଲି ମତ ରଖିଛନ୍ତି । ଆହୁରି ଅନେକ ଜଣ ଏହି କାର୍ଯ୍ୟକ୍ରମ କୁ ଆଗକୁ ବଢ଼ାଇବାକୁ ଅନୁରୋଧ କରିଛନ୍ତି । ଏହି ପ୍ରବଚନ ଶୁଣିବା ପାଇଁ ବଲାଙ୍ଗିର ସହର ଓ ପାଖାପାଖି ଅଂଚଳର ପ୍ରାୟ ୧୫୦୦ ଉପରେ ଭକ୍ତଙ୍କ ସମାଗମ ହୋଇଥିଲା । ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମଧ ଆସି ପ୍ରବଚନ ଶୁଣିଥିଲେ । ପ୍ରବଚନ ଶେଷ ରେ ରାଧାକୃଷ୍ଣ ଙ୍କ ଆରତୀ କରିବା ପରେ ଭକ୍ତ ମାନଙ୍କୁ ମିଷ୍ଟାନ୍ନ ପ୍ରସାଦ ବଂଟନ କରାଯାଇଥିଲା ।

ଶ୍ରୀ ନୀଳମଣି ଜୀଙ୍କ ସାନ୍ନିଧରେ ଆଜିଠାରୁ କୋଶଳ କଳାମଣ୍ଡଳ ପ୍ରବଚନ ସ୍ଥଳ ରେ ସକାଳ ୧୦ ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ସତସଙ୍ଗ, ଭଜନ କୀର୍ତନ ମାଧମରେ ଭକ୍ତି ସାଧନା ଶିକ୍ଷା କାର୍ଯ୍ୟକ୍ରମ ରହିଛି ।

## ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ସମ୍ବଲପୁର ନାଗରିକ ସଭାରେ ଆହ୍ୱାନ

ସମ୍ବଲପୁର, ୨୯/୧୨ (ନି.ପ୍ର): ଗନ୍ଧମାର୍ଦ୍ଦନ ପ୍ରତି ଆସନ୍ନ ବିପଦକୁ ନେଇ ସମ୍ବଲପୁରରେ ପ୍ର. ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗନ୍ଧମାର୍ଦ୍ଦନ ବଞ୍ଚଅ ଆନ୍ଦୋଳନ ଐତିହାସିକ ଥିଲା ଓ ଏହି ଗଣ ଆନ୍ଦୋଳନ ଭାରତର ବହୁ ଆନ୍ଦୋଳନକୁ ପ୍ରେରିତ କରିଛି ବୋଲି କହିଥିଲେ । ଗଣଅଂଶଗ୍ରହଣ, ଗଣଭିତି ଓ ମହିଳାମନଙ୍କ ସଂପୃକ୍ତି ସହ ଯେଉଁଠି ଲୋକେ ଲୋଭ ଓ ଭୟମୁକ୍ତ ହେଇ ଲଢନ୍ତି ସେଠି ବିଜୟ ସୁନିଶ୍ଚିତ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ସରୋଜ ଉଭୟ ଅଶୀ ଓ ନବେ ପରବର୍ତ୍ତୀ ବିସ୍ଥାପନ ବିରୋଧୀ ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ । ଜଗତୀକରଣ ଯୁଗ ରେ ସ୍ଥାନୀୟ ସମ୍ପଦ ଓ ସଂସ୍କୃତି ଉପରେ ବଜାରୀ ଶକ୍ତି ର ଆକ୍ରମଣ କୁ ପ୍ରତିହତ ନ କଲେ ପ୍ରାକୃତିକ ସମ୍ପଦ, ପରିବେଶ, ଜଳବାୟୁ ସବୁ କିଛି ଧ୍ୱଂସ ପାଇଯିବ ବୋଲି ସେ କହଥିଲେ । ଅବିଚାରିତ ଶିକ୍ଷାୟନ ବଦଳ ରେ ଜ୍ଞାନ ଭିତ୍ତିକ , କୃଷି ଭିତ୍ତିକ, ଜଙ୍ଗଲ ଭିତ୍ତିକ ଶିକ୍ଷ କୁ ଗୁରୁତ୍ୱ ଦେବା ଓ ଆଗାମୀ ପୀଢ଼ି ଲାଗି ସମ୍ପଦ କୁ ସୁରକ୍ଷିତ ରଖିବା ଉପରେ ଡଃ. ଆଦିତ୍ୟ ପ୍ରସାଦ ପାଢ଼ୀ ଗୁରୁତ୍ୱ ଆରୋପ କରିଥିଲେ ।

## ପିଏମ୍ ପୋଷଣରେ କାର୍ଯ୍ୟ କରୁଥିବା ପାଚିକାମାନଙ୍କ ୬ଟି ପର୍ଯ୍ୟାୟରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୯/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପି.ଏମ୍. ପୋଷଣରେ କାର୍ଯ୍ୟ କରୁଥିବା ପାଚିକାମାନଙ୍କ ୬ଟି ପର୍ଯ୍ୟାୟରେ ବ୍ଲକସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ଗୋଷ୍ଠୀ ସହ – ଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଧା ଓ ସମ୍ମାନିତ ଅତିଥି ଭାବେ ଜଗତ ମଲ୍ଲିକ ଯୋଗଦେଇ ପି.ଏମ୍. ପୋଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପାଚିକାମାନଙ୍କ ଦାୟିତ୍ୱ ଓ କର୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ । ଡୁଙ୍ଗୁରିପାଲି ବ୍ଲକର ବେହେରାମାଲ, ସମଲେଇଚୁଆଁ, ସହଲା, ତମାମୁରା, ଚିନାଜୁରୀ, ଡୁଙ୍ଗୁରିପାଲି, ଶୁଖା, ଇଛାପୁର, ସର୍ଗୁଲ କ୍ଲଷ୍ଟରରୁ ପାଚିକା ତଥା ସହାୟିକା ଯୋଗଦେଇ ମଧାହ୍ନ ଭୋଜନ କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ଜଳ ସଂରକ୍ଷଣ, ପୋଷଣ ବଗିଚା, ଅମ୍ଳାନ କାର୍ଯ୍ୟକ୍ରମ ବିଷୟରେ ତାଲିମ ନେଇଥିଲେ । ଗଜବନ୍ଧ ସି.ଆର୍.ସି.ସି ନରେନ୍ଦ୍ର କୁମାର ପୁରୋହିତ, ଚେରୁପାଲି ସି.ଆର୍.ସି.ସି ଦିଲୀପ କୁମାର ପଧାନ, ଅନ୍ଧାରିବାଞ୍ଜି ସି.ଆର୍.ସି.ସି ଚିତରଞ୍ଜନ ଠାକୁର, ପ୍ରଧାନ ଶିକ୍ଷକ କରମ ଚନ୍ଦ୍ର ବାରିକ, ପିଏମ ପୋଷଣ ତଥ୍ୟ ପରିଚାଳକ ବିନାୟକ ମିଶ୍ର ତାଲିମ ପ୍ରଦାନ କରିଥିଲେ । ପାଚିକାମାନଙ୍କ ମଧରେ ଅନୁଷ୍ଠିତ ରୋଷେଇ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସି.ଆର୍.ସି.ସି ପ୍ରବୀର ଭୋଇ ସର୍ଗୁଲ ସି.ଆର୍.ସି.ସି ନୀଳକଣ୍ଠ ନାଏକ, ବେହେରାମାଲ ସିଆରସିସି ସୁରେନ୍ଦ୍ର କୁମାର ରଥ, ସହଲା ସି.ଆର୍.ସି.ସି ରଞ୍ଜନ କୁମାର ଦାଶ, ତମାମୁରା ସି.ଆର୍.ସି.ସି ଶୁଭଲାଲ ସାହୁ, ଇଛାପୁର ସି.ଆର୍.ସି.ସି ସୁଧାଂସୁ ଶେଖର ସାହୁ, ଚିନାଜୁରୀ ସି.ଆର୍.ସି.ସି ରମେଶ ଭୋଇ, ଶୁଖା ସି.ଆର୍.ସି.ସି ସୁରେଶ କୁମାର ନାୟକ ଛଞ୍ଚାନି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଜୁଆଡ଼ି ଓ ସହକାରୀ ଶିକ୍ଷକ ଆଦିତ୍ୟ କୁମାର ବିଶ୍ୱାଳ, ଲଙ୍ଗଲକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦାମ ଖମାରୀ, କୁଢାରୀକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥବିର ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନପତ୍ର ବିତରଣ କରିଥିଲେ । ବିଭୁତି ପଧାନ, ଇନ୍ଦ୍ରା ବଗର୍ତି, ସବିତା ଚନ୍ଦନ, ସୁଷମା ଦିଶିରୀ ସହଯୋଗ କରିଥିଲେ । ଶେଷରେ ବଡ଼ନୂଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚିକା ନିର୍ବାଣୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତିଗତ ନିର୍ଯାତନା ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନିଷ୍କ୍ରିୟ ଏସ୍‌ପିଙ୍କୁ ଭେଟିଲା ମୂଳନୀବାସୀ ୟୁନାଇଟେଡ୍ ଫୋରମ

କେନ୍ଦ୍ରାପଡ଼ା, ୨୯/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଜାତିଗତ ନିର୍ଯାତନା ନାବାଳିକା ଦୁଷ୍କର୍ମ ମାମଲା ଓ ବୃଦ୍ଧା ମହିଳାଙ୍କୁ ଯଦୁପୁର ସରପଂଚ ଓ ଅନ୍ୟ ଆସାମୀମାନେ ଖୁଂଟିରେ ବାନ୍ଧି ବାଡ଼େଇବା ମାମଲା ଓ ପଳାସପୁର ଦୀପକ ମଲ୍ଲିକ ନିର୍ଯାତନା ମାମଲାରେ ପୁଲିସ ନିଷ୍କ୍ରିୟ ନେଇ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଗୁହାରୀ କରିଥିଲେ । ଜିଲ୍ଲାରେ ଦଳିତ ବର୍ଗଙ୍କ ଉପରେ ହତ୍ୟା, ଦୁଷ୍କର୍ମ, ଘରପୋଡ଼ି ଓ ନିର୍ଯାତନା ମାମଲା ପୁଲିସ ଥାନାରେ ଚାପିଦେବା ସହ ବହୁତ ମାମଲାରେ ମିଥ୍ୟା କାଉଂଟର ମାମଲା କରୁଛନ୍ତି । ଯଦୁପୁର ଦଳିତ ବୃଦ୍ଧା ପ୍ରତିମା ସାମଲଙ୍କୁ ସଂଯୁକ୍ତା ବେଉରା ଓ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ବେଉରା ଓରଫ ହାବା ସେହିଗ୍ରାମ ଜଣେ ବିବାହିତା ମହିଳା ଓ ଅନ୍ୟ ଜଣଙ୍କ ସହିତ ବିବାହକୁ ନେଇ ସହଯୋଗୀ ଭାବି ଦୁଇବର୍ଷ ତଳେ ବିଦ୍ୟୁତ ଖୁଂଟରେ ବାନ୍ଧି ବାଡ଼େଇଥିଲେ । ପୁଲିସ ଉଦ୍ଧାର ପରେ ମାମଲା ୪୮୨/୨୩ ମସିହାରେ ମାମଲା ହୋଇଥିଲେ ମଧ ରାଜନୈତିକ ଚାପ ଓ ପ୍ରଲୋଭନରେ ଏସ୍‌ଡିପିଓ ଆସାମୀଙ୍କୁ ଗିରଫ କଲା ନାହିଁ । ଏନେଇ ରାଜ୍ୟ ମାନବିକ ଅଧିକାର କମିଶନରଙ୍କ ନିକଟରେ ମାମଲା ଚାଲୁଅଛି । ସେ ମାମଲାରେ ୧୫ଦିନ ମଧରେ ଯୁଗ୍ମ ତଦନ୍ତ ହେବାର ପ୍ରବଧାନ ଥିଲେ ମଧ ସରପଂଚ ଓ ମାର୍ଶାଘାଇ ତହସିଲଦାର ଚାପରେ ବାରବାର ଜାତି ପ୍ରମାଣପତ୍ର ପ୍ରଦାନ କରୁନଥିବାରୁ ଏହା ହୋଇପାରୁନି ବୋଲି ଜିଲ୍ଲା ଏସ୍‌ପି କହୁଛନ୍ତି । ସେହିପରି ତେରେଗା ଦଳିତ ନାବାଳିକାକୁ ଦଶହରା ଦିନ ଅପହରଣ ପରେ ଦୁର୍ବ୍ୟବହାର ମାମଲା ୧୯୭/୨୪ରେ ପଞ୍ଜିକରଣ ହୋଇଥିଲେ ମଧ ଥାନାରେ ଥିବା ଏଏସ୍‌ଆଇ ପ୍ରୀତିଲାଲ ମାଡାମ ଥାନାରେ ନାବାଳିକା ପୀଡ଼ିତାକୁ ଧମକ ଚମକ ଦେଇ ନିର୍ଯାତନା ସମ୍ବନ୍ଧରେ ଜଜ୍ ନିକଟରେ ମୁହଁ ନଖୋଲିବାକୁ କହିଥିଲେ । ନାବାଳିକା ଦୁର୍ବ୍ୟବହାର ଦଫା ଲାଗିଥିଲେ ମଧ ପୁଲିସ ତିନି ମାସ ପରେ ବି ଆସାମୀର ଛାଇ ଛୁଇଁ ପାରୁନାହିଁ । ଏପରିକି ଆସାମୀ ବାର ବାର ମୋବାଇଲରେ ହତ୍ୟା ଧମକ ଓ ଅଶ୍ଳୀଳ ଗାଳି ଦେଉଛି । ଅଭିଯୋଗ ପରେ ବି ମାମଲା ହୋଇନାହିଁ । ଏହି ମାମଲାରେ ପୁନଃବାର ୧୬୪ରେ ଜଜ୍ ପାଖରେ ବୟାନ ଓ ଡାକ୍ତରୀ ମଇନା ପାଇଁ ଏସ୍‌ପିଙ୍କୁ ନିବେଦନ ସହ ଏଏସ୍‌ଆଇ ମାଡାମ୍‌ଙ୍କ ନାମରେ ମାମଲା ରୁଜୁ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପଳାସପୁର ମାମଲା ଓ୩/୨୪ରେ କାର୍ଯ୍ୟାନୁଷ୍ଠାନ ଓ ଯୁଗ୍ମ ତଦନ୍ତ ରିପୋର୍ଟ ପାଇଁ ଦାବି କରାଯାଇଛି । ଏସ୍‌ପି ଏହା ଉପରେ ୭ଦିନ ଭିତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାସହ ପୁଲିସ ବିରୁଦ୍ଧରେ ମାମଲା ପାଇଁ ଦରଖାସ୍ତ କରିବାକୁ କହିଥିବାର ଜଣାପଡ଼ିଛି । ଫୋରମର ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ରାଜ୍ୟ କମିଟି ସଭ୍ୟା ସୁପ୍ରଭା ମଲ୍ଲିକ ଓ ପ୍ରତାପ ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ଦାସ, ସୁରେନ୍ଦ୍ର ମଲ୍ଲିକ, ବିଳାସିନୀ ମଲ୍ଲିକ, ପ୍ରତିମା ସାମଲ, ମନୋଜ ସେଠି, ଦୀପକ ମଲ୍ଲିକ ପ୍ରମୁଖ ଆଲୋଚନା କରିଥିଲେ ।

## ଆପେକ୍ସ ଆଙ୍ଗଲୋ ଆରବିକ୍ ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୯/୧୨ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ହାଇସ୍କୁଲ ଛକରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପେକ୍ସ ଆଙ୍ଗଲୋ ଆରବିକ୍ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ସ୍କୁଲର ସଂପାଦକ ଅବଦୁଲ ମଲିକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ବେହେରା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଅଭିଭାବକମାନଙ୍କୁ ସଚେତନ କରିଥିଲେ । ପିଲାମାନଙ୍କ ପାଠପଢ଼ା ପ୍ରତି ଯତ୍ନ ନେବା ଓ ଶିକ୍ଷାକୁ ଗୁରୁତ୍ୱ ଦେବା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସଂଖ୍ୟାଲଘୁ ସେଲ ସଭାପତି ସେକ ଇନାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରୁଣା ବହି ନବିକି ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦାନ କରିବାକୁ ପରାମର୍ଶ ଦେଇଥିଲେ ।

# ପାକ୍ ବାଟରେ ବଙ୍ଗଳାଦେଶ

**ସୌମେନ୍ଦ୍ର ଜେନା**


ଗତ ପାଞ୍ଚମାସ ଧରି ବଙ୍ଗଳାଦେଶର ରାଜନୈତିକ ପରିସ୍ଥିତି ବଡ ସଂକଟ ମଧ୍ୟରେ ଗତି କରିଆସିଛି । ୧୯୪୭ରେ ପାକ୍‌ର ଅଂଶ ଭାବେ ରହିଥିବା ବଙ୍ଗଳାଦେଶ ୧୯୭୧ରୁ ସ୍ୱାଧୀନତା ଲାଭ କରି ଯେଉଁ ବିକାଶର ରାସ୍ତାକୁ ଫେରିଥିଲା ଗତ ପାଞ୍ଚମାସ ମଧ୍ୟରେ ମୌଳବାଦୀଙ୍କ ହିଂସାକାଣ୍ଡ, ହତ୍ୟା, ଲୁଟପାଟ ଏବଂ ଅଶାନ୍ତି ଯୋଗୁ ପୁଣି ପାକ୍‌ର ରାସ୍ତାକୁ ଫେରିଛି । ଅନେକ ଲୁଗାକମ୍ପାନୀ ବନ୍ଦ ହୋଇଛି କିମ୍ବା ଅନ୍ୟ ଦେଶକୁ ଉଠିଯାଇଛି । ଶ୍ରମିକମାନଙ୍କ ଦରମା ମିଳିବା ସମ୍ଭବପର ହୋଇନାହିଁ । ସେମାନେ କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କଲେ ମଧ୍ୟ ଆଗାମୀ ଦିନରେ ଯେ ସେମାନେ କିଛି ସୁବିଧା ପାଇବେ ତାହା କହିହେବ ନାହିଁ । ଶେଖ ହାସିନା ଦେଶ ଛାଡିବାପରେ ଜେଲଗୁଡିକୁ ଖାଲିକରି ଅପରାଧୀ, ସନ୍ତ୍ରାସବାଦୀମାନଙ୍କୁ ମୁକ୍ତ କରିଦେବା ପରେ ଏବେ ଦେଶର ପରିସ୍ଥିତି ବିସ୍ଫୋଟକ ରୂପ ନେଇଛି । ମୌଳବାଦୀ ଗୋଷ୍ଠୀଗୁଡିକ ରାଜରାସ୍ତାକୁ ଓହ୍ଲାଇ ଉତ୍ତେଜକ ଭାଷଣ ଦେବାରେ ଲାଗିଛନ୍ତି । ଗଣମାଧ୍ୟମରେ ଭାରତ ବିରୋଧୀ ବକ୍ତବ୍ୟମାନ ସ୍ଥାନ ପାଇବାରେ ଲାଗିଛି । ବାହାରୁ ଖାଦ୍ୟସାମଗ୍ରୀ ଦେଶକୁ କମ୍ ଆସୁଥିବା ହେତୁ ବଜାରଦର ବଢିବାରେ ଲାଗିଛି । ଭାରତ ସରକାର ନିକଟରେ ବଙ୍ଗଳାଦେଶକୁ ଚାଉଳ ରପ୍ତାନୀ ବନ୍ଦକରି ୧୨୦୦ଟନ ଚାଉଳ ମ୍ୟାନମାରକୁ ପଠାଇ ଦେଇଛନ୍ତି । କପଡା ଉଦ୍ୟୋଗ ପାଇଁ ଆବଶ୍ୟକ କଞ୍ଚାମାଲ ଭାରତରୁ ଯାଉନଥିବା ହେତୁ ସେଠାକାର ଉତ୍ପାଦନ ମଧ୍ୟ ବନ୍ଦ ରହିଛି । ଏପରିକି ପ୍ରସ୍ତୁତ ପୋଷାକପତ୍ର ବିଦେଶକୁ ପଠାଇବା ଲାଗି ବଙ୍ଗଳାଦେଶକୁ ଏବେ ମାଳଦ୍ୱୀପର ବନ୍ଦର ଉପରେ ନିର୍ଭର କରିବାକୁ ପଡୁଛି । ସେଠାରେ କାର୍ଯ୍ୟରତ ଅନେକ ବିଦେଶୀ ପୋଷାକପତ୍ର କମ୍ପାନୀ ସେମାନଙ୍କ ବ୍ୟବସାୟ ବଙ୍ଗଳାଦେଶରୁ ଭାରତ ଆଣିବାକୁ ଇଚ୍ଛା ପ୍ରକାଶ କରି ଉଦ୍ୟମ ଚଳାଇଛନ୍ତି । ଏଭଳି ପରିସ୍ଥିତିରେ ଅନେକଗୁଡିଏ ବିଷୟ ଏବେ ଚର୍ଚ୍ଚାକୁ ଆସିଲାଣି । ଯେମିତି ମ୍ୟାନମାର ବିଦ୍ରୋହୀମାନେ ବଙ୍ଗଳାଦେଶକୁ ଦଖଲ କରି କୁକିଲାଣ୍ଡ ଗଠନ କରିବା, ବଙ୍ଗଳାଦେଶ ପୁନର୍ବାର ପାକ୍ ସହ ସାମିଲ ହେବା, ସନ୍ତ୍ରାସବାଦୀ କାର୍ଯ୍ୟକଳାପର କେନ୍ଦ୍ର ହେବା, ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଶିକ୍ଷଣ କେନ୍ଦ୍ରଗୁଡିକ ପୁନର୍ବାର ସକ୍ରୀୟ ହେବା ଆଦି ରହିଛି । ବଙ୍ଗଳାଦେଶରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଭାରତ ବିରୋଧୀ ଉତ୍ତେଜନାପୂର୍ଣ୍ଣ ବୟାନବାଜି ଜାରି ରହିଛି । ବଙ୍ଗ-ବିହାର-ଓଡିଶା ସମେତ ଉତ୍ତର ପୂର୍ବାଞ୍ଚଳକୁ ବଙ୍ଗଳାଦେଶରେ ସାମିଲ କରି ବୃହତ ବଙ୍ଗଳାଦେଶ ଗଠନ ପାଇଁ ଆହ୍ୱାନ ଦେବା ସହ ମାନଚିତ୍ର ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଛି । ପାକ୍ ସେନାଦ୍ୱାରା ବଙ୍ଗଳାଦେଶ ସେନାଙ୍କର ପ୍ରଶିକ୍ଷଣ, ବଙ୍ଗଳାଦେଶର ସେନାବାହିନୀକୁ ପାକ୍‌ର ଯୁଦ୍ଧ ବିମାନ ଯୋଗାଣ କରାଯିବା ବିଷୟ ଆଲୋଚନାକୁ ଆସିଛି । ଅନ୍‌ସାର ଉଲ ବାଙ୍ଗଲାଟିମ୍ ପରି ସନ୍ତ୍ରାସବାଦୀ ଗୋଷ୍ଠୀ ପକ୍ଷରୁ ଭାରତରେ ସନ୍ତ୍ରାସ ସୃଷ୍ଟି ପାଇଁ ସ୍ଲିପରସେଲ ଗଠନ ଉଦ୍ଦେଶ୍ୟରେ କାର୍ଯ୍ୟରତ ୧୦ଜଣ ସନ୍ତ୍ରାସୀଙ୍କୁ ଆସାମ ସ୍ପେସାଲ ଟାସ୍କ ଫୋର୍ସ କେରଳ,ପଶ୍ଚିମବଙ୍ଗ ଏବଂ ଆସାମରୁ ଇତିମଧ୍ୟରେ ଗିରଫ କରିବାକୁ ସକ୍ଷମ ହୋଇଛି । ନିକଟରେ ଜଣେ ସନ୍ତ୍ରାସବାଦୀ ବନ୍ଧୁକ ସହ ଭାରତରେ ପ୍ରବେଶ କରିବା ସମୟରେ ସୀମା ସୁରକ୍ଷା ବାହିନୀର ହାତରେ ଧରାପଡିଛି । କିନ୍ତୁ ବଙ୍ଗଳାଦେଶର ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ସେହି ସନ୍ତ୍ରାସବାଦୀକୁ ବଙ୍ଗଳାଦେଶ ସେନାକୁ ହସ୍ତାନ୍ତରିତ କରିବାକୁ କହିବା ପରେ ଭାରତ ସରକାରଙ୍କ ବିଦେଶ ବିଭାଗ ପକ୍ଷରୁ କଡା ମନ୍ତବ୍ୟ ଦିଆଯାଇଛି । ଏକଥା ସତ ଯେ ଦୀର୍ଘଦିନ ଧରି ବଙ୍ଗଳାଦେଶରେ ଭାରତ ବିରୋଧୀ ସନ୍ତ୍ରାସୀ କାର୍ଯ୍ୟକଳାପର ନିୟନ୍ତ୍ରଣ ପାଇଁ ବଙ୍ଗଳାଦେଶର ଶେଖ ହାସିନା ସରକାର ଯେଉଁସବୁ ଲୋକଙ୍କୁ ଗିରଫ କରିଥିଲେ ଇତି ମଧ୍ୟରେ ମହମ୍ମଦ ୟୁନୁସ ସରକାର ସେମାନଙ୍କୁ ଜେଲରୁ ମୁକ୍ତ କରି ଦେଇଛନ୍ତି । ଏହିସବୁ ଶକ୍ତି ମିଳିତ ଭାବେ ଭାରତ ବିରୁଦ୍ଧରେ କାର୍ଯ୍ୟାରମ୍ଭ କରିଦେଇଛନ୍ତି ଯାହା ପାକ୍‌ର ଆଇଏସ୍‌ଆଇ ଚାହୁଁଥିଲା ଏବଂ ଆଗାମୀ ଦିନରେ ମଧ୍ୟ ହେବ । ଟ୍ରମ୍ପର କ୍ଲିଣ୍ଟନ ସହଯୋଗୀ ୟୁନୁସ ଏବେ ହାସିନାଙ୍କୁ ଆଳକରି ଭାରତକୁ ଟାର୍ଗେଟ କରିବାକୁ ଚାହୁଁଛନ୍ତି । ତେଣୁ ଭାରତର ଚିକେନ ନେକ୍ ଅଞ୍ଚଳକୁ ଦଖଲ କରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟକୁ ମୂଳ ଭାରତଠାରୁ ଅଲଗା କରିବା କଥା କୁହାଯିବା ସାଧାରଣ ବିଷୟ ନୁହେଁ । ଏକଥା ଚୀନ, ପାକିସ୍ଥାନ ଏବଂ ସର୍ଜିଲ ଇମାମ ପରି ସନ୍ତ୍ରାସୀ ଲୋକେ ମଧ୍ୟ ପୂର୍ବରୁ କହିଛନ୍ତି । ବଙ୍ଗଳାଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପ ଜାରିଥିଲାବେଳେ ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ସେମାନଙ୍କ ବିରୁଦ୍ଧରେ ପଦେ ହେଲେ କହିନାହାନ୍ତି, ବରଂ ଶେଖ ହାସିନାଙ୍କୁ ଆଳକରି ପ୍ରତିଦିନ ଭାରତ ବିରୋଧୀ ବିଷ ଉଦ୍‌ଗାର କରିବାରେ ଲାଗିଛନ୍ତି । ନିକଟରେ ଇଜିପଟ୍‌ଠାରେ ପାକ୍ ନେତୃବୃନ୍ଦଙ୍କ ସହ ସାକ୍ଷାତ କରି ଚିଟାଗଙ୍ଗ ବନ୍ଦରକୁ ପାକ୍ ବ୍ୟବହାର ପାଇଁ ଦେବାକୁ କହିବା ପରେ ଏକ ପାକ୍ ଜାହାଜ ଚିଟ୍ଟାଗଙ୍ଗଠାରେ ପହଞ୍ଚିଥିଲା । ଇସ୍କନର ଚିନ୍ମୟ କୃଷ୍ଣ ଦାସ ଗିରଫ ଘଟଣାରେ ୟୁନୁସଙ୍କ ଭୂମିକାକୁ ସନ୍ଦେହ କରାଯାଉଛି । ଏପରିକି ଢାକାଠାରେ ଥିବା ଭାରତୀୟ ଦୂତାବାସ ଉପରେ ଆକ୍ରମଣ କରି ଭଙ୍ଗାରୁଜା କରିଥିବା ଗୋଷ୍ଠୀଙ୍କ ବିରୁଦ୍ଧରେ ବିଶେଷ କିଛି ପଦକ୍ଷେପ ନେଇନାହାନ୍ତି । ଏପରିକି ଚିନ୍ମୟ କୃଷ୍ଣଦାସଙ୍କ ମୁସଲିମ ଓକିଲକୁ ପିଟିପିଟି ହତ୍ୟା କରାଯାଇଛି । ବଙ୍ଗଳାଦେଶର ସରକାର ହିନ୍ଦୁମାନଙ୍କୁ ଯୋଜନାବଦ୍ଧ ଭାବେ ଆତଙ୍କିତ କରି ପଳାୟନ କରିବାକୁ ବାଧ କରୁଥିବା ଦେଖାଦେଇଛି । ଏଣେ ଭାରତ ସରକାର ବଙ୍ଗଳାଦେଶ ପ୍ରତି ଯେତିକି କଠୋର ହେବାକଥା ତାହା ନ ହେଉଥିବା ଅଭିଯୋଗ ଉଠୁଛି । କେନ୍ଦ୍ରର ସରକାର ମଧ୍ୟ ଅନେକ ବିଷୟରେ କୌଣସି ପ୍ରକାର ମନ୍ତବ୍ୟ ନଦେଇ ବିଷୟକୁ ଏଡାଇଦେବାକୁ ପ୍ରୟାସ କରୁଥିବା ଦେଖାଦେଇଛି । ଭାରତ ସରକାର ବଙ୍ଗଳାଦେଶରେ ଘଟୁଥିବା ପ୍ରତିଟି ବିଷୟ ଉପରେ ତୀକ୍ଷ୍ଣ ନଜର ରଖିଥିବା କଥା କୁହାଯାଉଛି । ମୋଦୀଙ୍କ ସରକାର କଥାରେ ନୁହେଁ କୂଟନୀତିରେ ବଙ୍ଗଳାଦେଶ ସରକାରକୁ ଘେରିବାକୁ ପ୍ରୟାସ କରୁଛି । କାରଣ ଇତି ମଧ୍ୟରେ ବଙ୍ଗଳାଦେଶର କାମଚଳା ସରକାର ଶେଖ ହାସିନାଙ୍କ ବିଚାରଲାଗି ବଙ୍ଗଳାଦେଶର ସରକାରଙ୍କ ହାତରେ ପ୍ରତ୍ୟର୍ପଣ କରିବାକୁ ଭାରତ ସରକାରଙ୍କୁ ଚିଠି ଲେଖିବା ସହ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ହେଲେ ଭାରତ ସରକାର ବଙ୍ଗଳାଦେଶ ସରକାରଙ୍କ ଅନୁରୋଧକୁ ଏତେ ସହଜରେ ଗ୍ରହଣ କରିବେ ବୋଲି ଭାବିନେବା ଭୁଲହେବ । କାରଣ ଦୁଇଦେଶ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ କେଉଁ କ୍ଷେତ୍ରରେ ତାହା ଲାଗୁ ହେବ ସେ ବିଷୟ ମଧ୍ୟ ଉଲ୍ଲେଖ ରହିଛି । କୌଣସି ପ୍ରକାର ରାଜନୈତିକ ଉଦ୍ଦେଶ୍ୟ ରହିଥିଲେ ପ୍ରତ୍ୟର୍ପଣ କରାଯାଇପାରିବ ନାହିଁ ବୋଲି ମଧ୍ୟ ଏଥିରେ ରହିଛି । ଶେଖ ହାସିନାଙ୍କ ପ୍ରତ୍ୟର୍ପଣ ଦାବି ଏହି ଶ୍ରେଣୀରେ ଆସୁଥିବା ହେତୁ ଭାରତ ସରକାର ହାସିନାଙ୍କୁ ବଙ୍ଗଳାଦେଶକୁ ହସ୍ତାନ୍ତର କରିବେ ନାହିଁ,ବରଂ ସୁରକ୍ଷା ଦେବେ । କାରଣ ହାସିନାଙ୍କ ବିରୁଦ୍ଧରେ ୟୁନୁସ ସରକାର ୫୦ରୁ ଅଧିକ ଅପରାଧରେ ଅଭିଯୋଗ ଆଣିଛନ୍ତି, ଯାହାସବୁ ମିଛ କାହାଣୀପରି । ଶେଖ ମୁଜିବୁର ହରମାନଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା, ତାଙ୍କ ନାମରେ ନାମିତ ଅନୁଷ୍ଠାନଗୁଡିକରେ ନାମକୁ ପରିବର୍ତ୍ତିତ କଲାପରି ଘଟଣାମାନ ଘଟିବାରେ ଲାଗିଛି । କେବଳ ସେତିକି ନୁହେଁ ବିଜୟ ଦିବସ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୯୭୧ ଯୁଦ୍ଧର ସଫଳତା ଟ୍ୱିଟକୁ ବଙ୍ଗଳାଦେଶ ସରକାର ସହଜରେ ଗ୍ରହଣ କରିନାହାନ୍ତି । ୧୯୭୧ ଯୁଦ୍ଧରେ ଭାରତ କେବଳମାତ୍ର ସହଯୋଗୀ ଥିଲା ବୋଲି ପ୍ରକାଶକରି ମନ୍ତବ୍ୟ ଦିଆଯାଇଛି । ଏକଥା ସତ ଯେ ଏମିତି ମନ୍ତବ୍ୟ ଅତୀତରେ ବିଏନ୍‌ପି ନେତାମାନେ ଦେଇଆସିଛନ୍ତି । ଏପରିକି ସରକାରରେ ଥିଲାବେଳେ ବଙ୍ଗଳାଦେଶ ନେସନାଲିଷ୍ଟ ପାର୍ଟିର ସରକାର ପାକ୍‌ର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇର ସହଯୋଗରେ ଉତ୍ତର-ପୂର୍ବ ଭାରତର ଅନେକ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କୁ ଢାକାରେ ସୁରକ୍ଷା ପ୍ରଦାନ କରାଯାଇଥିଲା । ୨୦୨୧ରେ ଜମାତେ ଇସଲାମୀ ଏବଂ ହେଫାଜତେ ଇସଲାମ ପରି ଗୋଷ୍ଠୀ ବଙ୍ଗଳାଦେଶରେ ଭାରତ ବିରୋଧୀ ହିଂସାକାଣ୍ଡରେ ସଂପୃକ୍ତ ରହିଥିଲେ । ପାକ୍ ଅଧିକୃତ କାଶ୍ମୀର ସନ୍ତ୍ରାସବାଦୀଙ୍କୁ ଭାରତ ଉପରେ ଆକ୍ରମଣ କରିବା ପାଇଁ ୨୦୦୧ରେ ଆର୍ଥିକ ସହାୟତା ପ୍ରଦାନ କରିଥିବା ତତ୍‌କାଳୀନ ବିଏନ୍‌ପି ସରକାରର ଶିକ୍ଷାମନ୍ତ୍ରୀ ଅବଦୁସ୍ ସଲାମ ପିଣ୍ଟୁକୁ ନିକଟରେ ବଙ୍ଗଳାଦେଶର ଅଦାଲତ ଜେଲରୁ ମୁକ୍ତ କରିଛି । ସେ ଅତୀତରେ ପାକ୍‌ର ହରକତ୍ -ଉଲ୍-ଜିହାଦ-ଅଲ -ଇସଲାମୀ (ହୁଜି) ଗୋଷ୍ଠୀକୁ ଅସ୍ତ୍ରଶସ୍ତ୍ର କିଣିବାକୁ ସାହାଯ୍ୟ କରିବା ସହ ଅନେକ ତଥ୍ୟ ପ୍ରଦାନ କରିଥିଲା । ବଙ୍ଗଳାଦେଶର ଟାଙ୍ଗେଲ-୨ ଆସନରୁ ବିଜୟୀ ହୋଇ ସଂସଦକୁ ଯାଇଥିବା ପିଣ୍ଟୁ ୧୦ ଅକ୍ଟୋବର ୨୦୦୧ରୁ ୨୨ ମଇ ୨୦୦୩ ପର୍ଯ୍ୟନ୍ତ ଉପଶିକ୍ଷାମନ୍ତ୍ରୀ, ୨୨ ମଇ ୨୦୦୩ରୁ ୧୩ ମାର୍ଚ୍ଚ ୨୦୦୬ପର୍ଯ୍ୟନ୍ତ ସୂଚନାମନ୍ତ୍ରୀ ଏବଂ ୧୩ ମାର୍ଚ୍ଚ ୨୦୦୬ରୁ ୨୯ ଅକ୍ଟୋବର ୨୦୦୬ ପର୍ଯ୍ୟନ୍ତ ସାଂସଦ ରହିଥିଲା । ଜାନୁଆରୀ ୨୦୦୮ରେ ପିଣ୍ଟୁକୁ ୨୦୦୪ରେ ଗ୍ରେନେଜ ଆକ୍ରମଣ ଅଭିଯୋଗରେ ଗିରଫ କରାଯାଇଥିଲା । ୧ ଡିସେମ୍ବର ୨୦୨୪ରେ ପିଣ୍ଟୁକୁ ଅଦାଲତ ମୁକ୍ତ କରିଥିଲା । ପିଣ୍ଟୁ ସହ ତା ଭାଇ ମୌଲାନା ତାଜୁଦ୍ଦୀନକୁ ମଧ୍ୟ ଗିରଫ କରାଯାଇଥିଲା । ଜେଲରେ ଥାଇ ୨୦୧୬ରେ ସେ ବିଏନ୍‌ପି ଦଳର ଉପସଭାପତି ହୋଇଥିଲା । ତେବେ ୨୪ ଡିସେମ୍ବର ୨୦୨୪ରେ ପିଣ୍ଟୁ ଜେଲ ବାହାରକୁ ଆସିଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୨୧ ଅଗଷ୍ଟ ୨୦୦୪ରେ ଢାକାର ବଙ୍ଗବନ୍ଧୁ ଅଭେନ୍ୟୁଠାରେ ଆୱାମୀ ଲିଗ୍ ପକ୍ଷରୁ ସନ୍ତ୍ରାସବାଦ ବିରୋଧୀ ଶୋଭାଯାତ୍ରାର ଆୟୋଜକ ହୋଇଥିଲା । ତତ୍‌କାଳୀନ ବିରୋଧୀଦଳ ନେତ୍ରୀ ଶେଖ ହାସିନା ଏକ ଟ୍ରକର ପଛ ଡାଲା ଉପରୁ ୨୦ହଜାର ଶୋଭାଯାତ୍ରାକାରୀଙ୍କୁ ଭାଷଣ ଦେବା ସମୟରେ ଗ୍ରେନେଡ ଆକ୍ରମଣ ହୋଇଥିଲା । ସେହି ଘଟଣାରେ ୨୪ଜଣ ମୃତ୍ୟୁବରଣ କରିଥିଲେ ଏବଂ ୫୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଆକ୍ରମଣରେ ହାସିନା ମଧ୍ୟ ଆହତ ହୋଇଥିଲେ । ସିଲହଟଠାରେ ଦଳୀୟକର୍ମୀଙ୍କ ହତ୍ୟାର ପ୍ରତିବାଦରେ ସେହି ବିକ୍ଷୋଭର ଆୟୋଜନ ହୋଇଥିଲା । ଶୋଭାଯାତ୍ରୀକାରୀଙ୍କ ଉପରକୁ ଆଖପାଖ କୋଠାଉପରୁ ପ୍ରାୟ ୧୬ଟି ଗ୍ରେନେଡ ଫିଙ୍ଗାଯାଇଥିଲା । ଯେଉଁ ଘଟଣାରେ ପ୍ରାୟ ୧୬ଜଣ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ମୃତ୍ୟ ବ୍ୟକ୍ତିଙ୍କ ମଧ୍ୟରେ ହାସିନାଙ୍କ ଅଙ୍ଗରକ୍ଷୀ ମହବୁବୁର ରହମାନ, ଆୱାମୀଲିଗ୍ ମହିଳା ବ୍ୟାପାର ସମ୍ପାଦିକା ଇଭି ରହମନ୍ ରହିଥିଲେ । କିନ୍ତୁ ବଙ୍ଗଳାଦେଶର ପୁଲିସ ଉକ୍ତ ଘଟଣାରେ କେବଳ କେସ୍ ଡାଏରୀ ଲେଖିଥିଲେ ସିନା କୌଣସି ଅପରାଧ ମାମଲା ରୁଜୁ କରିନଥିଲେ । ଏପରିକି ତତ୍‌କାଳୀନ ବିଏନ୍‌ପି ସରକାର ହତାହତଙ୍କ ଶରୀର ମଧ୍ୟ ହସ୍ତାନ୍ତରଣ କରିବାକୁ ମନା କରିଥିଲା । ଉକ୍ତ ଘଟଣାରେ ସରକାର ଆୱାମୀ ଲିଗ୍‌ର ନେତା ଶୈବାଲ ଶାହ ପାର୍ଥ ଏବଂ ମୁଖୁଲେସୁର ରହମାନକୁ ଗିରଫ କରିଥିଲେ । ମିଛ ବକ୍ତବ୍ୟ ଦେବାଲାଗି ପୁଲିସ ହାଜତରେ ସେମାନଙ୍କୁ ଯନ୍ତ୍ରଣା ଦିଆଯାଇଥିଲା । ସୁପ୍ରିମକୋର୍ଟର ବାର୍ ଆସୋସିଏସନ୍‌ର ଅନୁସନ୍ଧାନରେ ସରକାର ପ୍ରମାଣକୁ ନଷ୍ଟ କରିବା ଉଦ୍ୟମ ଜାଣିପାରିଥିଲେ । ମଧ୍ୟ ରାତ୍ରରେ ଦୁଇଟି ମୃତ ଶରୀରକୁ ସରକାର ତରବରିଆ ଭାବେ କବର ଦେଇଥିଲେ । ୨୦୦୪ରେ ପୁଲିସ ଏକ କାହାଣୀ ଶୁଣାଇଥିଲା । ତାହା ହେଲା ନୂଆଖାଲିର ଆୱାମୀ ଲିଗ୍ କର୍ମୀ ଜମାଲ ଅହମଦ ଅନ୍ୟ ୧୪ଜଣ ସୁବ୍ରତ ବୈନଗୋଷ୍ଠୀର ଅପରାଧୀଙ୍କ ସହ ମିଶି ଆୱାମୀ ଲିମ ଶୋଭାଯାତ୍ରା ଉପରେ ଆକ୍ରମଣ କରିଥିଲେ । ଆକ୍ରମଣ ପୂର୍ବରୁ ସେମାନେ ମୋଘବଜାରଠାରେ ଏକାଠି ହୋଇଥିଲେ । ସରକାର ଜଷ୍ଟିସ ଜୟନୁଲ ଆବେଦୀନଙ୍କ ନେତୃତ୍ୱରେ ଜଣିକିଆ ବିଚାର ବିଭାଗୀୟ ତଦନ୍ତ କମିଟି ଗଠନ କରିଥିଲେ ଯାହା ଶେଷରେ ରାୟ ଦେଲା ଯେ ଆକ୍ରମଣ ପଡୋଶୀ ରାଷ୍ଟ୍ର ଭାରତ ହିଁ କରିଥିଲା । ଏହିସବୁ ଘଟଣାକ୍ରମରୁ ଯାହା ଜଣାପଡୁଛି ବଙ୍ଗଳାଦେଶ ଦିନକୁ ଦିନ ପାକିସ୍ଥାନ ପରି ସନ୍ତ୍ରାସ, ଆଇନବିହୀନ ଅନ୍ଧକାର ଦିଗରେ ମାଡିଚାଲିଛି ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଶ୍ରୀ ରମଣ ମହର୍ଷି

**ହେମନ୍ତ କୁମାର ପରିଡ଼ା**

ରମଣ ମହର୍ଷି ୧୮୨୯, ଡିସେମ୍ବର ୩୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଅନ୍ୟନାମ ଥିଲା 'ଭେଙ୍କଟରମଣ' । ସେ ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ । ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଭଲ ନଥିବାରୁ ମାତ୍ର ୧୨ ବର୍ଷ ବୟସରୁ ସେ ତାଙ୍କ ଭାଇ ଓ ଭଉଣୀଙ୍କ ସହ ଦାଦାଙ୍କ ପାଖରେ ପରିପାଳିତ ହୋଇଥିଲେ । ପିଲାଦିନରୁ ସେ ଫୁଟବଲ୍, କୁସ୍ତି, ସନ୍ତରଣ ଆଦି ବ୍ୟାୟାମ ବେଶ୍ ଆଗ୍ରହ ରଖିଥିଲେ । ବାଲ୍ୟକାଳରୁ ସେ କୌଣସି ଧର୍ମ ପୁସ୍ତକ ପଢ଼ି ନଥିଲେ । ହେଲେ ସେ ନିଜ ଜୀବନୀ ପୁସ୍ତକରେ ଲେଖିଥିଲେ 'ଅପରିପକ୍ୱ ବୟସରେ ଅରୁଣାଚଳ ମୋର ମନକୁ ଆଷ୍ଟାର୍ଯ୍ୟାଭିଭୂତ କରିଦେଲା' । ସେ ଏହାର କିଛି ଅର୍ଥ ବୁଝିବା ପୂର୍ବରୁ ନିଜ ମନକୁ ନିଶ୍ଚଳ କରି ଦେଇଥିଲେ । ସେହିଦିନରୁ ତାଙ୍କ ମଧ୍ୟରେ ଚେତନାର ସ୍ରୋତ ପ୍ରବାହିତ ହେଲା । ୧୮୯୭, ଅଗଷ୍ଟ ୨୯ରେ ରମଣ ଗୃହ ତ୍ୟାଗ କଲେ । ତାଙ୍କ ପ୍ରଭୁ ଥିଲେ ଅରୁଣାଚଳ । ସେ ନିଜକୁ ପ୍ରଭୁ ଅରୁଣାଚଳଙ୍କୁ ସମର୍ପିତ କରିଥିଲେ ।



ଭାରତୀୟ ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ ରମଣ ମହର୍ଷି ଯେଉଁ ଗୁଢ଼ ତତ୍ତ୍ୱର ମାର୍ଗ ଦେଖାଇଛନ୍ତି ତାହା ଯୁଗ ଯୁଗ ପାଇଁ ଅମର । ଏକ ପ୍ରସଙ୍ଗରେ ଉଲ୍ଲେଖ ଅଛି ସେ ପରମ ପିତାଙ୍କ ସନ୍ଧାନରେ ଯାତ୍ରା କରିବା ପୂର୍ବରୁ ଯେଉଁ ଚିଠି ତାଙ୍କ ପରିବାର ପାଇଁ ଲେଖି ଯାଇଥିଲେ ତାହା ଥିଲା ''ମୁଁ ପରମପିତାଙ୍କ ସନ୍ଧାନରେ ତାଙ୍କର ନିର୍ଦ୍ଦେଶରେ ଯାତ୍ରା ଆରମ୍ଭ କରୁଛି । ତେଣୁ ଏହି କାର୍ଯ୍ୟ ନିମିତ୍ତ କେହି ଦୁଃଖ ନକରିବା ପାଇଁ ଓ ମତେ ସନ୍ଧାନ କରିବା ଉଦ୍ଦେଶ୍ୟରେ କିଛି ଅର୍ଥବ୍ୟୟ ନ କରିବା ନିମିତ୍ତ ମୁଁ ଅନୁରୋଧ କରୁଛି । କଲେଜ ଦରମା ଦିଆଯାଇ ନାହିଁ । ଏଥି ସହିତ ଦୁଇ ଟଙ୍କା ରହିଲା ।'' ପଲ୍ ବ୍ରଣ୍ଟନ୍ ନାମକ ଜଣେ ପାଶ୍ଚାତ୍ୟ ସାମ୍ବାଦିକ, ସାହିତ୍ୟିକ ଓ ସମାଲୋଚକ ମହର୍ଷିଙ୍କୁ ଥରେ ପ୍ରଶ୍ନ କଲେ, ବର୍ତ୍ତମାନ ଏହି ସଭ୍ୟ ଜଗତ୍ ଦାରୁଣ ସନ୍ଧିକ୍ଷଣର ସମ୍ମୁଖୀନ ହୋଇଛି । ତେବେ ଏହାର ଭବିଷ୍ୟତ କ'ଣ ? ମହର୍ଷି ଉତ୍ତର ଦେଲେ, ଭବିଷ୍ୟତ ବିଷୟରେ ଚିନ୍ତା କରିବାର କି ଆବଶ୍ୟକତା ଅଛି ? ବର୍ତ୍ତମାନ ସମ୍ପର୍କରେ ତୁମର ଜ୍ଞାନ ବା କଅଣ ? ଭବିଷ୍ୟତର ଭାରତ ଭବିଷ୍ୟତ ଉପରେ ଛାଡ଼ିଦିଅ ।

ସେହିଦିନ ଠାରୁ ଜୀବନର ଅନ୍ତିମ ଦିବସ ପର୍ଯ୍ୟନ୍ତ ସେ ମଦୁରାଇରେ ବାସ କଲେ । ମଦୁରାଇକୁ ଯାତ୍ରା କରିବାର ଛଅ ସପ୍ତାହ ପୂର୍ବରୁ ସେ ନିଜ ମାମୁଁଙ୍କ ଘରର ପ୍ରଥମ ମହଲାରେ ବସିଥିଲେ । ହଠାତ୍ ମନ ମଧ୍ୟରେ ମୃତ୍ୟୁର ଭୟ ଉଦ୍ରେକ ହେଲା ତାଙ୍କର । ସେ ମୃତ୍ୟୁ ମୁଖରେ ପଡ଼ିଥିବାବେଳେ ତାଙ୍କ ସହ ତାଙ୍କର କୌଣସି ବନ୍ଧୁ ପରିଜନ କି ଡାକ୍ତର ପରାମର୍ଶ କରୁନଥିଲେ । ଏହି ମୃତ୍ୟୁଭୟ ହିଁ ରମଣ ମହର୍ଷିଙ୍କୁ ଦିବ୍ୟଦୃଷ୍ଟି ପ୍ରଦାନ କଲା । ଏହାପରେ ମହର୍ଷି ରମଣ ନିଜ ଜୀବନକୁ ସମ୍ପୂର୍ଣ୍ଣ ଧ୍ୟାନମଗ୍ନ ରହି ବିତାଇଥିଲେ । ଧ୍ୟାନ ହିଁ ତାଙ୍କ ଠାରେ ଚିରଶାନ୍ତି ଉଦ୍ରେକ କଲା । ସେ ଈଶ୍ୱରାଲୋକରେ ସଦା ଉଦ୍ଭାସିତ ହୋଇଥିଲେ । ସମଗ୍ର ବିଶ୍ୱ ତାଙ୍କ ନିକଟରେ ଏକ ଥିଲା । ସେ ଉପନିଷଦର ଜୀବନ୍ତ ପ୍ରତୀକ ଥିଲେ । ରମଣ ମୌନ ରହୁଥିଲେ ବି ମନୁଷ୍ୟମାନଙ୍କ ହୃଦୟକୁ ତାଙ୍କର ସନ୍ଦେଶ ପ୍ରେରଣ କରୁଥିଲେ । ତାଙ୍କର ବାଣୀ ଥିଲା 'ନିଜକୁ ଚିହ୍ନ' । ମହର୍ଷିଙ୍କ ବାମ ବାହୁରେ ଏକ ଦୂରାରୋଗ୍ୟ ଆବୁ ହୋଇଥିଲା । ଏହି ରୋଗରୁ ମୁକ୍ତି କରିବାକୁ ମହର୍ଷିଙ୍କୁ ଚାରିଥର ଅସ୍ତ୍ରୋପଚାର କରାଯାଇଥିଲା । ହେଲେ ୧୯୫୦, ଏପ୍ରିଲ ୧୪ରେ ଯେତେବେଳେ ଆକାଶରେ ଏକ ଉଲ୍‌କାର ଆବିର୍ଭାବ ହୋଇଥିଲା ସେତେବେଳେ ମହର୍ଷି ରମଣ ଏହି ପାର୍ଥୀବ ଜଗତରୁ ବିଦାୟ ନେଇଥିଲେ ।

+ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି, ସେକ୍ଟର-୧୦,
ସିଡିଏ, କଟକ

# ବଉଳ ଅମାବାସ୍ୟାର ମହାତ୍ମ୍ୟ



**ଭୋଳାନାଥ ସାହୁ**

ଶ୍ରୀଜଗନ୍ନାଥ ଉତ୍କଳର ଆରାଧ୍ୟ ଦେବତା ଭାବରେ ଶ୍ରୀମନ୍ଦିରରେ ପୂଜିତ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ବଡ଼ଦେଉଳରେ ପ୍ରତିଷ୍ଠିତ ହେବା ପରେ ନିଜର ନୀତିକାନ୍ତି ପାଳନ ସମ୍ପର୍କରେ ଇନ୍ଦ୍ରଦ୍ୟୁମ୍ନ ପରାମର୍ଶ ଦେଇଥିଲେ । ଶ୍ରୀମନ୍ଦିରରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ସେଥିମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ପ୍ରସିଦ୍ଧ । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଉତ୍କଳର ଗଜପତି ମହାରାଜାମାନଙ୍କ ଦ୍ୱାରା ଏହି ସଂଖ୍ୟା ବୃଦ୍ଧି ପାଇ ୪୭ ଗୋଟି ମୁଖ୍ୟ ପର୍ବପର୍ବାଣୀ ଓ ଉପଯାତ୍ରା ପାଳନ କରାଯାଉଥିବାର ଦୃଷ୍ଟାନ୍ତ ଶ୍ରୀମନ୍ଦିର ସ୍ୱତ୍ତ୍ୱ ଲିପିରେ ବର୍ଣ୍ଣନା କରାଯାଇଛି । ସେହି ସମସ୍ତ ଉପଯାତ୍ରା ମଧ୍ୟରୁ ବଉଳ 'ଅମାବାସ୍ୟା' ଅନ୍ୟତମ ପ୍ରସିଦ୍ଧ ଉପଯାତ୍ରା ।

ଶ୍ରୀମନ୍ଦିରରେ ପୌଷ ମାସ ଅମାବାସ୍ୟା ତିଥିରେ ପାଳିତ ପର୍ବକୁ ବଉଳ ଅମାବାସ୍ୟା ବା ବକୁଳ ଅମାବାସ୍ୟା କୁହାଯାଏ । ଓଡ଼ିଶା ସଂସ୍କୃତିରେ ଏହା ଏକ ପାରମ୍ପରିକ ପର୍ବ । ଓଡ଼ିଶାର ଘରେ ଘରେ ଏହା ପାଳିତ । ତେଣୁ ଏହା ଏକ ସାମାଜିକ ପର୍ବ ଭାବରେ ପରିଚିତ । ଆମ ସଂସ୍କୃତିରେ ବହୁ ପ୍ରାଚୀନ କାଳରୁ ପ୍ରକୃତି ପୂଜା ବିଧି ପାଳନ କରାଯାଇ ଆସୁଅଛି । ଏ ସୁନ୍ଦର ପ୍ରକୃତି ପରମେଶ୍ୱର - ପରମାତ୍ମାଙ୍କ ସୁନ୍ଦର ସର୍ଜନା । ଏହି ପ୍ରକୃତି ମଧ୍ୟରେ ଥିବା ନଦୀ, ନାଳ, ପାହାଡ଼, ପର୍ବତ, ବୃକ୍ଷ, ଝରଣା, ଗ୍ରହ, ନକ୍ଷତ୍ର ପ୍ରଭୃତି ମଣିଷ ସମାଜର କଲ୍ୟାଣ ସାଧନ ନିମନ୍ତେ ଉଦ୍ଦିଷ୍ଟ । ସାଧାରଣତଃ ପୌଷ ମାସରେ ଆମ୍ବ ଓ ପଣସ ବୃକ୍ଷ ମାନଙ୍କରେ ବଉଳ ବା କଷି ଫଳ ହୋଇଥାଏ । ଲୋକ ବିଶ୍ୱାସ ଅନୁଯାୟୀ ଯଦି ଏହି ମାସରେ ଉକ୍ତ ବୃକ୍ଷ ପୂଜା କରାଯାଏ ତେବେ ବର୍ଷ ତମାମ ବୃକ୍ଷ ଆମକୁ ପ୍ରଚୁର ଫଳ ପ୍ରଦାନ କରିଥାଏ । ଋତୁରାଜ ବସନ୍ତର ଶୁଭ ଆଗମନରେ ପୌଷ ମାସର ଏହି ଶୁଭ ମୁହୂର୍ତ୍ତରେ ଆମ୍ବ ଗଛ ବଉଳିବା ଆରମ୍ଭ କରେ । ପ୍ରଚୁର ଫଳ ପ୍ରାପ୍ତିର ଆଶା ନେଇ ପୌଷ ମାସ ଅମାବାସ୍ୟା ତିଥିରେ ଆମ୍ବ ବୃକ୍ଷକୁ ପୂଜା କରାଯାଏ । ସାଧାରଣତଃ ଲୋକେ ନିଜ ଘର ଚାରିପଟେ କିମ୍ବା ବାଡ଼ି ବଗିଚାରେ ଆମ୍ବ ଗଛ ଲଗାଇଥାନ୍ତି । କାରଣ ଆମ୍ବ ଗଛ ଅଶୁଭ ଶକ୍ତିର ନଷ୍ଟକାରକ ବୋଲି କୁହାଯାଏ । ଏହାକୁ ସକରାତ୍ମକ ଉର୍ଜା ଭାବରେ ଗ୍ରହଣ କରାଯାଏ । ତେଣୁ ଏହି ଦିନରେ ବାଡ଼ି ବଗିଚାରେ ଥିବା ଆମ୍ବ ଗଛ ମୂଳକୁ ପରିଷ୍କାର କରି ଗୋବର ପାଣିରେ ଲିପି କିମ୍ବା ଗଙ୍ଗାଜଳରେ ଧୌତ କରି ତା ଉପରେ ଝୋଟି ବା ଚିତା ଅଙ୍କନ କରାଯାଏ । ବୃକ୍ଷର କାଣ୍ଡକୁ ସ୍ନାନ କରାଇ ବା ଧୋଇ ଦେଇ ଧୂପ, ଦୀପ, ସିନ୍ଦୂର ଅର୍ପଣ କରି ଗଇଁଠା ଗୁଡ଼ି ପିଠା ଓ ଆମ୍ବ ବଉଳ ଦେଇ ପୂଜା କରାଯାଏ । ଏହାପରେ ଏହି ପିଠା ବା ପ୍ରସାଦକୁ ସାଇ ପଡ଼ିଶାଙ୍କ ମଧ୍ୟରେ ବଣ୍ଟାଯାଏ । କେତେକ ସ୍ଥାନରେ ଲୋକେ ଏହାକୁ ନିଜର ଇଷ୍ଟଦେବୀଙ୍କ ନିକଟରେ ବା ଈଶାଣ ଘରେ ମଧ୍ୟ ପୂଜା କରିବାର ଦେଖାଯାଏ । ସାଧାରଣତଃ ଯୌଥ ପରିବାର ମାନଙ୍କରେ ଏହି ପର୍ବ ଜ୍ୟେଷ୍ଠ ପୁତ୍ରଙ୍କ ଦ୍ୱାରା ଘରେ ପାଳନ କରାଯିବାର ବିଧି ରହିଛି । ଆମ୍ବ ଗଛ ବା ଆମ୍ବ ବଉଳକୁ ପୂଜା କରିବାର ପରମ୍ପରା ବଉଳ ଅମାବାସ୍ୟା ବା ବକୁଳ ଅମାବାସ୍ୟା ନାମରେ ନାମିତ ।

ଶ୍ରୀମନ୍ଦିରରେ ଏହି ବଉଳ ଅମାବାସ୍ୟା ନୀତି ପାଳନ କରାଯାଏ । ପୌଷ ମାସ ଅମାବାସ୍ୟା ତିଥିରେ ଆଳତି, ଅବକାଶ ନୀତି ବଢ଼ିବା ପରେ ମଇଲମ ହୁଏ । ଏହା ପରେ ଶ୍ରୀଜୀଉ ମାନେ ଆଜ୍ଞାମାଳ ଲାଗି ହୁଅନ୍ତି । ବଲ୍ଲଭ ଭୋଗ ଶେଷ ହୋଇ ସକାଳ ଧୂପ ଉଠିବା ସମୟରେ ରସ ଘରୁ ବଉଳ ଗଇଁଠା ତାଟ ଆସିଥାଏ । ବଉଳ ଗଇଁଠାର ପ୍ରସ୍ତୁତି ପାଇଁ ପ୍ରଥମେ ଚାଉଳରୁ ଚୂନା ପ୍ରସ୍ତୁତ କରାଯାଏ । ସେଥିରେ କିଛି ନଡ଼ିଆ, ଚିନି ମିଶାଇ ଖଳି ତିଆରି କରାଯାଏ । ଖଳି ଥଣ୍ଡା ହେବା ପରେ ହାତରେ ଘିଅ ଲଗାଇ ଛୋଟ ଛୋଟ ଗୋଳାରେ ଗୋଲ ଗୋଲ ପିଠା ତିଆରି କରାଯାଏ । ଏହି ପିଠାକୁ ଫୁଟାଯାଇଥିବା ଖିରରେ ପକାଇ ପୁଣି ଫୁଟାଯାଏ । ସେଥିରେ ଗୋଲମରିଚ ଗୁଣ୍ଡ ଓ ତେଜପତ୍ର ପକାଇ ଥଣ୍ଡା କରାଯାଏ ।



ପ୍ରସ୍ତୁତ ହୋଇଯାଏ ଗଇଁଠା ଗୁଡ଼ି ବା ବଉଳ ଗୁଡ଼ି ପିଠା । ଏହାପରେ ଶ୍ରୀଛାମୁଙ୍କୁ ବିଜେ ହୁଏ । ମୁଦିରସ୍ତ ସେବକ ପ୍ରସାଦ ଲାଗି କରିବା ପରେ ଗଇଁଠାଗୁଡ଼ି ପିଠା ଓ ଆମ୍ବ ବଉଳକୁ ସ୍ୱତନ୍ତ୍ର ଭାବରେ ଠାକୁରଙ୍କ ଲାଗି କରିଥାନ୍ତି । ପୂଜା ପଣ୍ଡା ଷୋଡ଼ଶ ଉପଚାରରେ ଏହାକୁ ଭୋଗ ଲଗାଇଥାନ୍ତି । ଟେରାଫିଟା ଆଳତୀ ସରିବା ପରେ ପୂଜା ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ପ୍ରଭୃତି ତିନିଜଣ ସେବକ ତିନି ବାଡ଼ରେ ବନ୍ଦାପନା କରନ୍ତି । ଏହାପରେ ମହାପ୍ରସାଦ ବଢ଼ାଯାଇ ପାଣି ଉଠିବା ପରେ ଦକ୍ଷିଣୀ ଘର ନାରାୟଣ ଯିଏ ଅମାବାସ୍ୟା ନାରାୟଣ ନାମରେ ନାମିତ, ତାଙ୍କୁ ଆଣି ରତ୍ନ ସିଂହାସନରେ ବିଜେ କରାଯାଏ ଏବଂ ପୂଜା ପଣ୍ଡା ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳଟିଏ ଆଣି ଅମାବାସ୍ୟା ନାରାୟଣଙ୍କୁ ଦେଇଥାନ୍ତି । ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ବା ପ୍ରତିନିଧି ଭାବରେ ପୌଷ ଅମାବାସ୍ୟା ଦିନ ଅମାବାସ୍ୟା ନାରାୟଣ ମହୋଦଧି ବିଜେ କରନ୍ତି । ତାଙ୍କୁ ପାଲିଙ୍କିରେ ବସାଇ ତାଙ୍କର ସାଗର ବିଜେ ନୀତି ପାଳନ କରାଯାଏ । ସେଠାରେ ତାଙ୍କର ପୂଜା ବିଧିବଦ୍ଧ ଭାବରେ କରାଯିବା ପରେ ତାଙ୍କୁ ଜଳଲାଗି କରାଯାଏ । ମହୋଦଧି କୂଳରେ ସମସ୍ତ ଅମାବାସ୍ୟା ନୀତି ସମ୍ପାଦନ ପରେ ଅମାବାସ୍ୟା ନାରାୟଣ ପୁର୍ନବାର ବଡ଼ ଦେଉଳକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ପର୍ବ ହେଉ ବା କ୍ଷୁଦ୍ର ପର୍ବ ହେଉ ପ୍ରତ୍ୟେକ ଉତ୍ସବ ପାଳନର ମୁଖ୍ୟ ଲକ୍ଷ୍ୟ ମୁକ୍ତି ପ୍ରଦାନ କରିବା । ଯଦି ଶ୍ରଦ୍ଧାଳୁ ମାନେ ଶ୍ରୀଜଗନ୍ନାଥଙ୍କ ଯାନି ଯାତ୍ରା ବା ପର୍ବପର୍ବାଣୀ ଦିନ ମାନଙ୍କରେ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି ତେବେ ଅଶେଷ କୃପା ଲାଭ କରନ୍ତି - ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ପର୍ବ ପାଳନ ଚାଲିଥାଉ, ଶ୍ରଦ୍ଧାଳୁଙ୍କ ଭକ୍ତି ଓ ବିଶ୍ୱାସ ଅତୁଟ ରହୁ ।

- ଜୟ ଜଗନ୍ନାଥ -

ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଂଜ
(ମୋ)
୯୯୩୭୧୫୧୩୧୦

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମନ୍ୱୟର ଆବଶ୍ୟକତା

ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ୫୩ ବର୍ଷ ପରେ ମଧ୍ୟ ଓଡ଼ିଶାର ସାମଗ୍ରିକ ଉନ୍ନତି ସାଧିତ ହୋଇପାରି ନଥିଲା ଏବଂ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଆଖିଦୃଶିଆ ଉନ୍ନତି ହୋଇ ନ ଥିଲା – ଏହା ଆମେ ସ୍ୱୀକାର କରୁ। ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ କେନ୍ଦ୍ର ଦ୍ୱାରା ଅନୁମୋଦିତ ବିଭାଗ ଅନୁଯାୟୀ ଅର୍ଥରାଶିର ସଫଳ ବିନିଯୋଗ ହୋଇ ଆସୁଥିଲେ ସୁଦ୍ଧା ଓଡ଼ିଶାର ବିକାଶର ଧାରା କଚ୍ଛପ ଗତିରେ ଅଗ୍ରସର ହେଉଥିଲା। ଚଳିତ ଶତାବ୍ଦୀର ପ୍ରାରମ୍ଭରୁ ଗମନାଗମନ, ଯୋଗାଯୋଗ, ଗ୍ରାମାଞ୍ଚଳ ବିକାଶ, ସହରାଞ୍ଚଳ ଉନ୍ନତି, କୃଷିର ଉନ୍ନତିକରଣ, ପରିବେଶ ସଚେତନତା, ଶିଳ୍ପାୟନ, ଜଳଯୋଗାଣ, ମରୁଡ଼ି ପ୍ରତିକାର, ଫସଲ ବୀମାରେ ଉନ୍ନତି, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ଶିକ୍ଷାର ଦୃଢ଼ ବିକାଶ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି, ଖାଦ୍ୟ ନିରାପତ୍ତା, ଗୋପାଳନ ଓ ମତ୍ସ୍ୟ ଚାଷର ଉନ୍ନତି, ନାରୀ ଶିକ୍ଷାର ଅଗ୍ରାଧିକାର, ଶିଶୁମାନଙ୍କର ଯତ୍ନ ଓ ଅଙ୍ଗନଓ୍ୱାଡ଼ିର ଉନ୍ନତିକରଣ, ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ସହିତ ଆଉ କେତେକ କ୍ଷେତ୍ରରେ ଉନ୍ନତିର ଧାରା ଆରମ୍ଭ ହେଲା, ଯାହାର ସୁଫଳ ଏବେ ପରିଲକ୍ଷିତ ହେଉଛି। ଏ ସମସ୍ତ ବିକାଶ ବାହାରେ ସମ୍ପ୍ରତି ଗ୍ରାମାଞ୍ଚଳରେ ବିଶେଷକରି ଏକ ସ୍ୱତନ୍ତ୍ର ଯୋଜନାର ବିକାଶମୁଖୀ ସୁବର୍ଣ୍ଣ ସକାଳର ଶଙ୍ଖଧ୍ୱନି ନିନାଦିତ ହେଉଥିବା ଆମେ ଲକ୍ଷ୍ୟ କରୁଛେ। ତାହା ହେଉଛି ମହିଳାମାନଙ୍କର ସାମଗ୍ରିକ ଉନ୍ନତି ନିମନ୍ତେ ଚାବିକାଠି ସଦୃଶ ମହିଳା ସ୍ୱୟଂସହାୟକ ଗୋଷ୍ଠୀ। ମହିଳାମାନଙ୍କ ଦ୍ୱାରା ପରିଚାଳିତ, ପ୍ରତିଷ୍ଠିତ ଓ ସମ୍ପୂର୍ଣ୍ଣ ସୁପରିଚାଳିତ ଗୋଷ୍ଠୀମାନେ ଯେଉଁ ଆଖିଦୃଶିଆ କାର୍ଯ୍ୟରେ ନିୟୋଜିତ ହୋଇ ରାଜ୍ୟ ତଥା ଦେଶର ଉନ୍ନତି ନିମନ୍ତେ ଅଣ୍ଟାଭିଡ଼ି ଆଗେଇ ଆସି ରାଷ୍ଟ୍ର ଉନ୍ନତିର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି, ତାହା ବାସ୍ତବରେ ଅନ୍ୟରାଜ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଛି। ମୁଣ୍ଡରେ ସମ୍ଭ୍ରମତାର ଓଢ଼ଣା ଥିଲେ ମଧ୍ୟ ମନୋବଳରେ ସେମାନେ ନୂତନ ସୃଷ୍ଟି ଓ ସଂଗତିର ବଳ ସଞ୍ଚୟ କରି ଦୁନିଆ ବିଷୟରେ ଜାଣିବାର ଆଗ୍ରହ ସୃଷ୍ଟି କରୁଛନ୍ତି। ସମ୍ପ୍ରତି ଗ୍ରାମାଞ୍ଚଳର ମହିଳାମାନଙ୍କ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ଗୋଷ୍ଠୀ ଦ୍ୱାରା ବିକାଶ ଏକ ବଡ଼ଧରଣର ସଫଳତା। ଏଥିପାଇଁ ସରକାରୀସ୍ତରରୁ ଆରମ୍ଭ କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କମାନଙ୍କର ସହଯୋଗ ବେଶ୍ ପ୍ରଶଂସନୀୟ। ସାଧାରଣତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମହିଳାମାନେ ଉପକୂଳ ଓଡ଼ିଶାର ମହିଳାମାନଙ୍କ ତୁଳନାରେ ଏତେଟା ଶିକ୍ଷିତ ନୁହନ୍ତି। ତାହା ହେଲା ବ୍ୟାଙ୍କରେ କିପରି ପାସ୍‌ବୁକ୍ ଖୋଲାଯିବ, କିପରି ଋଣ ନେଇ କେଉଁ ସୁଧହାରରେ ପରିଶୋଧ କରାଯିବ, ନିଜ ଉତ୍ପାଦିତ ଦ୍ରବ୍ୟକୁ କିପରି ବିକ୍ରିବଟା କରାଯିବ, ଲାଭ କ୍ଷତିର ହିସାବ, ବଜାର ସୁବିଧା, ବଜାର ଚାହିଦାକୁ ଦେଖି ଉତ୍ପାଦନ ବୃଦ୍ଧି କରାଯିବ, ପରସ୍ପର ମାଧ୍ୟମରେ ସହଯୋଗ ପଦ୍ଧତି, ସଚେତନ ଓ ତାଲିମ, ଗୋଷ୍ଠୀର ସ୍ଥାୟିତ୍ୱ, କ୍ଷତି ହେଲେ କିପରି ତାହା ଭରଣା କରାଯିବ, ସରକାରୀ ସହଯୋଗ ନେବା, ବିଦେଶକୁ କେତେକ ପଦାର୍ଥ ରପ୍ତାନି କରିବା, ସରକାରୀ ରିହାତି ପାଇବା ଆଦି ବହୁ ବିଷୟ ପ୍ରତି ଗ୍ରାମାଞ୍ଚଳର ଅର୍ଦ୍ଧଶିକ୍ଷିତା ମହିଳାମାନେ ଉପଯୁକ୍ତ ଧ୍ୟାନ ଦେଇପାରି ନାହାନ୍ତି। ଏବିଭିନ୍ନ ତାଲିମରେ ଭାଗନେବା ଦ୍ୱାରା ପ୍ରତି ମହିଳା ନିଜକୁ କିପରି କାର୍ଯ୍ୟକ୍ଷମ ମଣିବ ସେ ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବ। ବିଭିନ୍ନ କାର୍ଯ୍ୟରେ କୁଶଳୀ ଯଥା – କିଏ ଭଲ ରାନ୍ଧିପାରେ, କିଏ ଭଲ ବୁଣିପାରେ, କିଏ ଭଲ ଚିତ୍ର କରିପାରେ, କିଏ ଭଲ ଗୋପାଳନ କରିପାରେ, କିଏ ଭଲ ବଡ଼ି ପାରିପାରେ, କିଏ ଭଲ ଆଚାର ପ୍ରସ୍ତୁତ କରିପାରେ ଏସବୁ ଦିଗରେ ନଜର ଦେଇ ସେଦିଗରେ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦେଇ କାର୍ଯ୍ୟରେ ନିଯୁକ୍ତ କଲେ ସେମାନେ ଅଧିକ ଉତ୍ସାହିତ ହୋଇ କାର୍ଯ୍ୟ କରିବା ପାଇଁ ଆଗଭର ହେବେ। ଏସବୁ ସହିତ ଦେଖିବାକୁ ପଡ଼ିବ ଯେ, ମହିଳାମାନେ ନିଜ ପାରିବାରିକ କର୍ମ ବାଦ୍ କେଉଁ ସମୟରେ ଗୋଷ୍ଠୀକାର୍ଯ୍ୟରେ ସାମିଲ ହୋଇପାରିବେ। ଏହାଦ୍ୱାରା କୌଣସି ମହିଳା ଭାବିବେ ନାହିଁ ଯେ ଗୋଷ୍ଠୀରେ ସାମିଲ ହେବା ଦ୍ୱାରା ନିଜ ପରିବାରକୁ ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି। ଗୋଷ୍ଠୀରେ ସାମିଲ ହେବା ଦ୍ୱାରା ସେମାନଙ୍କର ସାମାଜିକ, ଆର୍ଥିକ, ମାନସିକ, ଶାରିରୀକ ଉନ୍ନତି ହେବା ସହ ରାଷ୍ଟ୍ରର ଉନ୍ନତିକଳ୍ପେ ନାରୀମାନଙ୍କର କିପ୍ରକାର ଭୂମିକା ରହିଛି ତାହା ସେମାନଙ୍କର ହୃଦ୍‌ବୋଧ ହେବା ବିଧେୟ। ବଜାର ଚାହିଦାକୁ ଆଖିଆଗରେ ରଖି ବହୁ ଆଦିବାସୀ ମହିଳା ତେଲ ପ୍ରସ୍ତୁତ କରିବା, ଝାଡୁ ତିଆରି କରିବା, ଖଲିପତ୍ର ଠୋଲା ତିଆରି କରିବା, ଜଙ୍ଗଲଜାତ ଦ୍ରବ୍ୟ ଦ୍ୱାରା ବିଭିନ୍ନ ଖାଦ୍ୟ ପଦାର୍ଥ ତଥା ଆମ୍ବଶଢ଼ା ପ୍ରସ୍ତୁତି, ଜଳ ଅମଳ ଯୋଜନାରେ ମାଛଚାଷ, ପଶୁପାଳନ, ପାଚିଲା ତାଳ ସଂଗ୍ରହ କରି ତା' ରସରେ ଗୁଡ଼ ତିଆରି କରିବା, ମାଣ୍ଡିଆ ଚାଷ, କାନ୍ଦୁଲ ଚାଷ, ହଳଦୀ ଚାଷ, କଫିଚାଷ କରିବା ଓ ସ୍କୁଲମାନଙ୍କରେ ଖାଦ୍ୟ ପଦାର୍ଥ ରନ୍ଧନ ଆଦି କାର୍ଯ୍ୟରେ ନିୟୋଜିତ ହେବା ଦ୍ୱାରା ନାରୀମାନେ ନିଜେ ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ନିଜର ଆର୍ଥିକ ଉନ୍ନତି ପାଇଁ ସହାୟ ହୋଇଥା'ନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଗ୍ରାମଠାରୁ ରାଷ୍ଟ୍ର ପର୍ଯ୍ୟନ୍ତ ଉନ୍ନତି ଯେ ନିଶ୍ଚିତ ସମ୍ଭବ ଏହା ଆମେ ଅନୁଭବ କରୁଛେ। କିନ୍ତୁ ବଡ଼ କଥା ହେଲା ଉଚିତ୍ ମାର୍ଗରେ ଏହି ସୁନ୍ଦର ଯୋଜନାର ସଫଳ ପରିଚାଳନା ଏକାନ୍ତ ଆବଶ୍ୟକ।

# ଛୋଟ ଦେଶ ଗୁଡିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ : ମୋଦୀଙ୍କ ବିଦେଶ ନୀତିର ବିଶେଷତ୍ୱ



### ଡ. ସମନ୍ୱୟ ନନ୍ଦ

୨୦୧୪ ମସିହା ପରେ ଭାରତର ବୈଦେଶିକ ନୀତିରେ ନିଶ୍ଚିତ ଭାବେ ବ୍ୟାପକ ପରିବର୍ତ୍ତନ ଆସିଛି। ୨୦୧୪ ପୂର୍ବରୁ ଭାରତର ଆନ୍ତର୍ଜାତିକ ରାଜନୀତିରେ ଯେଉଁ ପ୍ରଭାବ ଥିଲା ଆଜି ଯେତେବେଳେ ଆମେ ୨୦୨୪ ମସିହାରେ ତାକୁ ବିଶ୍ଳେଷଣ କରିବା ତେବେ ପାଇବା ଯେ ଆଜି ଭାରତର ଭୂମିକା ବୈଶ୍ୱିକ ସ୍ତରରେ ଖୁବ ପ୍ରଭାବୀ ହୋଇଛି । ଭାରତର ପ୍ରଭାବ ବଢିଛି । ଯେହେତୁ ଭାରତର ପ୍ରଭାବ ବଢିଛି ତେଣୁ ଯେଉଁ ଦେଶ ମାନେ ଭାରତର ପ୍ରଭାବ ବଢୁ ତାହା ଚାହୁଁ ନାହାନ୍ତି ସେମାନଙ୍କୁ କଷ୍ଟ ହେବା ସ୍ୱାଭବିକ । ଏହି କଷ୍ଟ କାରଣରୁ ଭାରତ ବିରୁଦ୍ଧରେ ଆନ୍ତର୍ଜାତିକ ଷଡଯନ୍ତ୍ର ମଧ୍ୟ ଦେଖିବାକୁ ମିଳୁଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

୨୦୧୪ ମସିହା ପର ଠାରୁ ନରେନ୍ଦ୍ର ମୋଦୀ ଦେଶର ଶାସନ ଭାର ସମ୍ଭାଳିବା ପରେ ଭାରତର ବୈଦେଶିକ ନୀତିରେ ଏକ ବଡ ନୀତିଗତ ପରିବର୍ତ୍ତନ ସ୍ପଷ୍ଟ ଦେଖା ଯାଉଛି । ପୂର୍ବ ଅର୍ଥାତ ୨୦୧୪ ମସିହା ପୂର୍ବର ଭାରତ କେବଳ ବଡ ବଡ ଶକ୍ତି ମାନଙ୍କ ସହ ସମ୍ପର୍କ ପାଇଁ ଚେଷ୍ଟିତ ଥିଲା । ହେଲେ ୨୦୧୪ ମସିହା ପର ଠାରୁ ମୋଦୀ ସରକାର ବିଶ୍ୱର ବଡ ବଡ ଶକ୍ତି ମାନଙ୍କ ସହ ସମ୍ପର୍କ ସୁଧାରିବାକୁ ଚେଷ୍ଟା କରିବା ସହ ଛୋଟ ଛୋଟ ଦେଶ ମାନଙ୍କ ସମ୍ପର୍କକୁ ମଜବୁତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ଏହାର ନେତୃତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ନେଉଛନ୍ତି । ଛୋଟ ଛୋଟ ଦେଶ ଗୁଡିକୁ ଯାହାକୁ ପୂର୍ବର ସରକାର ମାନେ ସେତେଟା ଗୁରୁତ୍ୱ ଦେଉ ନ ଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ୟକ୍ତିଗତ ଭାବେ ଗସ୍ତ କରୁଛନ୍ତି ଓ ସେମାନଙ୍କର ସହ ସମ୍ପର୍କକୁ ପ୍ରଗାଢ କରୁଛନ୍ତି ।

ସବୁଠାରୁ ବଡ କଥା ହେଲା ଯେ ଏହି ଛୋଟ ଛୋଟ ଦେଶ ମାନଙ୍କୁ ବୈଶ୍ୱିକ ରାଜନୀତିରେ କେହି ପଚାରନ୍ତି ନାହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦେଶ ମାନଙ୍କ ସହ ଭାରତର ଭାଗିଦାରୀ ପାଇଁ ପ୍ରସ୍ତାବ ଦେଉଛନ୍ତି । କେବଳ ଆର୍ଥିକ କ୍ଷେତ୍ରରେ କାହିଁକି ଭାରତ ବୈଜ୍ଞାନିକ, ଚିକିତ୍ସା ଓ ପ୍ରଶାସନିକ କ୍ଷେତ୍ରରେ ଯେଉଁ ଉପଲବ୍ଧି ହାସଲ କରିଛି ତାକୁ ଏହି ଛୋଟ ଛୋଟ ଦେଶ ସହ ଶେୟାର କରି ତାଙ୍କର ଜୀବନ ଧାରଣର ମାନକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି । ବାଣିଜ୍ୟ ସହ ଶିକ୍ଷା, ବିଜ୍ଞାନ, ଟେକ୍ନୋଲଜୀ ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ସମ୍ପର୍କ ଭଳି ବିଷୟ ଗୁଡିକରେ ଛୋଟ ଛୋଟ ଦେଶ ଗୁଡିକ ସହ ସହଯୋଗ ପାଇଁ ସେ ପ୍ରସ୍ତାବ ଦେଉଛନ୍ତି। ଭାରତର ପଡୋଶୀ ଦେଶ ଶ୍ରୀଲଙ୍କା ହେଉ ବା ମରିସସ ହେଉ ଅଥବା ଫିଜି ହେଉ କିମ୍ବା ପଶ୍ଚିମ ଭାରତୀୟ ଦ୍ୱୀପପୁଂଜର ବିଭିନ୍ନ ଦେଶ ହୁଅନ୍ତୁ ବା ପାପୁଆ ନିଉ ଗିନି କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ଗସ୍ତ କରିଛନ୍ତି ଓ ଏହି ଦେଶ ଗୁଡିକର ସହ ଭାରତର ନିବିଡତା ବଢିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ମହାସାଗରରେ ଥିବା ଛୋଟ ଦେଶ ସେସେଲ୍ସ ଦ୍ୱୀପପୁଂଜ, ଆଫ୍ରିକାର ଟାଂଜାନିଆ, ମୋଜାମ୍ବିକ, ରୁଆଂଡା ଭଳି ଦେଶ ମାନଙ୍କୁ ନିଜେ ଗସ୍ତ କରୁଛନ୍ତି ।

ମୋଦୀ ସରକାର ଏହି ଦେଶ ମାନଙ୍କ ସହ ସମ୍ପର୍କକୁ ଦୃଢ କରିବାକୁ ପ୍ରଚେଷ୍ଟା ବେଳେ ଭାରତର ସଫ୍ଟ ପାୱାରର ସର୍ବାଧିକ ବ୍ୟବହାର କରୁଛି। ସାଂସ୍କୃତିକ ଆଦାନ ପ୍ରଦାନ, ମାନବାଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ପ୍ରସଙ୍ଗ ସହ ଭାରତ ସେମାନଙ୍କ ସହ ସମ୍ପର୍କକୁ ପ୍ରଗାଢ କରୁଛି । ଏହି ଦେଶ ମାନଙ୍କରେ ଭାରତ ଶିକ୍ଷା, ଚିକିତ୍ସା ଓ ବିକାଶ କ୍ଷେତ୍ରରେ ସହଯୋଗ ମଧ୍ୟ କରୁଛି। ଭାରତ ତାର ଅଭିଜ୍ଞତାକୁ ଏହି ଦେଶ ମାନଙ୍କ ସହ ଶେୟାର କରି ସେମାନଙ୍କୁ ମଧ୍ୟ ଆଗକୁ ବଢିବାକୁ ସୁଯୋଗ ପ୍ରଦାନ କରୁଛି ।

ମୋଦୀ ସରକାର ଏହି ଛୋଟ ଛୋଟ ଦେଶ ମାନଙ୍କ ସହ ନିଜର ବାଣିଜ୍ୟିକ ସମ୍ପର୍କକୁ ଭଲ କରିବାକୁ ଅନେକ ଯୋଜନା ମଧ୍ୟ କରିଛି । ଯଦି ଆମେ ଉଦାହରଣ ଭାବେ ନେବା ତେବେ ଏହି ଦେଶ ମାନଙ୍କୁ ଶସ୍ତା କ୍ରେଡିଟ, ପୁଂଜି ବିନିଯୋଗ ଓ ବାଣିଜ୍ୟିକ ସହଯୋଗ ପାଇଁ ଭାରତ ଅନେକ ଚୁକ୍ତି ମଧ୍ୟ କରିଛି । ଏହି ସହଯୋଗ ଦ୍ୱାରା ଭାରତକୁ ଆର୍ଥିକ ଓ ସାଂସ୍କୃତିକ କ୍ଷେତ୍ରରେ ହିଁ ଲାଭ ମିଳୁ ନାହିଁ ବରଂ ସାମରିକ କ୍ଷେତ୍ରରେ ମଧ୍ୟ ଲାଭ ମିଳିବା ଆରମ୍ଭ ହୋଇଛି । ଭାରତ ମହାସାଗର ଅଂଚଳର ଏହି ଦେଶ ଗୁଡିକ ରଣନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ହୋଇଥିବା କାରଣରୁ ଭାରତର ପ୍ରଭାବ ଏହି ଦେଶ ମାନଙ୍କ ଉପରେ ବଢୁଛି ଓ ଏହା ସାମରିକ ଦୃଷ୍ଟିକୋଣରୁ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ବୋଲି ବିଶେଷଜ୍ଞ ମାନେ ମନେ କରୁଛନ୍ତି ।

ଭାରତ ଏହି ଦେଶ ମାନଙ୍କରେ ଭିତିଭୂମିର ବିକାଶ ଓ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରୁଛି । ଏଥିରେ ରାସ୍ତା, ପୋଲ, ସ୍କୁଲ ଓ ହସପିଟାଲ ନିର୍ମାଣ ସହ ବିଦ୍ୟୁତ ଓ ଜଳ ଯୋଗାଣ ପ୍ରକଳ୍ପ ପରି ଅନ୍ୟ ପ୍ରକଳ୍ପ ସାମିଲ ରହିଛି । ଏହା ସହ ଭାରତ ନିଜର ଟେକ୍ନୋଲଜି ଓ ଡିଜିଟାଲ ଶିକ୍ଷା କ୍ଷେତ୍ରରେ ମଧ୍ୟ ଛୋଟ ଛୋଟ ଦେଶ ମାନଙ୍କୁ ସହଯୋଗ କରୁଛି। ସବୁଠାରୁ ବଡ କଥା ହେଲା ଯେ ଛୋଟ ଦେଶ ମାନଙ୍କ ସହ ସହଯୋଗ ବେଳେ ଭାରତର ବ୍ୟବହାର ଚୀନ ଭଳି ନାହିଁ। ଚୀନ ସହଯୋଗ କରିବା ନାମରେ ଛୋଟ ଛୋଟ ଦେଶ ମାନଙ୍କୁ କିଭଳି ଋଣ ଜାଲରେ ଫାନ୍ଦି ଥାଏ ତାହା ଏହି ଛୋଟ ଦେଶ ମାନେ ପୂର୍ବରୁ ଦେଖି ସାରିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଦେଶ ନୀତିକୁ ବିଶ୍ଳେଷଣ କଲେ ସ୍ପଷ୍ଟ ହେଉଛି ଯେ ଏହ ଦ୍ୱାରା ବୈଶ୍ୱିକ ସ୍ତରରେ ଭାରତର ଭାବମୂର୍ତ୍ତିକୁ କେବଳ ଯେ ଶକ୍ତିଶାଳୀ କରୁଛି ତାହା ନୁହେଁ ବରଂ ଏହି ଛୋଟ ଦେଶ ମାନଙ୍କର ପାଇଁ ଏକ ସ୍ଥିର ଓ ବିଶ୍ୱସନୀୟ ସହଯୋଗୀ ଦେଶ ଭାବେ ମଧ୍ୟ ଠିଆ ହେଉଛି । ଏହି ଛୋଟ ଦେଶ ମାନଙ୍କୁ ମଧ୍ୟ ଅନୁଭବ ହେଉଛି ଯେ ଭାରତ ବିଶ୍ୱର ଅନ୍ୟ ବଡ ଶକ୍ତି ମାନଙ୍କ ପରି ଅବିଶ୍ୱସନୀୟ ହୁଏ । ଭାରତ ଏକ ବିଶ୍ୱାସଯୋଗ୍ୟ ସହଯୋଗୀ ଦେଶ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବସୁଧୈବ କୁଟୁମ୍ବକମର ଭାରତୀୟ ମନୀଷୀମାନଙ୍କର ନୀତିକୁ ନେଇ କାର୍ଯ୍ୟ କରୁଛନ୍ତି । ସାରା ବିଶ୍ୱର କଲ୍ୟାଣର ଭାବନା ନେଇ ଭାରତ ସରକାର ଚେଷ୍ଟିତ ଅଛନ୍ତି । ତେଣୁ ଏହାର ଲାଭ ଯେ କେବଳ ଏହି ଛୋଟ ଦେଶ ମାନଙ୍କୁ ମିଳୁଛି ତା ନୁହେଁ ଏହାର ଲାଭ ଭାରତକୁ ମଧ୍ୟ ମିଳିବା ଆରମ୍ଭ ହୋଇଛି । ଭାରତ ଏପରି କରି ଏହି ଛୋଟ ଦେଶ ମାନଙ୍କସହ ସାମରିକ ସମ୍ପର୍କକୁ ମଧ୍ୟ ଦୃଢ କରି ପାରିଛି, ଯାହା ଭବିଷ୍ୟତରେ ଭାରତର ରଣନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ । ବିଶେଷ ଭାବରେ ଭାରତ ମହାସାଗର କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷା, ଆତଙ୍କବାଦ ବିରୋଧୀ ସହଯୋଗ କ୍ଷେତ୍ରରେ ଭାରତକୁ ବିଶେଷ ଲାଭ ମିଳିବାକୁ ଯାଉଛି । ଭାରତ ମଧ୍ୟ ଏହି ଦେଶ ମାନଙ୍କୁ ଆଶ୍ୱସ୍ତ କରୁଛି ଯେ ସେମାନେ ଏହି ପ୍ରସଙ୍ଗରେ ଭାରତ ସହ ଠିଆ ହେଲେ ଭାରତ ମଧ୍ୟ ସେମାନଙ୍କର ସୁରକ୍ଷା ଓ ବାହ୍ୟ ବିପଦରୁ ରକ୍ଷା କରିବାରେ ସହଯୋଗ ପ୍ରଦାନ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଦେଶିକ ନୀତିରେ ଏହି ଛୋଟ ଛୋଟ ଦେଶ ମାନଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦ୍ୱାରା ଏହି ଦେଶ ମାନଙ୍କରେ ଚୀନର ପ୍ରଭାବକୁ ମଧ୍ୟ କମ କରାଯାଇ ପାରିଛି । କାରଣ ଚୀନ ନିଜର ବେଲ୍ଟ ଏଣ୍ଡ ରୋଡ ଇନିସିଏଟିଭ ଜରିଆରେ ଏହି ଛୋଟ ଛୋଟ ଦେଶ ମାନଙ୍କରେ ପୁଂଜି ବିନିଯୋଗ କରିଛି । ଭାରତ ଏହି ଦେଶ ମାନଙ୍କ ସହ ସମ୍ପର୍କକୁ ଦୃଢ କରି ଏହା ସୁନିଶ୍ଚିତ କରିଛି ଯେ ଏହି ଦେଶ ମାନେ କେବଳ ଚୀନ ଉପରେ ନିର୍ଭର ନ କରନ୍ତୁ। ଭାରତ ସେମାନଙ୍କୁ ବିକଳ୍ପ ମଧ୍ୟ ପ୍ରଦାନ କରିଛି । ଏହି ଦେଶ ମାନଙ୍କୁ ଭାରତ ବାର୍ତା ଦେବାରେ ସଫଳ ହୋଇଛି ଯେ ଚୀନ ସହ ସେମାନଙ୍କ ସମ୍ପର୍କରେ ଅସନ୍ତୁଳନ ରହିଛି ହେଲେ ଭାରତ ସହ ସେମାନଙ୍କର ସମ୍ପର୍କ ଏକ ସ୍ଥିର ସନ୍ତୁଳିତ ହୋଇ ପାରିବ।

ଯେଉଁ ଦେଶ ମାନଙ୍କର ଆନ୍ତର୍ଜାତିକ ରାଜନୀତିରେ କୌଣସି ବିଶେଷ ଭୂମିକା ନ ଥିଲା ଓ କେବଳ ତାଙ୍କ ଦେଶର ସମ୍ବଳ ଗୁଡିକୁ ବିଶ୍ୱର ବଡ ବଡ ଶକ୍ତି ମାନେ ବ୍ୟବହାର କରୁଥିଲେ ସେହି ଦେଶ ଗୁଡିକ ନିକଟରେ ଭାରତ ବସୁଧୈବ କୁଟୁମ୍ବକମ ନୀତି ଆଧାରରେ ପହଂଚିଛି । ଏହି ଦେଶ ମାନଙ୍କର ସ୍ୱର କେହି ଶୁଣୁ ନ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏବେ ଏହି ଛୋଟ ଛୋଟ ଦେଶ ମାନଙ୍କର ସ୍ୱର ହେବା ଦିଗରେ କାର୍ଯ୍ୟ କରୁଛନ୍ତି । ୨୦୨୪ ମସିହା ପର ଠାରୁ ଭାରତର ବୈଦେଶିକ ନୀତିରେ ଏହା ଏକ ବଡ ନୀତିଗତ ପରିବର୍ତ୍ତନ ।

# ମନେ ରହିବେ ମନମୋହନ



### ରାଜସ୍ମିତା ବାରିକ୍

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କ ୯୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦେଶର ହୀରା ସଦୃଶ ଏହି ମହାନ ବ୍ୟକ୍ତିତ୍ୱଙ୍କ ମାର୍ଗ ଦର୍ଶନ ଯୋଗୁଁ ଆଜି ଅର୍ଥ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ହେବା ସହ ବିଶ୍ୱର ଅର୍ଥନୈତିକ ମହାଶକ୍ତି ରୂପେ ଭାରତ ଉଭା ହୋଇଛି । ୧୯୯୧ ମସିହାରେ ଜଗତୀକରଣ ପ୍ରକ୍ରିୟାରେ ଅନେକ ଦେଶର କମ୍ପାନୀ ମାନେ ଭାରତରେ ପୁଞ୍ଜି ନିବେଶ କରିବା ସହ ଦେଶରେ ଉତ୍ପାଦିତ ସାମଗ୍ରୀ ମଧ୍ୟ ବିଶ୍ୱ ବଜାରରେ ବିକ୍ରି ଆରମ୍ଭ ହୋଇଥିଲା। ଏଥିସହିତ ରୁଗଣ ଅର୍ଥନୀତି ଦୌଡିବାରେ ସକ୍ଷମ ହୋଇଥିଲା । ତେଣୁ ସଙ୍କଟ ମୋଚନ କରିବାରେ ସିଦ୍ଧହସ୍ତ ଥିଲେ ମନମୋହନ ।

ବ୍ୟକ୍ତିଗତ ଜୀବନରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଡକ୍ଟରେଟ ହାସିଲ କରିବା ପରେ ଅଧ୍ୟାପନା ଆରମ୍ଭ କରିଥିଲେ । ଏହାପରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭର୍ଣ୍ଣର, ୟୁଜିସି ଅଧ୍ୟକ୍ଷ, ଅର୍ଥମନ୍ତ୍ରୀ ତଥା ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ରୂପେ ତାଙ୍କ ଦୂର ଦୃଷ୍ଟିର ପ୍ରଭାବ ଆଜି ଦେଶବାସୀ ମାନେ ପାଉଛନ୍ତି। ୨୦୦୪ ରୁ ୨୦୧୪ ଯାଏଁ ଦିଲ୍ଲୀ ସିଂହାସନରେ ବସିଥିବା ମନମୋହନ ସିଂହଙ୍କ ସରକାର ଗ୍ରାମାଞ୍ଚଳରେ ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ସୂଚନା ଅଧିକାର ଆଇନ, ଖାଦ୍ୟ ସୁରକ୍ଷା ଯୋଜନା,୧୦୮ ଆମ୍ବୁଲାନ୍ସ ସେବା, ପ୍ରତିଟି ଭାରତୀୟଙ୍କ ପରିଚୟ ପାଇଁ ଆଧାର କାର୍ଡ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ହିତାଧିକାରୀଙ୍କୁ ସିଧା ସଳଖ ସରକାରୀ ସୁବିଧା ଓ ଆର୍ଥିକ ସାହାଯ୍ୟ ପାଇଁ ଡାଇରେକ୍ଟ ବେନି ଫିଟ୍ ଟ୍ରାନ୍ସଫର ପରି ଅନେକ କାର୍ଯ୍ୟକ୍ରମ ଆରମ୍ଭ କରି ସଫଳ ମଧ୍ୟ ହୋଇଥିଲେ । ସେହିପରି ପ୍ରବଳ ବିରୋଧ ସତ୍ତ୍ୱେ ଭାରତ ଏବଂ ଆମେରିକା ମଧ୍ୟରେ ପରମାଣୁ ଚୁକ୍ତି ସ୍ୱାକ୍ଷର କରିବା ତାଙ୍କୁ ରାଷ୍ଟ୍ର ନାୟକର ପରିଚୟ ଦେଇଛି ।

ମନମୋହନ ସିଂହ ଓଡ଼ିଶାକୁ ଅନେକ କିଛି ସହାୟତା କରିଛନ୍ତି । ବନ୍ୟା ଓ ବାତ୍ୟା ସମୟରେ ପରିସ୍ଥିତି ସମୀକ୍ଷା ପୂର୍ବକ ଆର୍ଥିକ ସହାୟତା, ବାଲେଶ୍ୱର, ବଲାଙ୍ଗୀର, କୋରାପୁଟ ଠାରେ ମେଡିକାଲ୍ କଲେଜ ପ୍ରତିଷ୍ଠା, ବାଲେଶ୍ୱରରେ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ପ୍ଲାଷ୍ଟିକ ଟେକ୍ନୋଲୋଜି, ଏମ୍ବର ସାଟେଲାଇଟ କ୍ୟାମ୍ପସ, ତାମୁଲିଆ ଓଭର ବ୍ରିଜ, ଜଳେଶ୍ୱର - ଦୀଘା ରେଲ ରୁଟ, ରେଳ ଉଡନ୍ତା ପୋଲ, ଉତ୍ତର ଓଡ଼ିଶା ଚ୍ୟାମ୍ବର ଅଫ୍ କମର୍ସ, କୋଷ୍ଟାଲ କେନାଲ ଉଦ୍ଧାର ପରି ଅନେକ କିଛି ଲୋକ ହିତକର କାର୍ଯ୍ୟ କରି ସେ ଜନପ୍ରିୟ ହୋଇ ପାରିଛନ୍ତି। ତେବେ ଯାଜପୁର ଜିଲ୍ଲାରେ ତାଙ୍କର ମଧ୍ୟମା ଝିଅ ଦାମନ ସିଂ ଓଡ଼ିଆ ଆଇପିଏସ୍ ଅଫିସର ଅଶୋକ ପଟ୍ଟନାୟକଙ୍କୁ ବିବାହ କରିଛନ୍ତି, ଅର୍ଥାତ ଓଡ଼ିଶା ସହ ତାଙ୍କର ପାରିବାରିକ ସମ୍ପର୍କ ମଧ୍ୟ ସୁଦୃଢ ଥିଲା।




ସେହିପରି ୨୦୦୯ମସିହାରେ ଡଃ ସିଂହଙ୍କ ହୃଦୟରେ ଓଡ଼ିଆ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ସଫଳ ଭାବେ ବାଇପାସ୍ ସର୍ଜରୀ କରାଯାଇଥିଲା। ଅନେକ ସମୟରେ ଦେଖା ଯାଏ ସ୍ଥାନୀୟ ନିର୍ବାଚନ ଠୁ ଲୋକସଭା ନିର୍ବାଚନ ଯାଏଁ ଲୋକେ ଭୋଟ ନ ଦେଇ ଭୋଟ ଦିବସକୁ ଛୁଟି ଦିବସ ଭାବେ ପାଳନ କରିଥାନ୍ତି। ସମ୍ବିଧାନ ପ୍ରଦତ୍ତ ଅଧିକାରକୁ ନିଜ ହାତରେ ଦମନ କରି ଭୋଟ ନ ଦେବା ଏବଂ ପରବର୍ତ୍ତୀ ସମୟରେ ସରକାର ଓ ବିରୋଧୀଙ୍କୁ ସମାଲୋଚନା କରିବା ଏକ ଫେସନ ହୋଇଗଲାଣି । କିନ୍ତୁ ଡଃ ସିଂହ ଅସୁସ୍ଥ ଥିବା ସତ୍ତ୍ୱେ ହୁଇଲ ଚେୟାର ଆସି ରାଜ୍ୟସଭାରେ ଭୋଟ ଦେବା ସ୍ପଷ୍ଟ କରୁଛି ଭୋଟ ଓ ଗଣତନ୍ତ୍ରର ମୂଲ୍ୟବୋଧ।

ମନମୋହନ ଅତି ସରଳ ଜୀବନ ଯାପନ କରିବାକୁ ଭଲ ପାଉଥିଲେ । ଗାଁ ଓ ଗରିବ ଲୋକ ଙ୍କ ବିକାଶ ପାଇଁ ଗୁରୁତ୍ୱ ଦେଉଥିଲେ । ବହୁତ କମ୍ କଥା କହୁଥିଲେ। ତାଙ୍କର ନିରବତା ଭିତରେ ଥିବା ଅର୍ଥନୀତି ର ଜ୍ଞାନ ରୂପକ ଆଲୋକ ଯାହା ଆଜି ଆମକୁ ଦିଗ୍ ଦର୍ଶନ ପ୍ରଦାନ କରୁଛି। ସେ ନିଜ କାମ ପାଇଁ କୌଣସି ଶ୍ରେୟ ନେବାକୁ ଚାହୁଁ ନଥିଲେ । ଭାରତର ଅର୍ଥନୀତିକୁ ସୁଦୃଢ଼ କରିବାରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଆଜି ମନମୋହନ ନାହାନ୍ତି ସତ, ଇତିହାସର ପୃଷ୍ଠାରେ ଇତିହାସ ହୋଇଯାଇଛନ୍ତି ସତ, କିନ୍ତୁ ସାରା ଦେଶ ତାଙ୍କର କର୍ମ ପାଇଁ ତାଙ୍କୁ ଝୁରୁଛି । ତାଙ୍କର କର୍ମ ତାଙ୍କୁ ମହାନ୍ କରିଛି ।

ନୀଳଗିରି, ବାଲେଶ୍ୱର

# ଅନ୍ୟାୟକୁ ଓଡ଼ିଶାବାସୀଙ୍କୁ ହଜମ କରିବାକୁ ପଡ଼ିଲା



### ସୁବ୍ରତ କର

ଆଇନକୁ ତାର ନିଜ ବାଟରେ ଚାଲିବାକୁ ଦିଆଗଲା ନାହିଁ । ବଡ଼ ଲୋକଙ୍କୁ ଉତ୍ତର ନାହିଁ । ଏମିତିରେ ଆମେ କହୁଛୁ 'ଆଇନକୁ ତା ବାଟରେ ଯିବାକୁ ଦିଆଯାଉ' ସେ ଯେତେ ବଡ଼ ଲୋକ ହୁଅନ୍ତୁ ନା କାହିଁକି ? କେହି ଆଇନ ଉର୍ଦ୍ଧ୍ୱରେ ନୁହଁନ୍ତି । ଏବେ କଣ ହେଲା ? ରାଜ୍ୟର ଏକ ନମ୍ବର ଲୋକଙ୍କ ଲୋକେ ଅନ୍ୟାୟରେ ଆଶ୍ରୟ ନେଲା ଏବଂ ଜଣେ କର୍ତ୍ତବ୍ୟରତ ସରକାରୀ ଅଫିସରଙ୍କୁ ଅପମାନିତ କରିଲେ ଏବଂ ଶେଷରେ ରାଜ୍ୟ ଛାଡ଼ି ଚାଲିଗଲେ କାହିଁକି ସାଢ଼େ ଚାରିକୋଟି ଲୋକ କେହି କିଛି କରି ପାରିଲେ ନାହିଁ? ଏହା ଅନ୍ୟ ପାଇଁ ଏକ ବିରଳ ଦୃଷ୍ଟାନ୍ତ ହୋଇ ରହିବ ଏବଂ ସବୁଠୁ ବଡ଼ କଥା ହେଲା ଆଇନ ସେ ବ୍ୟକ୍ତିଙ୍କର କିଛି କରି ପାରିଲା ନାହିଁ ଏବଂ ସମସ୍ତେ ଏହାକୁ ଆଦରର ସହିତ ହଜମ କରିଲେ। ଏଇଟା ନିଶ୍ଚିତ ସରକାରଙ୍କୁ ବହୁତ ବଡ଼ ଆଶ୍ୱସ୍ତି ମିଳିଥିବ କାରଣ ଆଇନ ବାଟ ମାରଣ ହେଲେ ଏହି ବିଶେଷ ଘଟଣାକୁ ସମସ୍ତଙ୍କ ଆଗରେ ଥୋଇ ହେବ ଏବଂ ସରକାରଙ୍କ ଏହି ଗୋଟାଏ ଦୁର୍ବଳତାକୁ ଉଦାହରଣ ହିସାବରେ ନିଆହୋଇ ପାରିବ । କାର୍ଯ୍ୟରତ ଜଣେ ସରକାରୀ ଅଫିସରଙ୍କୁ କେହି ଖରାପ ବ୍ୟବହାର କରିଲେ ସାଥେ ସାଥେ ଜେଲ ପର୍ଯ୍ୟନ୍ତ ଯିବାକୁ ପଡ଼ିପାରେ । ଏମିତି ଏକ ଘଟଣା ଖୋର୍ଦ୍ଧା ଜିଲ୍ଲାପାଳ ଅଫିସରେ ଏକ ବର୍ଷ ତଳେ ଘଟିଥିଲା । ସେହି କର୍ମଚାରୀଙ୍କ ସ୍ତ୍ରୀ କୋର୍ଟରେ କେସ କରିବା ପାଇଁ ବାହାରିଥିଲେ ଏବଂ କଲେକ୍ଟରଙ୍କ ବିରୁଦ୍ଧରେ ପୋଲିସ ଷ୍ଟେସନରେ ଲିଖିତ ଆକାରରେ କମ୍ପ୍ଲେନ୍ କରିଥିଲେ । ଘଟଣାଟି ବହୁତ ଦୂର ପର୍ଯ୍ୟନ୍ତ ଆଗେଇଥିଲା । ଶେଷରେ ଅତିରିକ୍ତ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଗୋଟାଏ ସମଝୋତା ବାଟକୁ ଆସିଥିଲା କିନ୍ତୁ ପର ସ୍ତରରେ ସେହି କଲେକ୍ଟରଙ୍କୁ ସେହି ଜିଲ୍ଲାରୁ ସରକାର ବଦଳି କରି ଅନ୍ୟ ଜାଗାରେ ଥଇଥାନ କରିଥିଲେ । ଏ ଘଟଣା ଜଣେ ସରକାରୀ କର୍ମଚାରୀ ଆଉ ଜଣେ ସରକାରୀ କର୍ମଚାରୀ ମଧ୍ୟରେ ଘଟିଥିଲା। କିନ୍ତୁ ଆଗ ଘଟଣାଟି ଜଣେ ସରକାରୀ କର୍ମଚାରୀ ଏବଂ ଅନ୍ୟ ଜଣ ଥିଲେ ଅତି କ୍ଷମତାବାନ ଲୋକର ପୁଅ । ସେ କୌଣସି ସରକାରୀ କର୍ମଚାରୀ ନଥିଲେ । ତଥାପି ଏ କ୍ଷେତ୍ରରେ ଖରାପ ବ୍ୟବହାର କରିଥିବା ଲୋକଙ୍କର କେହି କିଛି ବିଗାଡ଼ି ପାରିଲେ ନାହିଁ । ସେ ଆରାମରେ ଛାତି ଫୁଲାଇ ରାଜ୍ୟ ଛାଡ଼ି ନିଜ ରାଜ୍ୟକୁ ଗଲେ। ଏପରି ଘଟଣା ନିଶ୍ଚିତ ସବୁ କ୍ଷମତାବାନ ଲୋକଙ୍କ ଆତ୍ମୀୟମାନଙ୍କ ପାଇଁ ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି ଏବଂ ନିଶ୍ଚିତ ଏପରି କିଛି ଘଟଣା ତିଆରି କରିବା ପୂର୍ବରୁ କ୍ଷମତାବାନ ଲୋକ ସହିତ ତାଙ୍କର ଭାଇ, ବନ୍ଧୁ, କୁଟୁମ୍ବ ମଧ୍ୟ ଡରିବେ। ଏହିସବୁ କ୍ଷେତ୍ରରେ କିଛି ଦୃଷ୍ଟାନ୍ତ ମୂଳକ ଦଣ୍ଡ ହେବା ଉଚିତ ଥିଲା । ଏବଂ ଘଟିଥିଲେ ଭବିଷ୍ୟତରେ ଏପରି କାର୍ଯ୍ୟ କରିବା ପାଇଁ ସାହସ ଜୁଟେଇବେ ନାହିଁ ଏବଂ ସରକାରଙ୍କୁ କାଠଗଡ଼ାରେ ଛିଡ଼ା ହୋଇ ହଜାର ପ୍ରଶ୍ନର ଉତ୍ତର ଦେବାକୁ ପଡ଼ି ନଥାନ୍ତା । ଈଶ୍ୱର କରନ୍ତୁ ଏପରି ଘଟଣା ଦ୍ୱିତୀୟବାର ନ ହେଉ ।

## କବିତା କୋଣାର୍କ

### ସୃଷ୍ଟିର ନିୟମ

**ରୋହିତ ସେଠୀ**



ପୁରୁଣାର ଅନ୍ତେ ନୂଆ ଆଗମନ
ସୃଷ୍ଟିର ବିଚିତ୍ର ଖେଳ
ରାତି ପାହିଗଲେ ସକାଳଟା ଆସେ
ଧରିତ୍ରୀ ଦିଶେ ଉଜ୍ଜ୍ୱଳ ।

ଦିବସର ଶେଷରେ ସଞ୍ଜ ମାଡ଼ି
ଆସେ
ସଞ୍ଜ ପରେ ହୁଏ ରାତି
ସଭିଙ୍କ ଉପରେ ବଳବାନ କାଳ
କବଳେ କରେ ରାଜୁତି ।

ଦୁଃଖ ପରେ ଯହିଁ ସୁଖ ଆସେ ଧାଇଁ
ହସ ପରେ ଆସେ କାନ୍ଦ
ଆଶା ପରେ ଥାଏ ନିରାଶା ଯେମିତି
ଭଲ ପରେ ଥାଏ ମନ୍ଦ ।

ଦୁଃଖକୁ ଆଡ଼େଇ କେବଳ ସୁଖକୁ
ଆଦରି ପାରିବା କୁହ.. ?
ସୃଷ୍ଟିର ନିୟମ ଉଲଙ୍ଘନ କରି
ବଞ୍ଚିବା ସହଜ ନୁହଁ ।

ଜନ୍ମ ଅଛି ଯଦି ମୃତ୍ୟୁ ସୁନିଶ୍ଚିତ
ଏ କଥା ନିରାଟ ସତ
ସୃଷ୍ଟିର ନିୟମ ପାଳନ କରିବା
ଗାଇ ଜୀବନ ସଂଗୀତ ।

ଖଜୁରୀପଡ଼ା,କନ୍ଧମାଳ
ମୋ:୯୪୩୮୦୭୩୯୩୦

### ମୁଁ ଯେ ଏକ ଅନାଥ

**ଦୁଃଖହରଣ ପାତ୍ର**



ମନେ ପଡ଼ିଯାଏ ଯେବେ ତୁମରି କଥା
ଆଖି ରୁ ମୋ ଲୁହ ପଡେ ଝରି
ଜାଣି ପାରେ ନାହିଁ ଦୁଃଖେ ଅବା କଷ୍ଟେ
କା ପାଶେ ଜଣାଇବି ମୋ ଗୁହାରି।
ଥିଲ ମୋହର ଦିଗଦର୍ଶନ ଥିଲ ପୁଣି
ପଥ ପ୍ରଦର୍ଶକ
ଆଲୋକ ବି ଆଜି ଅନ୍ଧାର ଲାଗଇ
ଛାତିରେ ମୋ ଉଛୁଳେ କୋହ।
ଆହା ପଦେ କେହି କହିବାକୁ ନାହିଁ
ସମସ୍ତଙ୍କ ପାଶେ ଅଭାବ ସମୟ
ବଞ୍ଚିବି କେମିତି ଆଗାମୀ ବରଷ
ଭାବିଲେ ଲାଗୁଛି ଭୟ।
ତୁମେ ସିନା ଚାଲିଗଲ କରମ ତୁମର
କରି
ହୋଇ ଗଲି ଏକା ଏଇ ସଂସାରରେ
କିଏ ଦେବ ଅବା ସବୁ ସଜାଡି।
ଭରଷା ଆଜି ଯାଇଛି ସାଜି ମୋ
ପ୍ରଭୁ ଜଗନ୍ନାଥ
ତୁମ ବିନା ମୋର
ନୂତନ ପରିଚୟ ମୁଁ ଯେ ଏକ
ଅନାଥ।

ଜାମଦା ସରକାରୀ ଉଚ୍ଚ
ବିଦ୍ୟାଳୟ,ମୟୂରଭଞ୍ଜ

### ଜରି ଗୋଟାଳି

**ଡିସମ୍ବର ମେହେର**

ସୁଲୁସୁଲିଆ ପବନରେ
ଦୁଲୁଦୁଲୁ ଦୁଲିକି ଉଠେ ଦେହ
ଥର ଥର ହୁଏ ପାଟି ଟା ମୋର୍
ପେଟର ଦୁଃଖ କେମିତି କହିବି କୁହ।
ଆଖି ଦିଟା ଦେଖିଛି ପରା
ଦୁନିଆଁ ଯାକର ଖୁସି
କିଏ ? କହୁଛି ଜରି ଗୋଟାଳି
ଚିରାକନା ଦେଖି ଦେଉଛି ହସି ।
ହସ ତ ମୋ ଭାଗ୍ୟ ନାହିଁ
ଦୁଃଖ ଭରି ଦେଇଛୁରେ ଦଇବ
ନିସ୍ ନିସ୍ କରେ ଉଦର ମୋର
କେତେ ଦୁଃଖ ଆଉ ସେ ସହିବ ।
ପେଟକୁ ମୁଠେ ରାତିକୁ ନିଦ
ସପନ ହେଲାଣି ମୋର୍
ଭୋକର କଳବଳ ଆର୍ତ୍ତନାଦ
ହୁତାସନେ ଜଳି ଉଠେ ଶରୀର ।
ଢୋକେ ପାଣିକୁ ଚୋଉରସ ନିଶ୍ୱାସ
ମାରି
ତଣ୍ଟି ହେଇଗଲାଣି ମୋଡିସମ୍ବର
ମେହେର ବ୍ୟଥା
ପୌଷମାସକୁ ହାଡଫଟା ଶୀତ
କେମିତି ସହିବିରେ ବିଧାତା
କେମିତି ସହିବିରେ ବିଧାତା ।

ଗଣ୍ଡାବାହାଲି ଜିଲ୍ଲା-ନୂଆପଡା



# ଜନ୍ମ ମାଟି

## ବିଷ୍ଣୁ ପ୍ରସାଦ ଦାସ

ଉର୍ମି ତରତର ହୋଇ ଅଫିସ ବାହାରୁଥିଲା, ବାହାରେ ଅଫିସ କାର୍ ଅପେକ୍ଷା କରିଛି, ଯିବା ସମୟରେ ଡ୍ରଇଂ ରୁମ ସୋଫା ଉପରେ ତା'ର ବାପା ନରେଶ ବାବୁ ବସିଥିଲେ । ଉର୍ମିକୁ ଦେଖି ବାପା ସୋଫା ଉପରୁ ଉଠି ଛିଡା ହୋଇ କଣ କହିବାକୁ ଯାଉଥିଲେ, ବାପାଙ୍କ ହାବ ଭାବ ଦେଖି ଉର୍ମି ପଚାରିଲା 'ବାପା କଣ କିଛି କହିବ ?'

ବାପା ଟିକେ ଥଙ୍ଗ ମଙ୍ଗ ହୋଇ ରହିଗଲେ, ଉର୍ମି ପୁଣି ପଚାରିଲା 'ବାପା କୁହ କଣ ହୋଇଛି ? ମୋର ଅଫିସ ବେଳ ହୋଇ ଗଲାଣି '

ବାପା ଟିକେ ଲଜ୍ଜାରେ କହିଲେ, 'ମା' କିଛି ଟଙ୍କା ଦେଇ ପାରିବୁ କି ? ମୋର ଦରକାର ଥିଲା ।'

ଉର୍ମି ପଚାରିଲା କେତେ ଟଙ୍କା ଦରକାର ? '

ବାପା କହିଥିଲେ ମା' ଚାରି ପାଞ୍ଚ ଶହ ହେଲେ ଚଳି , ଆଜି ଟିକେ ଇଚ୍ଛା ହଉଛି, ଆମେ ଦୁଇ ତିନିଜଣ ସମବୟସ୍କ ବନ୍ଧୁ ଯିବୁ, ମୁଁ ଅନେକଥର ସେମାନଙ୍କ ଠାରୁ ପ୍ରସାଦ ଖାଇଛି, ଭାବୁଥିଲି ଆଜି ସେମାନଙ୍କୁ ଟିକେ ମୋ ତରଫରୁ କିଛି ପ୍ରସାଦ ସେବନ କରାଇବି । ଜାଣେନା ମା' ତୋ ପାଖରେ ଏହି ସମୟରେ ଟଙ୍କା ଅଛି କି ନାହିଁ, ନଥିଲେ କିଛି ବ୍ୟସ୍ତ ହବାର ନାହିଁ । ମା' ତୋର ଡେରି ହୋଇ ଯାଉଛି ତୁ ଅଫିସ ଯାଇପାରୁ ।

ଉର୍ମି ଏକଥା ଶୁଣି ଟିକେ ରହିଗଲା ତା'ର ଚକ୍ଷୁରୁ ଦୁଇ ଟୋପା ଲୋତକ ଝରି ଆସିଲା । ନିଜ ବ୍ୟାଗରୁ ନ ଗଣି କିଛି ୫୦୦ ଟଙ୍କିଆ ନୋଟ୍ ବାପାଙ୍କ ହାତକୁ ଦେଇ ସେ କହିଲା 'ବାପା ମୋର ଖୁବ୍ ବଡ଼ ଭୁଲ ହୋଇ ଯାଇଛି, ତୁମେ ଏଇ ଟଙ୍କା ରଖ, ଖର୍ଚ୍ଚ କର, ମୋର ଅଫିସ ସମୟ ହୋଇ ଗଲାଣି ମୁଁ ଅଫିସରୁ ଫେରି ତୁମ ସହ କଥା ହେବି ।

ନରେଶ ବାବୁ ଆଶ୍ଚର୍ଯ୍ୟ ଚକିତ ହୋଇ ଉର୍ମିର ଅଫିସ୍ ଯିବା ବାଟକୁ ଚାହିଁ ରହି ଭାବୁଥିଲେ ଝିଅ ଏତେ ଗୁଡ଼ା ଟଙ୍କା ମୋ ହାତରେ କାହିଁକି ଧରାଇ ଦେଇ ଗଲା ? ମୋ ଉପରେ ଉର୍ମି ରାଗି ନାହିଁତ ? ଅନେକ ଚିନ୍ତା ଭାବନା ମଧ୍ୟରେ ନରେଶ ବାବୁ ଗୋଟିଏ ୫୦୦ ଟଙ୍କିଆ ନୋଟ୍ ନିଜ ପକେଟ୍ ଭିତରେ ପୁରାଇ ଆଉ ସବୁ ଟଙ୍କା ଝିଅର ଆଲମିରାରେ ରଖି ଦେଲେ ।

ଦିନ ୧୨ ଟା ସମୟରେ ନରେଶ ବାବୁ ଘରେ କୋଲପ ପକାଇ ଇସ୍କନ ମନ୍ଦିର ପହଞ୍ଚି ଗଲେ ପୂର୍ବରୁ ତାଙ୍କର ଦୁଇ ସାଙ୍ଗ ମନୋଜ ବାବୁ ଏବଂ କାଳି ବାବୁ ଆସି ଯାଇଥିଲେ । ମନୋଜ ବାବୁ ସରକାରୀ ଅଫିସରୁ ଅବସର ନେଇଛନ୍ତି, କାଳି ବାବୁ ଜଣେ ଦାୟିତ୍ୱବାନ ଲେଖକ ଦୁଇଜଣ ଥିଲା ବାଲା ଘରର । ନରେଶ ବାବୁ ମଧ୍ୟ ଜଣେ ଅବସର ପ୍ରାପ୍ତ ଘରୋଇ ସଂସ୍ଥାର କର୍ମଚାରୀ, ତିନିଜଣ ପ୍ରାୟ ଏକା ବୟସର, ତିନିଜଣଙ୍କ ମଧ୍ୟରେ ତଫାତ୍ ଏତିକି ଯେ, ମନୋଜ୍ ବାବୁ ମାସିକ ଭଲ ପେନସନ୍ ପାଆନ୍ତି ନିଜେ ଚଳିବା ପରେ ମଧ୍ଯ ବଳି ଥାଏ । କାଳି ବାବୁ ଅନେକ ବହି ଲେଖିଛନ୍ତି ସେ ବାବଦକୁ ପ୍ରକାଶକ ମାନେ ତାଙ୍କୁ ଭଲ ପାରିଶ୍ରମିକ ଦିଅନ୍ତି ତେଣୁ ସେ ଦୁଇଜଣ କାହାରି ଉପରେ ନିର୍ଭରଶୀଳ ନୁହନ୍ତି । ପ୍ରାତଃ ଭ୍ରମଣ ସମୟର ଦେଖା ସାକ୍ଷାତରୁ ତିନିଜଣଙ୍କ ମଧ୍ୟରେ ବନ୍ଧୁତା ବଢ଼ି ଯାଇଛି , ମନେ ହୁଏ ସତେ ଯେମିତି ମା' ପେଟର ତିନି ଭାଇ । ତିନିଜଣ ମିଶି ଅନେକ ଗପସପ ହେଲେ ତା ପରେ ଦିଅଁ ଦର୍ଶନ କରି ପ୍ରସାଦାଳୟ ଯାଇ ନରେଶ ବାବୁ ତିନୋଟି ଟିକେଟ କାଟି ଡାଇନିଂ ଟେବୁଲରେ ବସିଲେ, ପ୍ରସାଦ ପରସା ଗଲା, ପ୍ରାସାଦ ସେବନ ପରେ ତିନି ବନ୍ଧୁ ବାହାରକୁ ଆସି ତିନୋଟି ମିଠା ପାନ ଖାଇ ଯିଏ ଯାହା ଘରକୁ ଚାଲି ଯାଇଥିଲେ ।

ସନ୍ଧ୍ୟା ୬ ଟା ବେଳକୁ ଉର୍ମି ଅଫିସରୁ ଫେରି ଟିକେ ଫ୍ରେସ୍ ହୋଇ ଦୁଇ କପ୍ ଚା' କିଛି ବିସ୍କୁଟ ଧରି ବାପାଙ୍କ ପାଖକୁ ଆସିଲା । ନରେଶ ବାବୁ ସକାଳେ ପଢିଥିବା ଖବର କାଗଜଟିକୁ ପୁଣି ଥରେ ଲେଉଟାଉ ଥିଲେ ହୁଏତ କିଛି ଖବର ରହି ଯାଇଥିବ ବୋଲି ଭାବୁଥିଲେ । ଘର କାମ କରିବା ପାଇଁ ମମତା ବୋଲି ଝିଅଟିଏ ଆସେ, ରୋଷେଇ, ତଥା ଘର କାମ ସାରି ଦେଇ ସେ ଚାଲିଯାଏ , ସନ୍ଧ୍ୟା ବେଳେ ଉର୍ମି ଅଫିସରୁ ଆସି ଚା' କରିଦିଏ । ଉର୍ମି କେନ୍ଦ୍ର ସରକାରଙ୍କର ଆୟକର ବିଭାଗର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ, ତାଙ୍କୁ ଅଫିସ ଯିବା ଆସିବା ନିମନ୍ତେ ସରକାରୀ ଗାଡି, ସରକାରୀ ଘର, ଜଣେ ପିଅନ ଦିଆ ହୋଇଛି ।

ଉର୍ମିକୁ ଦେଖି ନରେଶ ବାବୁ ଖବର କାଗଜଟିକୁ ରଖିଦେଇ ଝିଅକୁ ପଚାରିଲେ 'ମା' ଆଜି ସକାଳେ ତୁ ମୋତେ ଏତେ ଗୁଡ଼ାଏ ଟଙ୍କା କାହିଁକି ଦେଇ ଗଲୁ ? ମୁଁ ତ କିଛି ବୁଝି ପାରିଲି ନାହିଁ , ସେଥିରୁ ୫୦୦ ଟଙ୍କା ନେଇ ବାକି ତୋ ଆଲମିରାରେ ରଖି ଦେଇଛି' ।

ଉର୍ମି କହିଲା, ବାପା ସେ ଟଙ୍କା ତୁମେ ରଖ, ଯେତେବେଳେ ଯାହା ଖର୍ଚ୍ଚ ହେବ କରିବ , ଦରକାର ହେଲେ ମୁଁ ଆହୁରି ଦେବି, ସତରେ ମୁଁ ଭୁଲ କରି ଦେଇଛି, ତୁମେ ଟଙ୍କା ମାଗିବା ପୂର୍ବରୁ ତୁମ ହାତ ଖର୍ଚ୍ଚ ପାଇଁ ମୋର ଦେଇ ଦେବା କଥା । ତୁମେ ମୋତେ ପାଠ ପଢ଼ାଇବା ପାଇଁ କେତେ ଯେ କଷ୍ଟ କରିଛ ତା' ମୋ ଠାରୁ ଆଉ ବେଶି କିଏ ଜାଣେ ? ତୁମର ସବୁ ଆଶା, ଇଚ୍ଛାକୁ ତ୍ୟାଗ କରିଛ, ମା'ର ଅନୁପସ୍ଥିତି ମୋତେ ବୁଝିବାକୁ ଦେଇନ, ଯାହା କିଛି ଜମି ବାଡ଼ି ଥିଲା ବିକ୍ରୀକରି ମୋତେ ଦିଲ୍ଲୀରେ ଉଚ୍ଚ ଶିକ୍ଷା ଦେଇଛ, ମୁଁ କଣ ଭୁଲିଯାଇ ପାରିବି ତୁମର ଭଲ ପାଇବା, ବାପା ତୁମେ ସତରେ ମୋ ପାଇଁ ମହାନ୍ । ହଉ କୁହ, ଆଜି ଇସ୍କନ୍ ମନ୍ଦିର ଯାଇ ବନ୍ଧୁ ମାନଙ୍କୁ ପ୍ରସାଦ ସେବନ କରାଇଲ ନା ନାହିଁ ?' ହଁ ମା' ସବୁ ଠିକ୍ ଠାକ୍ ହୋଇ ଗଲା ଆମେ ଖୁସିରେ ପ୍ରସାଦ ସେବନ କରି ଟିକେ ଗପସପ କରି ଫେରି ଆସିଲୁ, ସତରେ ମା' ଆଜି ତୁ ମୋର ଇଜ୍ଜତ ରଖି ଦେଲୁ ।

ଉର୍ମି ବ୍ୟସ୍ତ ହୋଇ କହି ଉଠିଲା 'ବାପା ତୁମେ ଏ କି କଥା କହୁଛ ? ତୁମ ଇଜ୍ଜତ ମୋ ଇଜ୍ଜତ ଏକା କଥା , ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ, ତୁମର ଯେତେବେଳେ ଯାହା ଦରକାର ମୋତେ କୁହ ବାପା, ତୁମ ଝିଅ ଆଜି ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ତୁମ ଛଡା ଏ ଦୁନିଆରେ ମୋର ଆଉ କିଏ ଅଛି କହିଲ ? ମୁଁ ମୋର ମା'କୁ ଛୋଟ ବେଳେ ହରାଇଛି, ସେତେବେଳେ ମୋର ମାଟ୍ରିକ ପରୀକ୍ଷା ଚାଲିଥିଲା ହଠାତ୍ ମା' ହୃଦ୍ଘାତ ରେ ଆରପାରିକୁ ଚାଲିଗଲା, ତୁମେହିଁ ବାପା, ତୁମେହିଁ ମା' ହୋଇ ମୋତେ ଆଣି ଏହିଠାରେ ପହଞ୍ଚାଇ ପାରିଛ' ।

ନରେଶ ବାବୁ ଏ କଥା ଶୁଣି ତାଙ୍କର ଦୁଇ ଚକ୍ଷୁରୁ ଦୁଇ ଟୋପା ଲୁହ ଝରି ଆସିଲା ହୁଏତ ସେ ତାଙ୍କ ସହଧର୍ମିଣୀଙ୍କ କଥା ଭାବୁଥିଲେ । ତାଙ୍କ ସ୍ତ୍ରୀ ଝରଣା ଖୁବ ସ୍ନେହୀ ମମତା ମୟୀ ସୁଗୃହିଣୀ ଥିଲେ, ଭଗବାନଙ୍କ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା, ପରିବାରକୁ ସୁଚାରୁରୂପେ ଚଳାଇବା ତାଙ୍କର ଏକ କଳା କହିଲେ ଅତ୍ୟୁକ୍ତି ହେବନାହିଁ । ନିଜର ଝିଅକୁ ସେ ମଣିଷ ପରି ମଣିଷ କରି ଗଢି ତୋଳିବାର ସ୍ୱପ୍ନ ଦେଖୁଥିଲେ, ଆଉ ଝିଅ ଯେତେବେଳେ ମଣିଷ ପରି ମଣିଷ ଟିଏ ହୋଇ ଗଲା ସେତେବେଳେ ସେ ଆରପାରିକୁ ଚାଲିଯାଇ ଥିଲେ, ହୁଏତ ସ୍ୱର୍ଗରେ ଥାଇ ନିଜ ଝିଅର କୃତିତ୍ୱ ଦେଖି ଖୁସି ହେଉ ଥିବେ । ଉର୍ମି ବାପାଙ୍କୁ କହିଲା, ବାପା ପୁଣି କଣ ଚିନ୍ତା କରୁଛ ? ମୁଁ ତ ତୁମ ପାଖେ ପାଖେ ଅଛି ।

ନରେଶ ବାବୁ କହିଲେ, ନା ରେ ମା' ଏବେ ଗୋଟିଏ ଚିନ୍ତା ମୋତେ ବ୍ୟସ୍ତ ବିବ୍ରତ କରି ପକାଉଛି , ସେଇଟା ହେଲା ତୋର ବାହାଘର । ଭଲ ପାତ୍ରଟିଏ ଦେଖି ତୋର ବାହାଘର ହୋଇଗଲେ ମୁଁ ଶାନ୍ତିରେ ବସି ପାରିବି ' ।

ଉର୍ମି କହିଲା, ବାପା ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ ସମୟ ଆସିଲେ ସବୁ ଠିକ୍ ହୋଇ ଯିବ । ଏବେ ତୁମେ ଟିଭି ଦେଖ କି ଖବର କାଗଜ ପଢ଼, ମୋର ଟିକେ ଅଫିସ କାମ ଅଛି ଆଉ ମୋତେ ଦୁଇଦିନ ପାଇଁ ଦିଲ୍ଲୀ ମିଟିଂରେ ଯୋଗ ଦେବାକୁ କାଲି ଯିବାକୁ ହେବ । ହଁ ବାପା ୯ ଟା ବାଜି ଗଲେ ମୋତେ ଖାଇବାକୁ ଡାକିବ ଆମେ ସାଙ୍ଗ ହୋଇ ଖାଇବା ' ଏତିକି କହିଦେଇ ଉର୍ମି ତା ରୁମକୁ ଚାଲିଗଲା ।

ଉର୍ମି ଅଫିସ ମିଟିଂରେ ଯୋଗ ଦେବାକୁ ଦୁଇ ଦିନ ପାଇଁ ଦିଲ୍ଲୀ ଚାଲିଗଲା, ଘରଟା ନରେଶ ବାବୁଙ୍କୁ ଖୁବ୍ ଖାଲି ଖାଲି ଲାଗୁଥିଲା । ମମତା ଆସି ଘର କାମ ରୋଷେଇବାସ କରିଦେଇ



କେତେ ବେଳୁ ଚାଲି ଯାଇଛି, ନରେଶ ବାବୁ ଖବର କାଗଜ ଧରି ପୃଷ୍ଠା ପରେ ପୃଷ୍ଠା ଗୁଡ଼ିକୁ ଦେଖୁଛନ୍ତି କିନ୍ତୁ ତାଙ୍କ ଆଖିକୁ କୌଣସି ଖବର ଛୁଇଁ ପାରୁନାହିଁ । ଏକୁଟିଆ ବସିଥିବା ସମୟରେ ନରେଶ ବାବୁ କାହିଁକି କେଜାଣି ଖୁବ୍ ଦୁଃଖୀ ମନେ ହୁଅନ୍ତି ସବୁବେଳେ ସେହି ଅତୀତ ତାଙ୍କୁ ବର୍ତ୍ତମାନ ଭିତରେ ଦେଖାଦିଏ, ଜଣେ ନିରୀହ ଭାବୁକ ବ୍ୟକ୍ତି ଅନେକ ସମୟରେ ଅତୀତକୁ ରୋମନ୍ଥନ କରି କିଛିଟା ଆଶ୍ୱସ୍ତି ଅନୁଭବ କରି ପାରନ୍ତି ବୋଲି ସମସ୍ତେ ଜାଣନ୍ତି, ହୁଏତ ନରେଶ ବାବୁଙ୍କ କ୍ଷେତ୍ରରେ ତାହାହିଁ ହେଉଛି । ଆଠ ବର୍ଷ ତଳେ ସେ ନିଜ ପତ୍ନୀ ଝରଣାକୁ ହରାଇଛନ୍ତି, ଗତ ଆଠଟି ବର୍ଷ ଜୀବନ ଯାତ୍ରାର ଅନେକ ସଂଘର୍ଷ ଭିତରେ ସେ ନିଜକୁ ଶାନ୍ତ ରଖି ଝିଅ ଉର୍ମିର ପାଠପଢା ପାଇଁ ଧ୍ୟାନ ଦେଇଛନ୍ତି । ନରେଶ ବାବୁଙ୍କ ଚେଷ୍ଟା ତଥା ଉର୍ମିର ଅଦମ୍ୟ ଇଚ୍ଛା ଶକ୍ତି କର୍ତ୍ତବ୍ୟ ନିଷ୍ଠା ତାକୁ ଜଣେ ଆଇ:ଆର :ଏସ ଅଫିସର କରି ଗଢି ତୋଳିଛି । ବନ୍ଧୁ ପରିଜନ ମାନଙ୍କ ତାଚ୍ଛଲ୍ୟ , ପ୍ରତ୍ୟକ୍ଷ ତଥା ପରୋକ୍ଷରେ ହଇରାଣ ହରକତ ମଧ୍ୟରେ ଉର୍ମି ତା'ର ଲକ୍ଷ ସ୍ଥଳରେ ପହଞ୍ଚି ପାରିଛି ଏହାହିଁ ଭଗବାନଙ୍କ ଆଶୀର୍ବାଦ । ଦେଖୁ ଦେଖୁ ଦୁଇଦିନ କଟିଗଲା ଉର୍ମି ଦିଲ୍ଲୀରୁ ମିଟିଂ ସାରି ଫେରି ଆସିଛି ।

ଶନିବାର ରବିବାର ଉର୍ମିର ଅଫିସ ଛୁଟି ସକାଳୁ ସକାଳୁ ଚା' ଟେବୁଲରେ ବାପା ,ଝିଅ ବସି ଦୁଃଖ ସୁଖ ହେଉଛନ୍ତି ଏହି ସମୟରେ ଉର୍ମି ବାପାଙ୍କୁ ଚାହିଁ କହିଲା ' ବାପା ଗୋଟିଏ କଥା କହିବି ତୁମେ ରାଗିବ ନାହିଁତ ?' ବାପା କହିଲେ 'ରାଗିବି କାହିଁକି ଲୋ ମା' ? କହ ଯାହା କହିବା କଥା ନିର୍ଭୟରେ କହିଦେ ମା' , ତୋ ଛଡା ମୋର ଆଉ କିଏ ଏତେ ଯତ୍ନ ନେଉଛି ? ଉର୍ମି ଟିକେ ରହି ଯାଇ ବାପାଙ୍କୁ ଦେଖୁଥିଲା ଛେପ ଢ଼ୋକି ଢ଼ୋକି କିଛି କହିବାକୁ ଯାଇ ପୁଣି ଚୁପ୍ ହୋଇ ଗଲା । ବାପା ଟିକେ ସ୍ନେହରେ ପଚାରିଲେ 'ମା'କହ ମୁଁ କଥା ଦେଉଛି ଆଦୌ ରାଗିବି ନାହିଁ , ମୋ' ସୁନା ମା' କହିଦେ , ହୃଦୟର କଥା, ଖୁସି, ଦୁଃଖ ଅନ୍ୟ ପାଖରେ ବାଣ୍ଟିଲେ ଆଶ୍ୱସ୍ତି ବୋଧ ହୁଏ ମା' ତୁ ତ ମୋର ଜୀବନ, ମା' କିଛି ଗୋପନ ନ ରଖି କହିଦେ ' । ଆଖି ତଳକୁ କରି ଉର୍ମି କହି ଚାଲିଲା 'ବାପା ଆଇ :ଆର :ଏସ ଟ୍ରେନିଂ ସମୟରେ ସୀତାଂଶୁ ମହାପାତ୍ର ମୋ ସହିତ ଟ୍ରେନିଂ ନେଉଥିଲେ ସେ ମୋତେ ତାଙ୍କ ଆଡୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ , ମୁଁ କିନ୍ତୁ ଏସବୁକୁ ଏଡାଇ ଯାଇଥିଲି, ଗତ କାଲି ଦିଲ୍ଲୀ ମିଟିଂ ରେ ପୁନଶ୍ଚ ସେ ତାଙ୍କ ପ୍ରସ୍ତାବକୁ ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି , ପିଲାଟି ଖୁବ୍ ଭଲ , ବ୍ରହ୍ମପୁର ନିବାସୀ, ବାପା ତାଙ୍କର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ , ବାପା ମୁଁ ତାଙ୍କୁ କେବଳ କହିଛି ମୋର ବାପା ଯେଉଁଠି କହିବେ ମୁଁ ସେଇଠାରେ ବିବାହ କରିବି' । ନରେଶ ବାବୁ ଏକଥା ଶୁଣି ଉର୍ମିକୁ ପଚାରିଥିଲେ ' ମା ' ତୁ ଖୁସିତ ? ତୋର ଖୁସିରେ ମୁ ସଦା ସର୍ବଦା ଖୁସି ହେବି , ଖାଲି ମୁଁ ନୁହେଁ ଲୋ ମା ' ସ୍ୱର୍ଗରେ ଥାଇ ତୋ ଜନ୍ମଦାତ୍ରୀ ମା' ମଧ ଖୁସି ହେବ' । ଉର୍ମି ଖୁବ୍ ଖୁସି ହୋଇ ବାପାଙ୍କୁ କୁଣ୍ଢେଇ ପକାଇଲା ତା'ର ଆଖିରୁ ଆନନ୍ଦରେ ଅଶ୍ରୁ ବାହାରି ଗଲା । ନିର୍ଦ୍ଧାରିତ ଦିନ ଦୁଇ ପରିବାରଙ୍କ ସହମତିରେ ଉର୍ମି ଏବଂ ସୀତାଂଶୁଙ୍କ ବାହାଘର ହୋଇଗଲା । ସୀତାଂଶୁ ଦିଲ୍ଲୀରେ ଆୟକର ବିଭାଗର ସହକାରୀ କମିଶନର ତେଣୁ ସେ ବିବାହ ପରେ ଦିଲ୍ଲୀ ଚାଲିଗଲେ , ଉର୍ମି ଭୁବନେଶ୍ୱରରୁ ଦିଲ୍ଲୀ ବଦଳି ହୋଇ ଯିବା ପାଇଁ ଉପରିସ୍ଥ ଅଫିସରଙ୍କ ଜରିଆରେ ଅନୁରୋଧ ପତ୍ର ଦେଇଥିଲା , ତେବେ ବଦଳି ପ୍ରକ୍ରିୟା ହୁଏତ ଦୁଇ ତିନିମାସ ଲାଗିଯିବ । ନରେଶ ବାବୁଙ୍କର ଗୋଟିଏ ବଡ଼ ଦାୟିତ୍ୱ ସରିଗଲା , ଉର୍ମି ବାପାଙ୍କୁ ନିଜ ସହିତ ଦିଲ୍ଲୀ ନେଇ ଯିବାକୁ ପ୍ରସ୍ତାବ ଦେଇଛି , କିନ୍ତୁ ନରେଶ ବାବୁ ତାଙ୍କ ଜନ୍ମ ସ୍ଥାନ କଟକରେ ରହିବାକୁ ଉର୍ମିକୁ ଅନୁରୋଧ କରିଛନ୍ତି । କଟକର ସେଇ ପୁରୁଣା ଘରେ ନରେଶ ବାବୁ ନିଜ ସ୍ମୃତିକୁ ସାଉଁଟି ରହିବାର ଇଚ୍ଛାକୁ ଏଡାଇ ଯାଇ ପାରୁ ନାହାନ୍ତି , ତାଙ୍କର ଅନେକ ସ୍ମୃତି ସେହି ଘରର ଚାରି କାଂଥ ଭିତରେ ଲୁଚି ରହିଛି, ହସ କାନ୍ଦ ମଧ୍ୟରେ ବିତିଥିବା ବାଲ୍ୟ ଅବସ୍ଥା , ସାହି ପଡିଶାଙ୍କ ସ୍ନେହ ଆଦର , ସନ୍ଧ୍ୟା ସମୟରେ ମା'ଙ୍କ ମନ୍ଦିରରୁ ଭାସି ଆସୁଥିବା ଘଣ୍ଟ ଘଣ୍ଟାର ସୁମଧୁର ଶବ୍ଦ, ସ୍କୁଲ ବେଳର ସାଙ୍ଗ ସାଥି ତଥା ସେହି କାଠଯୋଡ଼ି ନଦୀର ବିସ୍ତୀର୍ଣ୍ଣ ବାଲୁକା ରାଶିର କୋମଳ ସ୍ପର୍ଶ , ଅଳ୍ପ ଜଳରେ ଗାମୁଛା ପକାଇ ମାଛ ଧରିବାର ଆକର୍ଷଣ, ଖାନ୍ନଗର ମସାଣିରେ ହୁତ ହୁତ ହୋଇ ଜଳି ଯାଉ ଥିବା ଶବ ତଥା ସ୍ୱପରିଜନ ମାନଙ୍କ ସାଗର ଗର୍ଭକ ଜୀବନ ଦର୍ଶନ ଉପରେ ଭାଷଣ ସେ ଆଜି ପର୍ଯ୍ୟନ୍ତ ଭୂଲି ପାରି ନାହାନ୍ତି । ସବୁଠାରୁ ବଡ଼ ଆକର୍ଷଣ କଟକର ପୈତୃକ ଘରେ ଅନୁଷ୍ଠିତ ହୋଇଥିବା ତାଙ୍କର ବିବାହ ଏବଂ ତାଙ୍କ ସହଧର୍ମିଣୀ ଝରଣାଙ୍କର ଗୃହ ପ୍ରବେଶ ତାର କିଛି ବର୍ଷ ପରେ କୁନି ଝିଅ ଉର୍ମିର ଆବିର୍ଭାବ, ଏହି ସବୁ ନରେଶ ବାବୁଙ୍କ ପାଇଁ ଏକ ସ୍ମୃତି ଛଡା ଆଉ କିଛି ନୁହେଁ । ଉର୍ମିର ଅନେକ ବିରୋଧ ସତ୍ୱେ ମଧ ନରେଶ ବାବୁ କଟକ ଘରେ ରହିବାକୁ ପସନ୍ଦ କରୁ ଥିଲେ କାରଣ ଏହା ତାଙ୍କ ଜନ୍ମ ମାଟିର ଆକର୍ଷଣ ଥିଲା, ଜନ୍ମ ମାଟି ତାଙ୍କୁ ବାରମ୍ବାର ଡାକୁଥିଲା ।


ଏହା ମଧ୍ୟରେ ଉର୍ମି ଲୋକ ଲଗାଇ କଟକରେ ବନ୍ଦ ହୋଇ ପଡିଥିବା ଘରର କିଛି ପରିବର୍ତ୍ତନ , ପରିଷ୍କାର ତଥା ରଙ୍ଗ କରି ଦେଲେ , ଉର୍ମିର ଦିଲ୍ଲୀ ବଦଳି ଆଦେଶ ମଧ ପହଞ୍ଚି ଯାଇଥିଲା । ସରକାରୀ ବାସଭବନ ଛାଡ଼ି ଦିଲ୍ଲୀ ଯିବା ପୂର୍ବରୁ ବାପାଙ୍କୁ ଆଣି କଟକସ୍ଥିତ ତାଙ୍କର ପୈତୃକ ଗୃହରେ ସବୁପ୍ରକାର ସୁବନ୍ଦୋବସ୍ତ କରି ମଧୁ ନାମରେ ଜଣେ ସହାୟକକୁ ବାପାଙ୍କ ଦାୟିତ୍ୱ ଦେଇ ଦିଲ୍ଲୀ ଚାଲି ଯାଇଥିଲେ, । ଉର୍ମିର ମନ କିନ୍ତୁ ମାନୁ ନ'ଥିଲା , ବାପାଙ୍କ ଅନୁପସ୍ଥିତି ତାକୁ ଖୁବ୍ କଷ୍ଟ ଦେଉଥିଲା, ବାପାଙ୍କ ଜିଦ ଏବଂ ବୟସ ଆଗରେ ସେ ନଇଁ ଯାଇ ଥିଲା । ଉର୍ମି ପ୍ରତିଦିନ ଦୁଇଥର ବାପାଙ୍କ ସହିତ କଥା ହେଉଥିଲା ଅନେକ ଉପଦେଶ ଦେଉଥିଲା । ନରେଶ ବାବୁ ଏଇ ବୃଦ୍ଧାବସ୍ଥାରେ ଟିକେ ଜିଦଖୋର ହୋଇ ଯାଇଥିଲେ ତଥା ଅନେକଟା ଚୁପ୍ ଚାପ୍ ଜଣା ପଡୁଥିଲେ । ଘରେ କାମ କରୁଥିବା ଲୋକ ମଧୁ ସହିତ ଉର୍ମି ଯୋଗାଯୋଗରେ ଥିଲା ଏବଂ ବାପାଙ୍କ କଥା ବୁଝୁଥିଲା । ମଧୁ ଦିନେ ଉର୍ମିକୁ କହିଲା 'ମା ' ବାବୁ ଆଦୌ ଖାଉ ନାହାନ୍ତି କ'ଣ ହୋଇଛି କେଜାଣି ଖାଲି ଚୁପ୍ ଚାପ୍ ବସି ଚିନ୍ତା କରୁଛନ୍ତି ' ଏକଥା ଶୁଣି ଉର୍ମି କହିଥିଲା 'ମଧୁ ତୁମେ ଟିକେ ବାପାଙ୍କ ଯତ୍ନ ନିଅ ମୁଁ ଶନିବାର ଦିନ ସକାଳେ କଟକ ପହଁଞ୍ଚିବି ଏବଂ ବାପାଙ୍କୁ ନେଇ ଡାକ୍ତରଙ୍କ ପାଖକୁ ଯିବି । ଶନିବାର ସକାଳ ୧୦ ଟା ସମୟରେ ଉର୍ମିର ଗାଡି ଆସି କଟକ ଘର ଆଗରେ ରହିଲା, ଘର ଆଗରେ କିଛି ସାହି ବସ୍ତିର ଲୋକଙ୍କ ଉପସ୍ଥିତି ଉର୍ମିକୁ ସନ୍ଦେହରେ ପକାଇ ଦେଲା । ଉର୍ମି ତରତର ହୋଇ ଘର ଭିତରକୁ ଯାଇ ଦେଖିଲା ତା'ର ବାପା ଖଟ ଉପରେ ସୋଇଛନ୍ତି ଛାତି ଉପରେ ତା'ର ମାଙ୍କର ଫଟୋଟିକୁ ଚାପି ଧରିଛନ୍ତି, ଆଖି କୋଣରୁ ଦୁଇଟୋପା ଲୁହ ଝରି ସୁଖି ଯାଇଛି, ତାଙ୍କ ଆତ୍ମା ପରମାତ୍ମାରେ ମିଶିଯାଇଛି କେବଳ ପାର୍ଥିବ ଶରୀରଟି ପଡ଼ିରହିଛି ......


+ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


## ପ୍ରଣତି ଆଚାର୍ଯ୍ୟ ମିଶ୍ର



# ଲକ୍ଷ୍ମଣ ରେଖା



ମୁଁ ତାଙ୍କୁ 'ଦିଦି' ବୋଲି ଡାକେ। ଯଦିଓ ସେ ଡିଗ୍ରୀ କଲେଜରେ ଅଧ୍ୟାପିକା , ତଥାପି 'ଦିଦି' ଶବ୍ଦ ମୋର ଶ୍ରଦ୍ଧା, ସମ୍ମାନ ଓ ପ୍ରେମ ଶବ୍ଦରେ ଜଡ଼ିତ ଥିଲା । ନାଁ ଥିଲା ସସ୍ମିତା ପ୍ରଧାନ । ସମୟ ଓ ପରିସ୍ଥିତି ବିରୁଦ୍ଧରେ ଲଢୁଥିବା ଏକମାତ୍ର ଝିଅ ମହାଭାରତର ଅଭିମନ୍ୟୁଙ୍କ ପରି । ଯିଏ ସମ୍ପୂର୍ଣ୍ଣ ଭାବେ ସମୟର ଚକ୍ରବିହ୍ୱରେ ଫସି ଯାଇଥିଲେ। ଯେତେବେଳେ ମୁଁ ତାଙ୍କୁ ପ୍ରଥମ ଥର ଭେଟିଥିଲି, ମୋତେ ଲାଗୁଥିଲା ଯେପରି ସେ ସର୍ବଦା ମୋର ଥିଲେ । ମୋ ପ୍ରତି ତାଙ୍କର ଆକର୍ଷଣ ଓ ନିବିଡ଼ତା ପବିତ୍ର ଅର୍ଥରେ ଥିଲା । ସେ ମୋତେ କେବେ ବି ସମ୍ପର୍କରେ ବାନ୍ଧି ନଥିଲେ, କିନ୍ତୁ ମୁଁ ତାଙ୍କୁ ମନେ ମନେ ବହୁତ ଭଲ ପାଉଥିଲି । ତାଙ୍କ ପରିସ୍ଥିତି ପାଇଁ ନୁହେଁ ବରଂ ମୋ ଉପରେ ତାଙ୍କର ବିଶ୍ୱାସ କାରଣରୁ । ପରିସ୍ଥିତି ସହ ସଂଘର୍ଷ କରିବା, ମୁଖରୁ ଆତ୍ମବିଶ୍ୱାସର ଦୃଢତା ମୋତେ ତାଙ୍କ ଆଡକୁ ଆକର୍ଷିତ କରିଥିଲା। ତାଙ୍କ କାହାଣୀ ଜଣେ ସାଧାରଣ ଝିଅଠାରୁ ଅଧିକ କିଛି ନଥିଲା, କିନ୍ତୁ ଏଥିରେ କିଛି ଅଲଗା ଥିଲା ଯାହା ତାଙ୍କୁ ସ୍ୱତନ୍ତ୍ର କରୁଥିଲା । ବାପ ଘରୁ ବାହାରି ଶ୍ୱଶୁର ଘରକୁ ନିଜର କରିବା ଆଶା ନେଇ ବିବାହ କରିଥିଲେ ସଂଗ୍ରାମକୁ, କିନ୍ତୁ ସୃଷ୍ଟିକର୍ତ୍ତା ଯାହା ଲେଖିଥିଲେ ତାହା ଭୋଗିବାକୁ ପଡ଼ିଥାଏ। ବାହାଘର ତୃତୀୟ ଦିନରେ ତାଙ୍କୁ ମା'ଙ୍କ ଘରକୁ ଫେରିବାକୁ ହେଲା । ବାପା ମା' ଓ ସମ୍ପର୍କୀୟମାନେ ଏହାର କାରଣ ପଚାରିବାରୁ ଜଣାପଡ଼ିଲା ଯେ, ଯାହାର ହାତଧରି, ଅଗ୍ନିକୁ ସାକ୍ଷୀ ରଖି ଜୀବନ ସାଥି ହେବା ଶପଥ ନେଇଥିଲେ, ସେ ସମ୍ପୂର୍ଣ୍ଣ ଅନଗ୍ରସର ବା ମସ୍ତିଷ୍କହୀନ। ପତ୍ନୀ କ'ଣ ? ସେ ଜାଣିନଥିଲେ। ସେ ସମ୍ପର୍କକୁ ବୁଝି ପାରିନଥିଲେ। ଠିକ୍ ପିଲାଙ୍କ ଭଳି । ଅନେକ କିଛି ପଛରେ ଛାଡି ସଂସାର କରିବା ସ୍ୱପ୍ନ ଓ ଭଲପାଇବା ଧରି ଶାଶୁ ଘର ଆସିଥିବା ସସ୍ମିତାଙ୍କ ସବୁ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଗଲା । ପ୍ରଥମ ରାତିରେ ନିଜ ସ୍ତ୍ରୀକୁ ଭଲ ପାଇବା ପରିବର୍ତ୍ତେ ମା'ଙ୍କ କାନି ଧରି ଶୋଇଥିଲା ସଂଗ୍ରାମ। ସସ୍ମିତା ସାରା ରାତି ବାସର ସେଜକୁ ନିଜ ଲୁହରେ ଭିଜାଉ ଥିଲେ । ବାସ୍ତବରେ, ସଂଗ୍ରାମ, ପିତାମାତାଙ୍କ ଏକମାତ୍ର ପୁତ୍ର ଥିଲା, ତାର ପିଲାଳିଆମୀ କୁହନ୍ତୁ ବା ପାଗଳାମି, ଭଲ ହୋଇଯିବ ଆଶାରେ ମିଛ କହି ସସ୍ମିତାଙ୍କୁ ବିବାହ କରାଇଥିଲେ। ସସ୍ମିତାଙ୍କ ବାପା ଗରିବ କାରଣରୁ ସଂଗ୍ରାମଙ୍କ ଘର ଓ ପିତାମାତାଙ୍କୁ ଦେଖି ବୁଝାବୁଝି ନକରି ପ୍ରସ୍ତାବରେ ରାଜି ହୋଇଥିଲେ। ବିବାହ ପରେ ୩ ଦିନ ପର୍ଯ୍ୟନ୍ତ ସସ୍ମିତାଙ୍କ ଆଖିରୁ ଲୁହ ଅଟକି ନଥିଲା। ଏହି ସମୟରେ କେହି ଜଣେ ତାଙ୍କ ବାପାଙ୍କୁ ଏ ବିଷୟରେ ଜଣାଇଲେ। ଝିଅକୁ ଭେଟିବାକୁ ଆସିଥିବା ବାପା ତୁରନ୍ତ ନିଷ୍ପତ୍ତି ନେଇ ନିଜ ଘରକୁ ଫେରାଇ ଆଣିଥିଲେ। ୪ ବର୍ଷ ଧରି ଆଇନଗତ ପ୍ରକ୍ରିୟାରେ ରହିବା ପରେ ସସ୍ମିତାଙ୍କୁ ବିବାହ ବେଡିରୁ ମୁକ୍ତି ମିଳିଥିଲା। ଏହାପରେ ସସ୍ମିତା କେବେ ବି ବିବାହ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ସେ ତାଙ୍କ ବୃଦ୍ଧ ପିତାଙ୍କ ପୁତ୍ର ହୋଇ ତାଙ୍କର ସହଯୋଗୀ ହୋଇଥିଲେ। ନିଜ ଶିକ୍ଷା ସମାପ୍ତ କରି କଲେଜରେ ଶିକ୍ଷକତା ଆରମ୍ଭ କଲେ। ତାଙ୍କର ଅତ୍ୟନ୍ତ ନିରପେକ୍ଷତା ଏବଂ ଭୁଲକୁ ବିରୋଧ କରିବା କାରଣରୁ ସେ ସର୍ବଦା ସମାଲୋଚନାର ଶିକାର ହୋଇଥିଲେ କିନ୍ତୁ ନିଜେ କଠିନ ପରିଶ୍ରମ ଏବଂ ଦକ୍ଷତା ସହିତ କାମ କରୁଥିଲେ । ନିଜ ସମ୍ପର୍କୀୟ ଲୋକେ ତାଙ୍କୁ ଅନେକ କ୍ଷତ ଦେଇଥିଲେ। ସମାଜର ସମସ୍ତ ଶାଗୁଣାଙ୍କ ନଜର ମଧ ସସ୍ମିତାଙ୍କ ଉପରେ ଥିଲା । ଅନେକ ଲୋକ ଜୀବନରେ ପ୍ରବେଶ କରିବାକୁ ଚାହୁଁଥିଲେ, କିନ୍ତୁ ସେ ସମସ୍ତଙ୍କୁ ସାହସିକତାର ସହ ଜବାବ ଦେଇଥିଲେ ଏବଂ ସର୍ବଦା ତାଙ୍କ ପିତାଙ୍କ ପ୍ରତି ତାଙ୍କର ଆତ୍ମସମ୍ମାନ ବିଷୟରେ ଚିନ୍ତା କରୁଥିଲେ । ପରିବାର ପାଇଁ ବଞ୍ଚିବା ଓ ମରିବାର ସଂଘର୍ଷ ତାଙ୍କୁ ଜୀବନରେ ଏକ ଲକ୍ଷ୍ୟ ଦେଇଥିଲା। ସେ ସମସ୍ତଙ୍କ ଖୁସିର ଯତ୍ନ ନେଉଥିଲେ, କିନ୍ତୁ ନିଜ ଖୁସି ବିଷୟରେ କେବେ ଚିନ୍ତା କରିନଥିଲେ । ମୋ ଜୀବନରେ ତାଙ୍କ ପ୍ରତି କେବଳ ଭଲପାଇବା ଥିଲା ହେଲେ ମୁଁ ତାଙ୍କୁ କିଛି କହିପାରି ନଥିଲି । ସେ କେବେ ବି ମୋ ପ୍ରତି ନିଜର ଭଲପାଇବା ପ୍ରକାଶ କରିନଥିଲେ। ଯେତେବେଳେ ବି ମୁଁ ତାଙ୍କୁ କିଛି କହିବାକୁ ଚେଷ୍ଟା କରେ, ସେ ତାଙ୍କ ପରିସ୍ଥିତି କଥା କହି ମୋତେ ଚୁପ୍ କରାଇ ଦିଅନ୍ତି । ତେବେ ଜଣେ ବିବାହିତ ପୁରୁଷ ଅନ୍ୟ ମହିଳାଙ୍କୁ କେମିତି ଭଲ ପାଆନ୍ତି ? ଏହା ଏପରି ଏକ ଲକ୍ଷ୍ମଣ ରେଖା ଯେ ଜଣେ ଭଦ୍ରବ୍ୟକ୍ତିଙ୍କ ପାଇଁ ପାର ହେବା ବୋଧହୁଏ କଷ୍ଟକର ଥିଲା । ଦିନେ ମୁଁ ତାଙ୍କୁ ପଚାରିଲି, 'ତୁମ ଜୀବନରେ କେହି ଅଛନ୍ତି କି ?' 'ମୋ ଜୀବନରେ ମୋର ଏକମାତ୍ର ପରିବାର ଅଛି ଯେଉଁମାନଙ୍କ ପାଇଁ ମୋର ବହୁତ କିଛି କରିବାର ଅଛି । ବୋଧହୁଏ ସେ ମୋ ପ୍ରେମକୁ ବୁଝି ପାରିଥିଲେ କିମ୍ବା ଜାଣି ନଜାଣିବା ର ଅଭିନୟ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ କାହାର ସୁଖ ଛଡ଼ାଇ ନେଇ କେହି କେବେ ସୁଖୀ ହୋଇପାରିବେ ନାହିଁ। ବୋଧହୁଏ ମୋର ମନକଥା ଯାଣି ପାରି ଥରେ କୁହନ୍ତି , ମୁଁ କେବେ ବି କାହା ଘରେ ନିଆଁ ଲଗାଇ ପାରିବି ନାହିଁ। କାହାର ସୁଖ ଛଡ଼ାଇ ସୁଖୀ ହୋଇ ପାରିବିନି । ଏହି ଶବ୍ଦଗୁଡ଼ିକ ମୋ ମନକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା ପାଇଁ ଯଥେଷ୍ଟ ହୋଇଥିଲା । ତା'ପରେ ମୁଁ ତାଙ୍କ ସହ କଥା ବାର୍ତ୍ତା ମଧ ବନ୍ଦ କରିଦେଇଥିଲି। ମନକୁ ବୁଝାଇଥିଲି। କିନ୍ତୁ କୁହାଯାଏ ମନ ସର୍ବଦା ଚଞ୍ଚଳ। ମୋ ଜୀବନରେ ଏହା ହିଁ ଘଟିଥିଲା । ମୁଁ ତାଙ୍କ ଠାରୁ ଯେତେ ଦୂରକୁ ଯିବାକୁ ଚାହିଁଲି , ସେ ମୋ ପାଖକୁ ସେତେ ନିକଟତର ହେଲେ । ଏପରି ମୋ ମନରେ ଭଲପାଇବା ଧରି କେବେ ଯେ ପାଞ୍ଚ ବର୍ଷ ବିତିଗଲା ମୁଁ ଜାଣି ନଥିଲି । ତାଙ୍କ ପ୍ରତି ମୋର ଭଲପାଇବା ବଢି ଚାଲିଥିଲା । ତା'ପରେ ଦିନେ ମୁଁ ଜାଣିବାକୁ ପାଇଲି ଯେ ସେ ସବୁଦିନ ପାଇଁ ସହର ଛାଡି ଚାଲିଯାଇଛନ୍ତି । ଯେତେବେଳେ ମୁଁ ମୋବାଇଲରେ କଥା ହେବାକୁ ଚେଷ୍ଟା କଲି, ନମ୍ବରଟି ସୁଇଚ୍ ଅଫ୍ ଥିଲା। ଦିନେ ହ୍ୱାଟ୍ସଆପ୍‌ରେ ଏକ ମେସେଜ୍ ଆସିଲା - 'ସାର, ମୁଁ ଜାଣେ ଆପଣ ମୋତେ ବହୁତ ପସନ୍ଦ କରନ୍ତି। ସତ କହିବାକୁ ଗଲେ ଆପଣଙ୍କ ପ୍ରେମ ପଦକ୍ଷେପ ପବିତ୍ର । ଯାହାକୁ ମୁଁ ସମ୍ମାନ କରେ ଏବଂ ଜାରି ରଖିବି । କିନ୍ତୁ ମୋ ପରିବାରର ଯତ୍ନ ନେବା ମୋର ଦାୟିତ୍ୱ। ଆପଣଙ୍କର ନିଜର ପରିବାର, ପତ୍ନୀ ଏବଂ ପିଲା ଅଛନ୍ତି । ଏହା ଭଲ ଯେ ମୁଁ ଆପଣଙ୍କ ଜୀବନରୁ ସବୁଦିନ ପାଇଁ ବିଦାୟ ନେଉଛି । ଏହା ଦ୍ୱାରା ଆପଣଙ୍କ ଘର ଭାଙ୍ଗିବାରୁ ରକ୍ଷା ପାଇବ ଏବଂ ମୋ ଜୀବନର ଲକ୍ଷ୍ୟ ମଧ ପୂରଣ ହେବ । ମୋତେ ଭୁଲ ବୁଝନ୍ତୁ ନାହିଁ । ମୋ ହୃଦୟରେ ସର୍ବଦା ଆପଣଙ୍କ ପ୍ରତି ସମ୍ମାନର ଭାବନା ରହିବ, ଦୟାକରି ମୋ ସହ କେବେ ବି ଯୋଗାଯୋଗ କରିବେ ନାହିଁ। ଆଉ କେବେ ତାଙ୍କୁ ଭେଟିପାରିବେ ନାହିଁ ଏହି ଭାବନା ମୋତେ ଭାଙ୍ଗି ଦେଇଥିଲା। ବୋଧହୁଏ ମୁଁ ଭୁଲ ବାଟରେ ଯାଉଥିଲି, ସେ ମୋତେ ସଠିକ୍ ମାର୍ଗ ଦେଖାଇଲେ। ସେ କେବଳ ମୋର ପରିବାର ପାଇଁ ଏହି ସହର ଛାଡିଥିଲେ । ହେଲେ ତାଙ୍କୁ ଭଲ ପାଇବା ବୋଧହୁଏ ମୋ ନିୟନ୍ତ୍ରଣରେ ନଥିଲା। ତାଙ୍କର ସ୍ୱଚ୍ଛ ଭାବମୂର୍ତ୍ତି ମୋତେ ସଠିକ୍ ମାର୍ଗ ଦେଖାଇଥିଲା। ସେ ସବୁବେଳେ ମୋ ମନର ଏକ କୋଣରେ ରହିବେ । ତାଙ୍କ ପ୍ରତି ମୋର ଭଲପାଇବା ସବୁବେଳେ ବଞ୍ଚି ରହିବ। ପରିସ୍ଥିତି ଯାହା ହେଉ ନା କାହିଁକି, ଏହା ମୋର ବିଶ୍ୱାସ । ସେ ମୋ ଜୀବନରେ ପରିଚିତ ଜଣେ ହୋଇ ରହିବେ । ପରବର୍ତ୍ତୀ ମୁହୂର୍ତ୍ତରେ ଡାକ ଶୁଭିଲା, ଶୁଣୁଛ, ଗୁଡୁର ସ୍କୁଲ ଟାଇମ୍ ହେଲାଣି।


+ ନୟାଗଡ଼
ମୋ: ୯୪୩୭୬୪୨୯୪୭

# ୪୫ତମ ବାଣୀପୀଠ ମହୋତ୍ସବ ତୃତୀୟ ଦିବସରେ ରକ୍ତଦାନ ଶିବିର ଓ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମେଳା




ବଡ଼ସାହି , ୨୯/୧୨ (ନି.ପ୍ର): ବିବେକାନନ୍ଦ ବିହାର ଠାରେ ଚାଲିଥିବା ବାଣୀପୀଠ ମହୋତ୍ସବର ତୃତୀୟ ଦିବସରେ ପୂର୍ବାହ୍ନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅମୀୟ ବଳଙ୍କ ତତ୍ତ୍ୱାବଧାନରେ ନାଟ୍ୟକାର ମନୋରଞ୍ଜନ ବେହେରା ଓ ଡକ୍ଟର ଆଦିତ୍ୟ ପ୍ରସାଦ ବେହୁରା ଫିତା କାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ଡ଼କ୍ଟର ଦିପ୍ତିସ୍ମିତ ପ୍ରିୟଦର୍ଶନୀ, ସୁମନ କୁମାର ବେହେରା, ଦୀପକ ଦାସ ଓ ଶୁଭଜିତ ଶୁଭଙ୍କର ରାଉତ ଆଦି ପରିଚାଳନା କରିଥିଲେ। ପ୍ରଥମେ ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ ରକ୍ତଦାନ କରିଥିଲେ। ୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପରେ ପରେ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମେଳା ଅନୁଷ୍ଠାନର ଅଧ୍ୟକ୍ଷ ଡ଼. କୁମାର ବାବୁଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ମେଳାକୁ ସଚୀନ୍ଦ୍ର କୁମାର ବିଶ୍ୱାଳ, ବଙ୍କିମ୍ ଚନ୍ଦ୍ର ବାରିକ ଓ ଶିବ ଶଙ୍କର ଭୂୟାଁ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏହାକୁ ଶାନ୍ତି ପ୍ରବୀର ରାଉତ, ସଂଯୁକ୍ତା ଦାସ, ଜାହ୍ନବୀ ଦଣ୍ଡପାଟ, ବୀଣାପାଣି ବାରିକ ଆଦି ପରିଚାଳନା କରିଥିଲେ । ଅପରାହ୍ନରେ ସଚ୍ଚିଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଡକ୍ଟର ବିଜୟ ଅଗ୍ରୱାଲା ଯୋଗଦାନ କରି ସାହିତ୍ୟ ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ବାଣୀପୀଠ ଏକ ମାଇଲଖୁଣ୍ଟ ବୋଲି ଅଭିହିତ କରିଥିଲେ । ମୁଖ୍ୟବକ୍ତା ଭାବେ କଥାକାର ସୁକୁମାର ଦାସ, ସ୍ୱତନ୍ତ୍ର ଅତିଥି ଭାବେ ଡ଼କ୍ଟର ନିରଜ କୁମାର ପୋଥାଳି, ସମ୍ମାନିତ ଅତିଥିଭାବେ ନିରଦ ସୁନ୍ଦର ଜେନା, ସ୍ୱତନ୍ତ୍ର ବକ୍ତା ଭାବେ କଇଁଫୁଲର ସଂପାଦକ ପର୍ଶୁରାମ ସାହୁ ଏବଂ ସମ୍ମାନିତ ବକ୍ତା ଭାବେ ତ୍ରିଲୋଚନ ସାହୁ ଓ ଭାନୁମତୀ ସିଂହ ଯୋଗଦାନ କରି ଶିଶୁ ମାନଙ୍କର ମାନସିକ ଓ ଶାରୀରିକ ବିକାଶ ହିଁ ଏହି ଭଳି ମଞ୍ଚରେ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମାସିକ ହିନ୍ଦୀ ଶିଶୁ ପତ୍ରିକା 'କାକଳୀ'ର ଜାନୁଆରୀ ସଂଖ୍ୟା ଅତିଥି ମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା। ସସ୍ମିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇ ଭାରତ ଫୁଲବାଣୀର ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା କାର୍ଯ୍ୟକ୍ରମ

କନ୍ଧମାଳ, ୨୯/୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇ ଭାରତ (ନେହରୁ ଯୁବ କେନ୍ଦ୍ର) ଫୁଲବାଣୀଓ ମା ବରାଳି ଯୁବ ପରିଷଦ ବାଟବହାଲି ର ମିଳିତ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଖେଳ ପ୍ରତିଯୋଗିତା ଉଦଯାପିତ ହୋଇଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ଦେବେନ୍ଦ୍ର କଂହର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଗୋଛାପୋଡ଼ା ସରପଂଚ ଯୁଗାନ୍ତ କଂହର, ପୂର୍ବତନ ବ୍ଲକ ଅଧକ୍ଷ ବୀରେନ୍ଦ୍ର କଂହର, ଶିକ୍ଷକ ଭିକାରି ମଲ୍ଲିକ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଉତମ ଖମାରି, ପି ଏସ ସଭ୍ୟ ପଂଚାନନ ଡିଗାଲ, କାଳିଆ କଂହର, ସମାଜ ସେବି ସମିଦ ମଲ୍ଲିକ, ଗିରିଧାରୀ କଂହର, ମାବାରାଳୀ ଯୁବ ପରିଷଦ ବ ଟା ବା ହା ଲି ର ଜିତେନ୍ଦ୍ର କଂହର, ଚ୍ନିମ ୟ କଂହର, ମଂଟୁନାଥ ଡିଗାଲ, ଗଙ୍ଗାଧର ଡିଗାଲ, ଗୋପୀନାଥ କଂହର, ସିମିକା କଂହର, ହେମନ୍ତ କଂହର, ତ୍ରିଲୋଚନ ଡିଗାଲ, ବାନ୍ଧବ ଡିଗାଲ ଏବଂ ମାଇ ଭାରତ (ନେହରୁ ଯୁବ କେନ୍ଦ୍ର ) ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଖେଳ ପ୍ରତିଯୋଗିତା ରେ ଫୁଟବଲ, କବାଡି, ବେଡ଼ମିଂଟନ, ସ୍ଲୋ ସାଇକେଲ ରେସ, ଏଥଲେଟିକ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ଦିବସରେ ଫୁଟବଲ ପ୍ରତିଯୋଗିତା ବଟାବାହାଲି ଫୁଟବଲ ଟିମ ଓ କୁମାରସିଂ ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଟ୍ରାଇ ବେକର ରେ ୪ - ୨ ସେଟ ରେ କୁମାରସିଂ ଫୁଟବଲ ଟିମ ବଟକ୍ଷବକ୍ଷହାଳି ଟିମ କୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯେଉଁମାନେ ବିଜୟୀ ହୋଇଥିବେ ଜ଼ିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ମାଇ ଭାରତ (ନେହରୁ ଯୁବ କେନ୍ଦ୍ର) ଫୁଲବାଣୀର ସହକର୍ମୀ ଅବଗତ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଫୁଟବଲ ପ୍ରତିଯୋଗିତାରେ ଚମ୍ପିୟାନ କୁମାର ସିଂ ଫୁଟବଲ ଟିମ କୁ ୨୭ ହଜାର ଟଙ୍କା ଅର୍ଥ ରାଶି ସହ ଟ୍ରଫି ଓ ଉପବିଜେତା ଟିମ କୁ ୨୨ ହଜାର ଟଙ୍କା ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବୈଠକରେ ମା ବରାଳି ଯୁବ ପରିଷଦ ବଟକ୍ଷବକ୍ଷହାଳିର ସଭାପତି ରବି କଂହର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ଅଜୟ କୁମାର ଡିଗାଲ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଚୋରଙ୍କ ଚୋରୀ ଉଦ୍ୟମ ବିଫଳ: ଥାନାରେ ଅଭିଯୋଗ

ନୀଳଗିରି, ୨୯/୧୨ (ନି.ପ୍ର): ନୀଳଗିରି ଗତ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତଙ୍କ ଦ୍ୱାରା ସିରିଜଚୋରି ପାଇଁ ଉଦ୍ୟମ ହୋଇଥିଲା ବେଳେ ଦୁର୍ବୃତ୍ତ ମାନେ ଗୋଟିଏ ମଟରସାଇକେଲ ଚୋରି କରିବାରେ ସଫଳ ହୋଇଥିଲା ବେଳେ ଗୋଟିଏରେ ବିଫଳ ହୋଇଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ଥାନା ଅନ୍ତର୍ଗତ ସଜନାଗଡ଼ ବଜାରରେ ସୂର୍ଯ୍ୟମନ୍ଦିର ଯାତ୍ରାପାର୍ଟି ଯାତ୍ରାକରୁଥିଲା ବେଳେ ଦୁର୍ବୃତ୍ତମାନେ ଏହାର ସୁଯୋଗନେଇ ସଜନାଗଡ଼ ପଂଚାୟତ ଅଧିନ ବାଣ୍ଟିଆପଡା ଗ୍ରାମର ଜଗବନ୍ଧୁ ସିଂଙ୍କ ଘରେ ଗ୍ରୀଲଭାଙ୍ଗି ଚୋରି ଉଦ୍ୟମ କରୁଥିଲେ । ଶବ୍ଦଶୁଣି ପୋଡ଼ିଶୀ ଉଠି ପଡ଼ିବାରୁ ଦୁର୍ବୃତ୍ତ ମାନେ ଘଟଣା ସ୍ଥଳରୁ ଚଂପଟ ମାରିଥିଲେ। ମାତ୍ର ଯାତ୍ରା ହେଉଥିବା ସ୍ଥାନରୁ ଏକ ବାଇକକୁ ଦୁର୍ବୃତ୍ତ ମାନେ ଚୋରି କରିନେବାରେ ସଫଳ ହୋଇଥିବା ସ୍ଥାନୀୟଲୋକ କହିଛନ୍ତି। ତେବେ ଗ୍ରିଲ୍ ଭାଙ୍ଗି ଚୋରୀ ଉଦ୍ୟମ ଘଟଣାକୁ ନେଇ ଜଗବନ୍ଧୁସିଂ ନୀଳଗିରି ଥାନାରେ ଅଭିଯୋଗ କରିବାପରେ ଥାନା ପକ୍ଷରୁ୪୧୯/୨୪ଏକ ମାମଲା ରୁଜୁ କରି ଏସଆଇ ଅନନ୍ତ ମୁର୍ମୁଙ୍କ ଦ୍ୱାରା ଅଧିକ ତଦନ୍ତ ଚାଲିଥିବା ଜଣାପଡିଛି।

# ମିତ୍ରପୁର ସ୍ଥିତ ବ୍ଲୁଲେକ୍ ନିକଟରୁ ମୁମୂର୍ଷ ଅବସ୍ଥାରେ ଅଚିହ୍ନା ମହିଳା ଉଦ୍ଧାର

ନୀଳଗିରି, ୨୯/୧୨ (ନି.ପ୍ର): ନୀଳଗିରି ଥାନା ଅନ୍ତର୍ଗତ ମିତ୍ରପୁରସ୍ଥିତ ବ୍ଲୁଲେକ୍ ନିକଟରେ ଜଣେ ଅଜଣା ମହିଳା ମୁମୂର୍ଷ ଅବସ୍ଥାରେ ପଡିଥିବାର ସ୍ଥାନୀୟଲୋକେ ଦେଖିବାକୁ ପାଇଥିଲେ। ୧୦୮ଆମ୍ବୁଲାନ୍ସ ନଥିବାରୁ ତୁରନ୍ତ ପ୍ରାଇଭେଟ୍ କଟିଆ ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରିବାରୁ ଉକ୍ତ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ମହିଳା ଜଣକୁ ନୀଳଗିରି ମେଡିକାଲ ଅଣାଯାଇଥିଲା। ଖବରପାଇ ନିଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ।ତୁରନ୍ତ ଡାକ୍ତର ସେବା ଯୋଗାଇ ଦିଆଯାଇଥିଲା। ଏବେ ମହିଳା ଜଣକ ନିଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଅଚିହ୍ନା ମହିଳା ଜଣକର ଠିକଣା ମିଳିପାରିନାହିଁ । ତେବେ ମହିଳା ଜଣକ ପାଗିଳୀ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ପରିବେଶ ଅନୁକୂଳ ପେଭର୍ ବ୍ଲକ୍ 'ଇକୋ ବ୍ରିକ୍' ତିଆରି ସୁବିଧା ଉଦ୍‌ଘାଟିତ



ରାଉରକେଲା, ୨୯/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ମେଟେରିଆଲ ରିକଭରୀ ବିଭାଗରେ ଏଲ୍ ଡି ସ୍ଲାଗରୁ ପ୍ରସ୍ତୁତ ହେଉଥିବା ଏକ ପରିବେଶ ଅନୁକୂଳ ପେଭର୍ ବ୍ଲକ୍ 'ଇକୋ ବ୍ରିକ୍' ଉତ୍ପାଦନ ସୁବିଧାକୁ ଡିସେମ୍ବର ୨୮ ତାରିଖରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଉଦଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ଅପରେସନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲଚୌଧୁରୀଙ୍କ ସମେତ ବହୁ ସିଜିଏମ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଇସ୍ପାତ ତିଆରିର ଏକ ଉପ-ଉତ୍ପାଦ ଏଲ ଡି ସ୍ଲାଗ୍ ର ଉପଯୋଗ ମାଧ୍ୟମରେ ପେଭର ବ୍ଲକ ପ୍ରସ୍ତୁତ ହେଉଛି ଯାହା ଦ୍ୱାରା ବର୍ଜ୍ୟବସ୍ତୁର ନିପୁଣ ଉପଯୋଗ ତଥା ଏକ ବୃତ୍ତାକାର ଅର୍ଥନୀତି ସୁନିଶ୍ଚିତ ସହିତ ପରିବେଶ ଆହ୍ୱାନର ସମାଧାନ ମଧ ହୋଇପାରୁଛି। ଏହି ନୂତନ ପେଭର୍ ବ୍ଲକ୍ ଉତ୍ପାଦନ ସୁବିଧା ଏମ ୨୦୦ କଂକ୍ରିଟ୍ ଗ୍ରେଡ୍ (୧ : ୧.୫ : ୩) ଏବଂ ୮୦ ମିଲିମିଟର ମୋଟେଇର ଉଚ୍ଚ-ଗୁଣାତ୍ମକ ମାନର ପେଭର ବ୍ଲକ୍ ଉତ୍ପାଦନ ପାଇଁ ବ୍ୟବସ୍ଥିତ ହୋଇଛି। ଏହି ସୁବିଧାର ଦୈନିକ ଉତ୍ପାଦନ କ୍ଷମତା ୧୦୦୦ ୟୁନିଟ୍ ରହିଛି, ଏହିଭଳି ବାର୍ଷିକ ୩ ଲକ୍ଷ ୟୁନିଟ୍ ଉତ୍ପାଦନର ଏହା କ୍ଷମତା ବହନ କରୁଛି। ଏସଏମଏସ ବିଭାଗରୁ ବାର୍ଷିକ ୧୦ ଲକ୍ଷ ଟନ୍ ଏଲଡି ସ୍ଲାଗ୍ ନିର୍ଗତ ହୋଇଥାଏ, ଏହି ସୁବିଧା ଅଭିନବ ପ୍ରୟୋଗଗୁଡ଼ିକ ପାଇଁ ସ୍ଲାଗ୍ ବ୍ୟବହାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ସମ୍ପ୍ରତି, ଆରଏମଏଚପି, ଏସଏମଏସ-୨, ଟି ଏଣ୍ଡ ଆରଏମ ଏବଂ ଅନ୍ୟାନ୍ୟ ବିଭାଗରେ ଆଭ୍ୟନ୍ତରୀଣ ସ୍ଲାଗ ବ୍ୟବହାର ବାର୍ଷିକ ୨ ଲକ୍ଷ ଟନ୍ ମଧ୍ୟରେ ସୀମିତ ରହିଛି। ଏହି ପଦକ୍ଷେପ ଦ୍ୱାରା ସ୍ଲାଗର ଏକ ମହତ୍ୱପୂର୍ଣ୍ଣ ଅଂଶର ଅର୍ଥପୂର୍ଣ୍ଣ ଉପଯୋଗ ସୁନିଶ୍ଚିତ ହୋଇଛି ଯାହା ନିଷ୍କାସନ ଭାରକୁ ହ୍ରାସ କରିବା ସହିତ ସ୍ଥାୟୀ ଇସ୍ପାତ ଉତ୍ପାଦନ ସୁନିଶ୍ଚିତ କରିବ।

# ଭାରତର ଆଇନ ବ୍ୟବସ୍ଥାରେ ଟେକ୍ନୋଲୋଜି ଆଧାରିତ ପ୍ରଗତି : ନ୍ୟାୟ ପ୍ରବେଶରେ ନୂତନ ଅଧ୍ୟାୟ

ମାଲକାନଗିରି, ୨୯/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଏମ ଭି ୭୯ସ୍ଥିତ ଡଃ ଶ୍ୟାମ ପ୍ରସାଦ ଡିଗ୍ରୀ କଲେଜରେ ଭାରତର ଆଇନ ବ୍ୟବସ୍ଥାରେ ଟେକ୍ନୋଲୋଜି ଆଧାରିତ ପ୍ରଗତି ଉପରେ ଏକ ଆଇନ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ମୋଟୁ କୋର୍ଟର ଜୁଡିସିଆଲ ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ପ୍ରାଧିକରଣ ଚେୟାରମାନ ପ୍ରବିଣ କୁମାର ହୋତା, ଆଧୁନିକ ଟେକ୍ନୋଲୋଜି ଓ ନୈତିକ ପଦକ୍ଷେପ ଦ୍ୱାରା ଭାରତର ଆଇନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତନ ଘଟୁଛି। ଆଇନ ମଧ୍ୟସ୍ଥରେ ପ୍ରବେଶ କରୁଥିବା ଏହି ପରିବର୍ତନଗୁଡ଼ିକ ନ୍ୟାୟ ସେବାକୁ ଅଧିକ ସାଧାରଣ କରିବାକୁ ଉଦ୍ଦିଷ୍ଟ କରିଥାଏ। ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷରୁ ଶୁଭାସ ସଫ୍ଟୱାର ଯୋଗୁ ସଂସ୍ଥାନର ରାୟଗୁଡ଼ିକୁ ଆଂଚଳିକ ଭାଷାରେ ଅନୁବାଦ କରିବା ପଦକ୍ଷେପ ନେଇଯାଇଛି। ଏହାଦ୍ୱାରା ଅନେକ ଦୁର୍ଗମ ଅଂଚଳର ଲୋକ ନ୍ୟାୟାଳୟର ନିଷ୍ପତିକୁ ସମ୍ପୂର୍ଣ୍ଣ ବୁଝିବାରେ ସମର୍ଥ ହେବାର ସୁଯୋଗ ପାଇଛନ୍ତି। ଏହି ଅଂଚଳର ବରିଷ୍ଠ ଆଇନଜୀବୀ ହିରୋଜ କୁମାର ପାଣିଗ୍ରାହୀ କହିଥିଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମଧ୍ୟ, ଭିଡିଓ କନଫରେନ୍ସିଂ ପଦକ୍ଷେପର ପ୍ରବେଶ ହୋଇଛି। ମହାମାରୀ ସମୟରେ ଏହି ପ୍ରଚେଷ୍ଟା ମାମଲାଗୁଡ଼ିକର ଶୀଘ୍ର ଶୁଣାଣି ସୁନିଶ୍ଚିତ କରିବାକୁ ସାହାଯ୍ୟ କରିଥିଲା। ଏହା ଦ୍ୱାରା ସମୟ, ଆର୍ଥିକ ସମ୍ପତି ଓ ଶକ୍ତିର ହ୍ରାସ ସମ୍ଭବ ହୋଇପାରିଛି। ଏହି ଶିବିରରେ କଲେଜ ଅଧାପିକା ଶ୍ରୀମତୀ ପ୍ରବାସିନି ମହାପାତ୍ର, ସିବାରମ ଦାଇନି, ତାରିଣୀ ଚରଣ ମହାନ୍ତି,ଲକ୍ଷ୍ମୀଧର ବାରିକ , କୋର୍ଟ କର୍ମଚାରୀ ଉପସ୍ତିତ ସେମାନଙ୍କର ଆଇନଗତ ମତ ରଖିଥିଲେ ।

# ଶୀତକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ମାଲକାନଗିରି, ୨୯/୧୨ (ନି.ପ୍ର): ଶୀତକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଏମଭି ୭୯ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନଜିଓ ସଂସ୍ଥା ପକ୍ଷରୁ ସ୍ଥାନୀୟ ଅଂଚଳରେ ସୃଷ୍ଟି କରାଯାଇଥିବା ଗୋଷ୍ଠୀ ମୁଖ୍ୟଙ୍କୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଂଟ ର ଫାଇନାଲ ମ୍ୟାଚ ଅଲ ଷ୍ଟାର ଓ ବ୍ଲାକ କୋବ୍ରା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ରେ ପ୍ରଥମେ ବ୍ୟାଟିଂ କରି ବ୍ଲାକ କୋବ୍ରା ୧୭୫ ରନ୍ କରିଥିବା ବେଳେ ଜବାବରେ ଅଲ ଷ୍ଟାର୍ ଗୋଟିଏ ଓଭର ବଳକା ରଖି ଏହି ଲକ୍ଷ୍ୟ ହାସଲ କରିଥିଲା। ଏହି ମ୍ୟାଚ ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା କ୍ରିକେଟ ସଂଘର ମାନସ ରଞ୍ଜନ ଜେନା, ଶଙ୍କର ବର୍ମନ ଓ ବରିଷ୍ଠ ଖେଳାଳୀ ରଞ୍ଜିତ କୁମାର ମହାରଣା ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଛନ୍ତି। ମ୍ୟାଚରେ ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ସଂଜୀବ ହାଲଦାର ଙ୍କୁ ପ୍ରଦାନ କରାଯାଇଥିବା ବେଳେ ଇନ୍ଦ୍ରଜିତ ସରକାର ଓ ସୁଦୀପ ଦତ ଅମ୍ପାୟାର ଭାବେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟପଟେ ଦୀର୍ଘ ବର୍ଷ ଧରି ଆଇଟିସି ମିଶନ ସୁନହରାକାଲ ପକ୍ଷ୍ୟରୁ ସ୍ଥାନୀୟ ଅଞ୍ଚଳରେ କୌଶଳ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଥିବାରୁ ସ୍ଥାନୀୟ ଅଂଚଳରେ ଲୋକଙ୍କ ଜୀବନ ଶୈଳୀରେ ବିକାଶର ସାଥି ହୋଇପାରି ଥିବାରୁ ଉପସ୍ଥିତ ଅତିଥି ମାନେ କୃତଜ୍ଞତା ଜଣାଇଥିଲେ ।

# ଆନ୍ତର୍ଜାତିକ ଠକେଇ ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ଗିରଫ: ବିପୁଳ ପରିମାଣର ବିଦେଶୀ ନୋଟ୍ ଜବତ

ରାଉରକେଲା, ୨୯/୧୨ (ନି.ପ୍ର): ରାଉରକେଲାରେ ବଡ ଧରଣର ସାଇବର୍ ଠକେଇର ପର୍ଦାଫାଶ କରିଛି ପୋଲିସ । ଆନ୍ତର୍ଜାତିକ ଠକେଇ ଗ୍ୟାଙ୍ଗ ର ମୁଖ୍ୟ ଅଭିଯୁକ୍ତକୁ ଧରିଛି ପୋଲିସ । ସେ ଟ୍ରେଡିଂ ଆପ୍ କରି ଲୋକଙ୍କୁ ଲୁଟୁଥିଲା । ଏଥିରେ ପ୍ରାୟ ୬୭ ଲକ୍ଷ ୭୦ ହଜାର ଟଙ୍କା ଠକେଇ କରିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି । ସେ ଭାରତ ସମେତ କାମ୍ବୋଡ଼ିଆରେ ବିଛାଇଥିଲା ସାଇବର୍ ଠକେଇର ନେଟୱାର୍କ । ତା ନିକଟରୁ ବିପୁଳ ପରିମାଣର ବିଦେଶୀ ନୋଟ୍, ୧୦ଟି ମୋବାଇଲ ଫୋନ୍, ୮ଟି ପେନ୍ ଡ୍ରାଇଭ, ୧୪ଟି କ୍ରେଡ଼ିଟ ଓ ଡେଭିଡ କାର୍ଡ଼, ନଗଦ ୨୨ ହଜାର ଟଙ୍କା, ୧୪ଟି ପାସ୍ ବୁକ୍ ଓ ଚେକ୍ ବୁକ୍, ପାସପୋର୍ଟ, ଆଧାରକାର୍ଡ଼, ଡିଏଲ ଓ ପାନ କାର୍ଡ଼, ଗୋଟିଏ ପ୍ରିଂଟିଂ ମେସିନ, ୱାଇଫାଇ ରୁଟର, ଆନ୍ତର୍ଜାତିକ ସିମ୍ କାର୍ଡ଼ ଜବତ ହୋଇଛି । ଏହି ଘଟଣାରେ ଏସଡିପିଓ ଉପାସନା ପାଢୀ, ଇନ୍ସପେକ୍ଟର ପଦ୍ମାବତୀ ମିର୍ଦ୍ଧା, ଏସଆଇ ସମ୍ପଦ ମହାନ୍ତି ଓ ବିକାଶ କଳିତ ପ୍ରମୁଖ ତଦନ୍ତ ଜାରି ରଖିଛନ୍ତି।

# ଖାଲି ପଡିଛି ପଶ୍ଚିମ ଓଡିଶା ବିକାଶ ପରିଷଦ : ଥଇଥାନ ଆଶାରେ ପରାଜିତ ନେତା

ସମ୍ବଲପୁର, ୨୯/୧୨ (ନି.ପ୍ର): ପଶ୍ଚିମ ଓଡିଶା ବିକାଶ ପରିଷଦ ୧୧ ନଭେମ୍ବର, ୧୯୯୮ ମସିହାରେ ଆରମ୍ଭ ହୋଇଥିଲା । ଆଂଚଳିକ ତାରତାମ୍ୟ ଦୂର କରିବା ଲକ୍ଷ୍ୟରେ ବିକାଶ ପରିଷଦ ଗଠନ ହୋଇଥିଲା । ଇତିମଧ୍ୟରେ ଏହା ୨୫ ବର୍ଷ ଅତିକ୍ରାନ୍ତ କରିସାରିଛି । ମାତ୍ର ଯେଉଁ ଆଶା ନେଇ ଏହା ଗଠନ ହୋଇଥିଲା ତାହା ପୂରଣ ହୋଇପାରିନାହିଁ। ବିକାଶ ପରିଷଦ କେବଳ ଅଧିକାରୀ ଓ ନେତାଙ୍କ ଥଇଥାନ କେନ୍ଦ୍ର ପାଲଟିଛି । ଏଭଳି ସ୍ଥଳେ ଗତ ନିର୍ବାଚନରେ ପରାଜୟ ବରଣ କରିଥିବା ବିଜେପି ନେତା ମାନେ ଏହି ପଦ ଅଳଙ୍କୃତ କରିବେ ବୋଲି ଆଶାବାନ୍ଧି ବସିଛନ୍ତି । ଦୌଡ଼ରେ ପଶ୍ଚିମ ଓଡିଶାର ଅଧିକାଂଶ ପରାଜିତ ନେତା ଥିବାବେଳେ ସେମାନେ ଏକ ପ୍ରକାର ଲବି ଆରମ୍ଭ କରି ଦେଇଛନ୍ତି । ରାଜ୍ୟରେ ପ୍ରଥମ ଥର ବିଜେପି ସରକାର ଶାସନ କରୁଛି । ଦୀର୍ଘ ବର୍ଷ ଶାସନ କରିଥିବା ବିଜେଡି ସରକାର ହଟିଛି । ଫଳରେ ବିଭିନ୍ନ ବିଭାଗର ଉପଦେଷ୍ଟା ଓ ନିଗମ ଅଧ୍ୟକ୍ଷ ପଦବୀରୁ ସବୁ ବିଜେଡି ନେତାଙ୍କୁ ବିଦା ହେବାକୁ ପଡିଛି । ଏହା ପୂର୍ବରୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ଗତ ୧୭ ଅଗଷ୍ଟ, ୨୦୨୪ରେ ନିଜେ ଇସ୍ତଫା ଦେଇଥିଲେ । ସୁବାସ ଚୌହାନଙ୍କ ଅକାଳ ବିୟୋଗ ପରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଗତ ୨୬ ଡିସେମ୍ବର, ୨୦୨୦ରେ ଏହାର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ । ପର୍ଯ୍ୟଟନ, ଗମନାଗମନର ବିକାଶ ଏବଂ ବିଭିନ୍ନ ବ୍ଲକରେ ଗୋଷ୍ଠୀ କଲ୍ୟାଣ କେନ୍ଦ୍ର ମାନ ଗଠନ ପାଇଁ ସେ ପଦକ୍ଷେପ ନେଇଥିଲେ । ଏଥିସହ ଆଭ୍ୟନ୍ତରୀଣ ଅଂଚଳର କିଛି ଶିକ୍ଷାନୁଷ୍ଠାନ ଗୁଡିକର ଭିତିଭୂମି ବିକାଶ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା । ସରକାର ଗଠନର ୬ ମାସ ପରେ ମଧ ଏହି ମର୍ଯ୍ୟାଦାପୂର୍ଣ୍ଣ ବିକାଶ ପରିଷଦ ଅଧ୍ୟକ୍ଷ ଆସନ ଖାଲି ପଡିଛି । ସେହିପରି ଏହାର ଅନେକ ଉପଦେଷ୍ଟା ପଦବୀ ଗୁଡିକ ମଧ ସେହି ଅବସ୍ଥାରେ ପଡି ରହିଛି । ପରିଷଦ ଗଠନ ପରେ ପ୍ରଫୁଲ୍ଲ ଘଡେଇଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ସେହି କମିଟି ଅର୍ଥନୈତିକ ସ୍ଥିତି ସହ ବିଭିନ୍ନ ମାନଦଣ୍ଡକୁ ନେଇ ତାଙ୍କ ରିପୋର୍ଟରେ ଦର୍ଶାଇଥିଲା । ଏଥିରେ ପଛୁଆ ବ୍ଲକ ଗୁଡିକର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ରହିଥିଲା । ସେହି ରିପୋର୍ଟର ପ୍ରାୟ ୨ ଦଶନ୍ଧି ପରେ ମଧ ବିକାଶ ପରିଷଦ ପଛୁଆ ବ୍ଲକଗୁଡିକର ସାମଗ୍ରିକ ବିକାଶ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହେଉଛି । କଂଗ୍ରେସ ସରକାର ସମୟରେ ଏହି ବିକାଶ ପରିଷଦ ଗଠିତ ହୋଇଥିଲା । ଏହି ସମୟରେ ବିଜେଡି ଓ ବିଜେପି ବିକାଶ ପରିଷଦକୁ ସ୍ୱୟଂଶାସିତ ମର୍ଯ୍ୟାଦା ଦେବା ଏବଂ ନିର୍ବାଚିତ ପ୍ରତିନିଧି ମୂଳକ କରିବା ପାଇଁ ଦାବି କରି ଆନ୍ଦୋଳନ କରିଥିଲେ । ତେବେ ଉଭୟ ଦଳ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଶାସନରେ ଥିବାବେଳେ ତାଙ୍କ ପୂର୍ବ ଦାବି ଉପରେ ଏକ ପ୍ରକାର ନୀବରତା ଅବଲମ୍ବନ କରିଥିଲେ । ବିଭିନ୍ନ ସମୟରେ ରାଜ୍ୟ ସରକାର ପରିଷଦ ପାଇଁ ପାଣ୍ଠି ବୃଦ୍ଧି କରିଛନ୍ତି । ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ । ନରସିଂହ ମିଶ୍ର, ଅଇଁଠୁ ସାହୁ, ପଦ୍ମିନୀ ଶେଖର ଦେଓ , ନିରଞ୍ଜନ ପଣ୍ଡା, କିଶୋର ମହାନ୍ତି, ସୁବାସ ଚୌହାନ ଓ ଅସୀତ ତ୍ରିପାଠୀ ଭଳି ବିଶିଷ୍ଟ ବ୍ୟକ୍ତି ବିଶେଷ ଏହାର ଅଧ୍ୟକ୍ଷ ହୋଇଛନ୍ତି । ହେଲେ ଗଠନ ପର ଠାରୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନରେ ବିକାଶ ପରିଷଦ କେତେ ଦୂର ସକ୍ଷମ ହୋଇଛି ତାହା କାହାରିକୁ ଅଛପା ନାହିଁ । ପଶ୍ଚିମ ଓଡିଶାର ମୁଖ୍ୟାଳୟ ତାର କାର୍ଯ୍ୟକ୍ଷେତ୍ରର ପରିସୀମାରେ ରହିବା ଉଚିତ୍ । ତାହା ମଧ ଅପୂରଣୀୟ ହୋଇ ରହିଛି । ଏ ସମ୍ପର୍କରେ ରାଜ୍ୟ ସରକାର ଅନୁସନ୍ଧାନ କରିବାର ଆବଶ୍ୟକତା ରହିଛି ।

# ସେଲ ରାଉରକେଲା ଇସ୍ପାତ କାରଖାନାର ପାଇପ୍ ପ୍ଲାଣ୍ଟ ଦ୍ୱାରା ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ



ରାଉରକେଲା, ୨୯/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସ୍ପାଇରାଲ୍ ୱେଲଡେଡ୍ ପାଇପ୍ ପ୍ଲାଣ୍ଟ ଡିସେମ୍ବର ୨୭ ତାରିଖରେ ୧୪୨୨.୪ ମିଲିମିଟର ବାହ୍ୟ ବ୍ୟାସ ଏବଂ ୧୨.୫ ମିଲିମିଟର ମୋଟେଇ ବିଶିଷ୍ଟ ୪୧୦ ଟନ୍ ପାଇପ ପ୍ରସ୍ତୁତ କରି ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ ସୃଷ୍ଟି କରିଛି। ଏଥିସହିତ ଗତ ୨୦୨୩ ସେପ୍ଟେମ୍ବର ୧୫ ତାରିଖରେ ହାସଲ ହୋଇଥିବା ୪୦୩ ଟନ୍ ପୂର୍ବ ଏକଦିବସୀୟ ଉତ୍ପାଦନ ରେକର୍ଡକୁ ମିଲ୍ ଅତିକ୍ରମ କରିଛି। ସିଲିଗୁଡି ପୌର ନିଗମର ପ୍ରକଳ୍ପ କାର୍ଯ୍ୟରେ ବ୍ୟବହାର ନିମନ୍ତେ ମେସର୍ସ ଏହି ପାଇପକୁ ମେସର୍ସ ପୂଜା ଏଣ୍ଟରପ୍ରାଇଜେସକୁ ଯୋଗାଇ ଦିଆଯିବ । ହଟ ଷ୍ଟ୍ରିପ ମିଲ-୨ ବିଭାଗରେ ଡିସେମ୍ବର ୨୮ ତାରିଖରେ ଆୟୋଜିତ ଏକ ଉତ୍ସବରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ପାଇପ ପ୍ଲାଣ୍ଟ ସାମୁଦାୟିକଙ୍କୁ ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱ ରଞ୍ଜନ ପଲାଇଙ୍କ ଉପସ୍ଥିତିରେ ଏହି ଅନନ୍ୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ତ୍ତିମାନ ଏସଡବ୍ଲୁପିପି ବିଭାଗୀୟ ଦଳ ଦ୍ୱାରା ଇନପୁଟ୍ ସାମଗ୍ରୀର ଉପଲବ୍ଧତା ଉପରେ ଯତ୍ନଶୀଳ ଯୋଜନା ପ୍ରସ୍ତୁତି, ରକ୍ଷଣାବେକ୍ଷଣ ଏଜେନ୍ସି ଦ୍ୱାରା କ୍ରେନ୍ ସମେତ ସମସ୍ତ ଜଟିଳ ଉପକରଣର ଉପଲବ୍ଧତା ସୁନିଶ୍ଚିତ କରିବା, ନିରାପଦ କାର୍ଯ୍ୟ ଅଭ୍ୟାସ ଅନୁସରଣ କରି ବିଭିନ୍ନ କାର୍ଯ୍ୟ ଷ୍ଟେସନରେ ନିୟମିତ ଏବଂ ଠିକା ଶ୍ରମିକଙ୍କୁ ନିୟୋଜିତ କରିବା ଏବଂ ପିପିସି, ହଟ୍ ଷ୍ଟ୍ରିପ୍ ମିଲ୍-୨, ଟ୍ରାଫିକ୍ ଏବଂ କଞ୍ଚାମାଲ, ଆର ଆଣ୍ଡ ସି ଲ୍ୟାବ୍ ଇତ୍ୟାଦି ସମସ୍ତ ସହାୟକ ଏଜେନ୍ସିର ସଂପୂର୍ଣ୍ଣ ସହଯୋଗ ମାଧ୍ୟମରେ ଦ୍ୱାରା ରେକର୍ଡ ହାସଲ ହୋଇପାରିଛି।

# ଧାନ ମଣ୍ଡିରେ ଅବ୍ୟବସ୍ଥା: କଟନୀ ଛଟନୀକୁ ବନ୍ଦ କରିବା ଦାବିରେ ଭବାନୀପାଟଣା କଂଗ୍ରେସ ପକ୍ଷରୁ ରାସ୍ତାରୋକ

ଭବାନୀପାଟଣା, ୨୯/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ନିର୍ବାଚନ ମଣ୍ଡଳୀରବିଧାୟକଙ୍କ ଆହ୍ୱାନ କ୍ରମେ ଓ ସମସ୍ତ କଂଗ୍ରେସ ଦଳର କର୍ମକର୍ତ୍ତା, ଚାଷୀ ସମାଜ ତରଫରୁ ରାସ୍ତାରୋକ ଆନ୍ଦୋଳନ କରାଯାଇଛି। ଏହି ରାସ୍ତାରୋକ ବନ୍ଦ ପାଳନର ପ୍ରମୁଖ ଦାବି ଯେ, ଡବଲ ଇଂଜିନ ସରକାର ଚାଷୀ ମାନଙ୍କୁ ଧାନର ମୂଲ୍ୟ ୩୧୦୦ ଦେବାକୁ କହିଥିଲେ, ଅଫ ଏ କ୍ୟୁ ମାନର କଥା କହିନଥିଲେ, ବର୍ତମାନ ଚଷୀ ଙ୍କୁ ଅଫ ଏ କ୍ୟୁ ମାନର ଧାନକୁ ୩୧୦୦ ସହ ଟଙ୍କା ଦେବାକୁ କହିଥିବାରୁ ବିରୋଧ କରୁଛି ଚାଷୀ ଓ କଂଗ୍ରେସ। ଧାନ ମଣ୍ଡିରେ ଚାଷୀଙ୍କୁ ୭-୮ କେ. ଜି. ଧାନ କଟନୀ ଛଟନୀ କରୁଛନ୍ତି। ପେଷ୍କ ଓ ମିଲର, ମଣ୍ଡିରେ ଥିବା ଦଲାଲ କର୍ମକର୍ତା ମିଶି ଚାଷୀଙ୍କୁ ଶୋଷଣ କରୁଥିବାରୁ ଏହି ବିକ୍ଷୋଭ ରାସ୍ତା ରୋକ କରାଯାଇଛି। ଅଦିନିଆ ବର୍ଷାରେ ଚାଷୀଙ୍କ ଧାନ ଭିଜି ଯାଇଥିବାରୁ ଟୋକନ ର ସମୟ ସୀମାକୁ ବୃଦ୍ଧି କରିବାକୁ ଦାବି ହେଉଛି। ଚାଷୀଙ୍କ ଦୁର୍ଦଶାକୁ ସରକାର ଜିଲ୍ଲା ପ୍ରଶାସନ ବିଚାର କରି ପାରି ନ ଥିବାରୁ ଏହି ଆନ୍ଦୋଳନ ବନ୍ଦ ପାଳନ କରିଥିଲେ। ସରକାର ଚାଷୀକୁ ନିର୍ବାଚନ ସମୟରେ ଯାହା ପ୍ରତିଶୃତି ଦେଇଥିଲେ ତାହା ପୂରଣ କରୁନ ଥିବାରୁ ଏହି ଆନ୍ଦୋଳନ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଥିଲେ। ଚାଷୀଙ୍କ ଫସଲକୁ ଉଚିତ ମୂଲ୍ୟ ପ୍ରଦାନ, ଧାନ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ପ୍ରଦାନ, କଟନୀ ଛଟନୀ କୁ ୭-୮ କେଜି ବନ୍ଦ କରିବାକୁ ତୀବ୍ର ବରୋଧ ରହିଛି ଏବଂ ଦଲାଲ ଗିରିକୁ ବିରୋଧ କରାଯାଇଛି। ଏହି ଆନ୍ଦୋଳନରେ ତିରାନି ନାଏକ କଂଗ୍ରେସ ଜିଲ୍ଲା ଉପ ସଭାପତି, ଚିନ୍ତାମଣି ବାଗ, ବିକ୍ରମ ଭୋଇ ପ୍ରମୁଖ କଂଗ୍ରେସ କର୍ମକର୍ତା। ଉପସ୍ଥିତ ରହି ଆନ୍ଦୋଳନକୁ ପରିଚାଳନା କରିଥିବା ବେଳେ ଶହ ଶହ ଗାଡି ମୋଟର ରାସ୍ତାର ଦୁଇ ପଟେ ଅଟକି ରହିଥିଲା।

# ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଭଦ୍ରକ ଜିଲ୍ଲା ଗସ୍ତ

ଭଦ୍ରକ , ୨୯/୧୨ (ନି.ପ୍ର): ଅଦିନିଆ ବର୍ଷା କ୍ଷତି ପହଞ୍ଚାଇଥିବା ଋଷୀମାନଙ୍କ ଅବସ୍ଥା ଦେଖିବା ଓ ବୁଝିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଦି ଭଦ୍ରକ ଜିଲ୍ଲାଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ବୁଲି କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଆଯାଉଥିବା ପଦକ୍ଷେପ ସମ୍ବନ୍ଧରେ ମଧ ସମୀକ୍ଷା କରିଥିଲେ। ଧାମନଗର ବ୍ଲକ୍‌ର ଭଗବାନପୁର, ପଳିକିରି, ଜୟକୃଷ୍ଣପୁର, ଅନହରପୁର ଏବଂ ବନ୍ତ ବ୍ଲକ୍‌ର ଛୟାଳସିଂହ ଅଞ୍ଚଳକୁ ଗସ୍ତ କରି କ୍ଷତିଗ୍ରସ୍ତ ଋଷୀମାନଙ୍କ ନଷ୍ଟ ହୋଇଥିବା ପାଚିଲା ଧାନ ଫସଲକୁ ପରଖିଥିଲେ। ଋଷୀମାନଙ୍କ ଅବସ୍ଥା କଥା ପଋରି ବୁଝିଥିଲେ। ସେମାନଙ୍କୁ ଆଶ୍ୱାସନା ଦେଇ ସେମାନଙ୍କ ମନରେ ଭରସା ଜନ୍ମାଇଥିଲେ। ଯେକୌଣସି ଦୁର୍ବିପାକ ଆସିଲେ ବି ସରକାର



ସେମାନଙ୍କ ପାଖରେ ଅଛନ୍ତି। କ୍ଷତିଗ୍ରସ୍ତ ଋଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସରକାର ଖୋଲା ହୃଦୟରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ପ୍ରକୃତ କ୍ଷତିଗ୍ରସ୍ତ ଋଷୀ ଜଣେବି ଯେପରି ପ୍ରାପ୍ୟ ପାଇବାରୁ ବଞ୍ଚିତ ନହୁଏ। ସେଥିପାଇଁ ସେ ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବୀମା ଭୁକ୍ତ ଏବଂ ଅଣବୀମାଭୁକ୍ତ ସମସ୍ତ କ୍ଷତିଗ୍ରସ୍ତ ଋଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସରକାରଙ୍କ ଘୋଷଣା କଥା ମଧ ଜଣାଇଥିଲେ। ଆବେଦନ ସମୟ ଡିସେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା କଥା ମଧ ସେ ଋଷୀ ମାନଙ୍କୁ ଅବଗତ କରାଇଥିଲେ। କେବଳ ଧାନ ନୁହେଁ ଯେ କୌଣସି ଫସଲ ଏହି ଅଦିନିଆ ବର୍ଷା ଯୋଗୁଁ ନଷ୍ଟ ହୋଇଥିଲେ ସଂପୃକ୍ତ କ୍ଷତିଗ୍ରସ୍ତ ଋଷୀଙ୍କୁ ଏହି କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସେ କହିଥିଲେ। ୩୦ ତାରିଖ ସୁଦ୍ଧା ପ୍ରାପ୍ତ ସମସ୍ତ ଆବେଦନ ସର୍ଭେ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତ ଋଷୀଙ୍କୁ ଉଚିତ୍ ଢଙ୍ଗରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ। କୌଣସି ଋଷୀ ଅବହେଳିତ ହୋଇ ରହିବେ ନାହିଁ ସମସ୍ତଙ୍କ ସହିତ ନ୍ୟାୟ ହେବ। ସରକାର ଉଚିତ୍ ଢଙ୍ଗରେ ଋଷୀମାନଙ୍କ କଥା ବୁଝିବେ। କେତେକ ଜାଗାରେ ଧାନ ଗଜା ହୋଇଯାଇଛି, କିଛି କ୍ଷେତରେ ଧାନ କଟାଯିବା ଅବସ୍ଥାରେ ନାହିଁ ବୋଲି କ୍ଷେତ୍ର ପରିଦର୍ଶନ ବେଳେ ସେ ଦେଖିଥିବା କହିଥିଲେ। ତଥାପି ଋଷୀମାନେ ନିଜେ ଭାଙ୍ଗିନପଡ଼ି ନିଜର କ୍ଷତି ନଘଟାଇ ଉଜୁଡ଼ା ଫସଲକୁ ସଜାଡ଼ି ସରକାରଙ୍କ ସାହାଯ୍ୟ ସହଯୋଗ ପାଇ ଧୈର୍ଯ୍ୟର ସହିତ ପୁଣିଥରେ ଋଷ କରି ଛିଡ଼ା ହେବାକୁ ସମସ୍ତ ଋଷୀମାନଙ୍କ ଉଦ୍ଦେଶ୍ୟରେ ସେ ପରାମର୍ଶ ପ୍ରଦାନ କରିଥିଲେ। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲିପ୍ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ କୁମାର ଚକ୍ରବର୍ତ୍ତୀ, ଜିଲ୍ଲା କୃଷି ମୁଖ୍ୟ ଅଧିକାରୀ ଜଗଦୀଶ ପ୍ରଶାଦ ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପ୍ରମୁଖ ଉପ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ବିଭିନ୍ନ କ୍ଷେତ ପରିଦର୍ଶନରେ ସାମିଲ୍ ଥିଲେ। କ୍ଷେତ୍ର ପରିଦର୍ଶନ ପରେ ନୂଆ ସର୍କିଟ୍ ହାଉସରେ ପହଞ୍ଚି ଉପ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ ବିଧାୟକଙ୍କ ଉପସ୍ଥିତିରେ ଋଷୀଙ୍କ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ସମ୍ବନ୍ଧୀୟ ସମୀକ୍ଷା କରିଥିଲେ ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସାକ୍ଷାତକାରରେ ନିଜର କ୍ଷେତ୍ର ପରିଦର୍ଶନ ଅନୁଭୂତି ଏବଂ ଏ ଦିଗରେ ସରକାରଙ୍କ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ।

# ମୟୂରଭଞ୍ଜ ପୁସ୍ତକ ମେଳାର ଅଷ୍ଟମ ସାନ୍ଧ୍ୟ ସାହିତ୍ୟ ଆସର ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ମୟୂରଭଞ୍ଜ, ୨୯/୧୨ (ନି.ପ୍ର): ମୟୂରଭଞ୍ଜ ପୁସ୍ତକ ମେଳାର ଅଷ୍ଟମ ଦିବସରେ ଜିଲ୍ଲା ତଥା ବାରିପଦା ସହରର ସଂସ୍କୃତି ସମ୍ପନ୍ନ ପଠନପ୍ରିୟ ବହି ଅନୁରାଗୀ ଶିକ୍ଷାର୍ଥୀ ତଥା ଜନସାଧାରଣଙ୍କ ଉପସ୍ଥିତି କ୍ରମେ ମୟୂରଭଞ୍ଜ ପୁସ୍ତକମେଳା ପରିସର ଆନନ୍ଦମୁଖର ହେଉଥିବା ବେଳେ, ଅନୁଷ୍ଠାନ ଆନୁକୂଲ୍ୟରେ ପୂର୍ବଦିନଗୁଡିକ ଭଳି ମହୋତ୍ସବର ସାନ୍ଧ୍ୟ ସାହିତ୍ୟ ଆସର ଆୟୋଜନ ହୋଇଥିଲା ମେଳାର ବରିଷ୍ଠ ସଦସ୍ୟ, ଶିକ୍ଷାବିତ ତଥା ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ହିମାଂଶୁ ଶେଖର ଦାସଙ୍କ ପୌରହିତ୍ୟରେ। ଆସରରେ ଜିଲ୍ଲାର ଜନପ୍ରିୟ ମାନ୍ୟବର ସାଂସଦ ଶ୍ରୀମତୀ ମମତା ମହାନ୍ତ (ରାଜ୍ୟସଭା) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଏବଂ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ବହି ହିଁ ପ୍ରଜ୍ଞା ଓ ଜ୍ଞାନର ସର୍ବଶ୍ରେଷ୍ଠ ଆହୋରଣ କେନ୍ଦ୍ର ବୋଲି କହିଥିଲେ। ସମାରୋହରେ ମୁଖ୍ୟବକ୍ତା ରୂପେ ମାନ୍ୟବର ବାରିପଦା ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସୋରେନ୍ ଉଦବୋଧନରେ ପିତାମାତା ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ପିଲା ଓ ଛାତ୍ରଛାତ୍ରୀମାନେ କିଭଳି ଅଧିକରୁ ଅଧିକ ପୁସ୍ତକ ପଠନ ପାଇଁ ଆଗ୍ରହୀ ଓ ଅନୁରକ୍ତ ହେବେ, ସେଥିକୁ ଯଥେଷ୍ଟ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ଶିକ୍ଷାଶ୍ରମର ଅଧ୍ୟକ୍ଷା ଶ୍ରୀମତୀ ବୀଣାପାଣି ଦାଶ ଓ ଦତ୍ତ ଆବାସିକ ହାୟର୍ ସେକେଣ୍ଡରୀ ସ୍କୁଲର ନିର୍ଦ୍ଦେଶିକା ଶ୍ରୀମତୀ ସୀମାଶ୍ରୀ ଦତ୍ତ ମଧ୍ୟ ଉପସ୍ଥିତ ରହି ନିଜନିଜ ବକ୍ତବ୍ୟ ରଖିଥିଲେ। ମଞ୍ଚ ଆମନ୍ତ୍ରଣ କରିଥିଲେ ସଦସ୍ୟ ବିଶିଷ୍ଟ ଗୀତିକାର ଗୋପାଳ ଚନ୍ଦ୍ର ସାଓ। ଅଷ୍ଟମ ଦିବସ ଅପରାହ୍ନରେ ପୁସ୍ତକ ମେଳାଦ୍ୱାରା ଆୟୋଜିତ ହୋଇଥିବା ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତାର ଫଳାଫଳ ବିଜ୍ଞ ବିଚାରକଙ୍କ ମୂଲ୍ୟାୟନ ଉପରାନ୍ତେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ମୋବାଇଲ ଏବଂ ପ୍ରତ୍ୟକ୍ଷ ଜଣାଇ ଦିଆ ଯାଇଥିବାର କମିଟି ସୂତ୍ରରୁ ପ୍ରକାଶ କରାଯାଇଛି। ପ୍ରତିଯୋଗିତା ଗୁଡ଼ିକ ହେଲା- ଉଭୟ କଲେଜ ଏବଂ ବିଦ୍ୟାଳୟ ସ୍ତରର ଗଳ୍ପ ଲିଖନ , କୁଇଜ୍, ଏକକ ଅଭିନୟ, ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ ଓ କନିଷ୍ଠ ବର୍ଗର ଲୋକନୃତ୍ୟ ଓ ଫେନ୍ସିଡ୍ରେସ୍ (କୌତୁକିଆ ପୋଷାକ) ଆଦି। ଧନ୍ୟବାଦ ଜ୍ଞାପନ କରିଥିଲେ ବରିଷ୍ଠ ସଦସ୍ୟା ଶ୍ରୀମତୀ ବାସନ୍ତୀଲତା ମହାପାତ୍ର। ସଭା ଶେଷରେ ସୁଦୂର ଭୁବନେଶ୍ୱରରୁ ଆସିଥିବା ବିଶିଷ୍ଟ ନାଟ୍ୟଶିଳ୍ପୀ ସୁଜାତା ପ୍ରିୟମ୍ବଦା ଏକକ ଅଭିନିତ ନାଟକ 'ରେବତୀ ଏବତୀ ସେବତୀ' ପରିବେଷଣରେ ନଜର କଳାନୈପୁଣ୍ୟ ଓ ଅଭିନୟ ଦ୍ୱାରା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ।

# ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

ବାଲେଶ୍ୱର, ୨୯/୧୨ (ନି.ପ୍ର): ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ଏକଦିବସୀୟ ବାର୍ଷିକ ସମ୍ମିଳନୀ ରବିବାର ପୂର୍ବାହ୍ନରେ ବାଲେଶ୍ୱର ସହରର ମିର୍ଜାପୋଖରୀ ଲେନ୍‌ରେ ଥିବା ଶ୍ରୀ ହରିହର କ୍ଷେତ୍ର ନିକଟରେ ଗୌରାଶୟ ଭବନରେ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ଉପସ୍ଥିତ ରହି ଶ୍ରୀଶ୍ରୀ ବିଶେଶ୍ୱର ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଏହି କାର୍ଯ୍ୟକ୍ରମର ସର୍ବ ସଫଳତା କାମନା କରିଥିଲେ। ପୌରପାଳିକା ବ୍ରାହ୍ମଣ ସମିତିର ସଭାପତି ଡା. ଗୌରସାଧନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରାଯିବା ସଂଗେସଂଗେ ବେଦପ୍ରଭା ପଣ୍ଡିତ ଶ୍ରୀ ମଧୁସୂଦନ ପଣ୍ଡାଶର୍ମାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ପଣ୍ଡିତ କମଳାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ମଙ୍ଗଳାଷ୍ଟକ ପାଠ କରାଯାଇଥିଲା। ପଣ୍ଡିତ ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପୌରପାଳିକା ସମ୍ପାଦକ ଅଧ୍ୟାପକ ଶାନ୍ତି ସ୍ୱରୂପ ମିଶ୍ର ବାର୍ଷିକ ବିବରଣୀ ସହିତ ପୌରପାଳିକାର ଗୃହୀତ ହୋଇଥିବା କର୍ମକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀଙ୍କ ନାମ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡ଼ିଶା ବ୍ରାହ୍ମଣ ମହାସଂଘର ସଭାପତି ଡ. ସଦାନନ୍ଦ ଦୀକ୍ଷିତ୍ ବ୍ରାହ୍ମଣମାନେ ଜିଲ୍ଲା ଓ ରାଜ୍ୟ ସ୍ତରରେ ସାଂଗଠନିକ କାର୍ଯ୍ୟର ବିସ୍ତାର ପାଇଁ ଆଗଭର ହେବାକୁ ଆହ୍ୱାନ ଜଣାଇଥିଲେ। ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ସଭପାତି ଡକ୍ଟର ଶ୍ରୀଶ କୁମାର ଦାଶ ସମାଜ କଲ୍ୟାଣ ଓ ଧାର୍ମିକ କାର୍ଯ୍ୟରେ ବ୍ରାହ୍ମଣମାନେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ରାଜ୍ୟ ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ, ଜିଲ୍ଲା ସାଧାରଣ ସମ୍ପାଦକ ପଣ୍ଡିତ ଗୌରଚନ୍ଦ୍ର ଦାଶଙ୍କ ସହିତ ରାଜ୍ୟ ସଂଯୋଜକ ପଣ୍ଡିତ ଲୋକନାଥ ଧର, ପୂର୍ବତନ ଜିଲ୍ଲା ସମ୍ପାଦକ ପଣ୍ଡିତ ଶକ୍ତିପଦ ପଣ୍ଡା ନିଜର ସାଙ୍ଗଠନିକ ଅଭିଜ୍ଞତା ସଂପର୍କରେ ଉଲ୍ଲେଖ କରିଥିଲେ। ଆର୍ଥିକ ଅନଗ୍ରସର ବ୍ରାହ୍ମଣ ପରିବାରକୁ ସରକାରୀ ସହାୟତା ଓ ସରକାରୀ ନିଯୁକ୍ତି କିମ୍ବା ପଦୋନ୍ନତି ସମୟରେ ମେଧାକୁ ଗୁରୁତ୍ୱ ଦେବାକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଆବଶ୍ୟକୀୟ ଆଇନ ପ୍ରଣୟନ କରିବାକୁ ବକ୍ତାମାନେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧକ୍ଷୀୟ ଅଭିଭାଷଣ ପ୍ରଦାନ କରି ପୌରପାଳିକା ସଭାପତି ଡକ୍ଟର ଗୌରସାଧନ ମିଶ୍ର ବହୁ ସଂଖ୍ୟାରେ ଉପସ୍ଥିତ ବ୍ରାହ୍ମଣମାନଙ୍କୁ ପ୍ରଣାମ ପୂର୍ବକ ବ୍ରାହ୍ମଣମାନଙ୍କ ଏକତା ଉପରେ ଗୁରୁତ୍ୱ ଦେଇଥିଲେ।

# ଓଡ଼ିଶା ସରକାରଙ୍କର ଉପ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ

ବାଲେଶ୍ୱର, ୨୯/୧୨ (ନି.ପ୍ର): ବାଲେଶ୍ୱର ଗସ୍ତ ଅବସରରେ ଓଡ଼ିଶା ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ାଙ୍କୁ ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଜିଲ୍ଲା ମେଡିକାଲ୍ କ୍ରିୟାନୁଷ୍ଠାନ କମିଟିର ନେତୃତ୍ୱମାନେ ରବିବାର ସନ୍ଧ୍ୟା ସମୟରେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଚଳିତ ବର୍ଷର ସ୍ମରଣିକା ଦେଇ ଶୁଭେଚ୍ଛା ଜଣାଇଥିଲେ।



ନିକଟରେ ଉପ ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଜିଲ୍ଲାର ଦାୟିତ୍ୱ ଗ୍ରହଣ କରିଥିବାରୁ ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବା ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦ ଉପସ୍ଥିତ ରହି ଏକ ଉଚ୍ଚସ୍ତରୀୟ ଆଲୋଚନା କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଉପ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଏ ସଂପର୍କରେ ଏକ ବୈଠକ ଡାକିବେ ବୋଲି କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କଟକ କିମ୍ବା ଭୁବନେଶ୍ୱରରୁ ହୃଦରୋଗ ଓ ମୁତ୍ରାଶୟଜନିତ ରୋଗ ଏବଂ କର୍କଟ ରୋଗ ସମ୍ବନ୍ଧୀୟ ନିଦାନ ପାଇଁ ସପ୍ତାହରେ ୨ଦିନ ବିଶେଷଜ୍ଞ ଡାକ୍ତରଙ୍କୁ ଜିଲ୍ଲାକୁ ପଠାଇବା ପାଇଁ କମିଟି ତରଫରୁ ନିବେଦନ କରାଯାଇଥିଲା। ସାକ୍ଷାତ ଆଲୋଚନା ସମୟରେ ଜିଲ୍ଲାର ବିଜେପି ସଭାପତି, ସଦର ବିଧାୟକ, ନୀଳଗିରି ବିଧାୟକ ଓ ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକଙ୍କ ସହ ସହରର ବହୁ ବରିଷ୍ଠ ଓ ବିଶିଷ୍ଟ ବ୍ୟକ୍ତି ତଥା ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ରାଉତ, ନିରଞ୍ଜନ ପରିଡ଼ା, ଯଶୋଦାନନ୍ଦନ ଆଶ୍, ରବି ପାଣିଗ୍ରାହୀ, ଗୌରାଙ୍ଗ ପାଣିଗ୍ରାହୀ, ବେଣୁଧର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




୪୫ତମ ବାର୍ଷିକ ସାରସ୍ୱତ ସମାରୋହରେ ବଡ଼ସାହିଠାରେ ଆୟୋଜିତ ବାଣୀପୀଠ ମହୋତ୍ସବ ୨୦୨୪ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହରେ ଶ୍ରୀମତୀ ସୁମତୀ ମହାନ୍ତ ଓ ଶ୍ରୀ ସର୍ବେଶ୍ୱର ମହାନ୍ତଙ୍କୁ ଆଦର୍ଶ ଦମ୍ପତି ସମ୍ମାନର ସମ୍ମାନିତ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଜିରୋ ନାଇଟ୍ ପାଇଁ ...

ରାତି ୧୨ଟା ପରେ ଜିରୋ ନାଇଟ୍ ସେଲିବ୍ରେସନରେ ମାତିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି କଟକ ଡିସିପି। ସେପଟେ ନୂଆବର୍ଷ ପାଇଁ ପୁରୀରେ ବଢ଼ିଲାଣି ଭିଡ଼। ଶ୍ରୀକ୍ଷେତ୍ରକୁ ଛୁଟିଲାଣି ରାଜ୍ୟ ତଥା ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଦର୍ଶନ ବ୍ୟବସ୍ଥା କରିଛି ଶ୍ରୀମନ୍ଦିର ପ୍ରଶାସନ। ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରୁ ମାର୍କେଟ୍ ଛକ ଯାଏ ବ୍ୟାରିକେଡ୍ କରାଯାଇଛି। ୩୧ ଓ ୧ ତାରିଖରେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଭକ୍ତ। ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ଉଜୁଡ଼ା କ୍ଷେତ ବୁଲି ଚାଷୀଙ୍କ...

ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବି ଗ୍ରାଉଣ୍ଡକୁ ଯାଇଥିଲେ। ସେହିପରି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କଟକ ଓ ଜଗତସିଂପୁରରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭଦ୍ରକ ଓ ବାଲେଶ୍ୱର, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡା ଓ ଯାଜପୁର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଖୋର୍ଦ୍ଧା ଗସ୍ତ କରି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ଚାଷୀଙ୍କୁ ଭେଟିଛନ୍ତି। ସେପଟେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷକୁ ନେଇ ରାଜନୀତି ଜୋର ଧରିଛି। ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯିବେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆସନ୍ତାକାଲି ସେ ଗଞ୍ଜାମ ଚାଷୀଙ୍କୁ ଭେଟିବେ। ୩୧ ତାରିଖରେ ପୁରୀ, କଟକ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲା ଗସ୍ତ କରିବେ। ସେପଟେ କଂଗ୍ରେସ ଦୁଇ ଦଳର ନେତାଙ୍କ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତକୁ କଡା ଭାଷାରେ ସମାଲୋଚନା କରିବା ସହ ରାଜନୀତି ନକରି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଏବଂ ବୀମା ପଞ୍ଜୀକରଣ ଅବଧିକୁ ଆଉ ତିନି ଦିନ ବଢାଇବାକୁ ଦାବି କରିଛି।

## ଡିଭାଇଡରରେ ପିଟି...

ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ୪ ଜଣଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଗାଡ଼ି ଚାଳକ ଆଦିତ୍ୟଙ୍କ ମୃତ୍ୟୁ ଘଟିଥିଲା। ତେବେ ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ବିପିନ୍ ସେଠୀଙ୍କୁ ମୃତ ଘୋଷଣା କରିଥିଲେ। ଏବେ ପବିତ୍ର ସାହୁଙ୍କର ସରକାରୀ ହସ୍ପିଟାଲ୍‌ରେ ଚିକିତ୍ସା ଚାଲିଥିବା ବେଳେ ଶେଖ୍ ରାମଜାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଜେପି ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି।

## ୩୧ ଓ ୧ ତାରିଖରେ...

କେବଳ ପ୍ରସ୍ଥାନ କରିବେ। ତେଣେ ନୂଆବର୍ଷରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁରୀରେ ୬୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଦୁଇ କମାଣ୍ଡାଣ୍ଟ ରାଙ୍କର ଅଧିକାରୀଙ୍କ ସମେତ ୧୦ ଅତିରିକ୍ତ ଏସ୍‌ପି, ୩୩ ଡିଏସ୍‌ପିଙ୍କ ସମେତ ୬୨ ଇନ୍ସପେକ୍ଟର, ୨୪୫ ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୩୦ ହାବିଲଦାର, ୨୯୦ ଜଣ କନଷ୍ଟେବଳ ମୁତୟନ ରହିବେ। ଶ୍ରୀମନ୍ଦିର ପରିସରରେ ୨ ଭାଗରେ ପୁଲିସ ମୁତୟନ ହୋଇଛନ୍ତି। ଜନଗହଳିପୂର୍ଣ୍ଣ ସ୍ଥାନରେ ଆଣ୍ଟି ସ୍ନାଚିଂ ଟିମ୍ ମୁତୟନ ରହିବେ। ବିଭିନ୍ନ ସ୍ଥାନରେ ପୁଲିସ ତରଫରୁ ନାକାବନ୍ଦି କରାଯାଉଛି। ଏହାସହ ସମୁଦ୍ର କୂଳରେ ସ୍ୱତନ୍ତ୍ର ଆଉଟ ପୋଷ୍ଟ ରହିବ। ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ରାଂଚଳ ଡିଆଇଜି ଚରଣ ସିଂହ ମିନା।

## ଟ୍ରାଙ୍କୁଲାଇଜ୍ ପରେ...

ଜିଲ୍ଲାରେ ଘୁରି ବୁଲୁଲା। ତା'ର ଗତିବିଧି ଉପରେ ଓଡ଼ିଶା ଓ ପଶ୍ଚିମବଙ୍ଗ ବନ ବିଭାଗ ନଜର ରଖିଥିଲେ। 'ଜିନ୍ନତ ' ଶିମିଳିପାଳ ଫେରୁନଥିବାରୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ବନ ବିଭାଗ ନିଷ୍ପତ୍ତି ନେଇଥିଲା। ତେଣୁ ଟ୍ରାଙ୍କୁଲାଇଜ୍ ପାଇଁ ସ୍ୱତନ୍ତ୍ର ଟିମ୍ ବାଙ୍କୁରା ଯାଇଥିଲା। ହେଲେ ବନ ବିଭାଗ କର୍ମଚାରୀଙ୍କୁ ଚକ୍‌ମା ଦେଇ ଲୁଚି ଯାଉଥିଲା 'ଜିନ୍ନତ'। ଯାହାଫଳରେ ଟ୍ରାଙ୍କୁଲାଇଜ୍ କରାଯାଇ ପାରୁନଥିଲା। ଡ୍ରୋନ୍ ମାଧ୍ୟମରେ 'ଜିନ୍ନତ 'ର ଲୋକେସନ ଟ୍ରାକ୍ କରାଯାଇଥିଲା। ଲୋକେସନ୍ ମିଳିବା ପରେ ଜିନ୍ନତ ଘୁରି ବୁଲୁଥିବା ଅଞ୍ଚଳକୁ ଚାରିପାଖରୁ ଜାଲ ବିଛା ଯାଇଥିଲା। ତା'ପରେ ଜିନ୍ନତକୁ ଲକ୍ଷ୍ୟ କରି ଟ୍ରାଙ୍କୁଲାଇଜର କରିଥିଲେ ବନ ବିଭାଗ ଟିମ୍। ଟ୍ରାଙ୍କୁଲାଇଜ୍ ପରେ ଜିନ୍ନତକୁ ପଶ୍ଚିମବଙ୍ଗର ଆଲିପୁର ଚିଡିଆଖାନାକୁ ନିଆଯାଇଛି। ସେଠାରେ ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ତା'ପରେ ତାକୁ ଶିମିଳିପାଳ ଅଭୟାରଣ୍ୟକୁ ଫେରାଇ ଅଣାଯିବ। ବର୍ତ୍ତମାନ ବାଘୁଣୀ ଜିନ୍ନତ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବାରିପଦା ଜଉଉର ପ୍ରକାଶ ଗୋଗିନେନି କହିଛନ୍ତି।

## ଓସିଏ ସଭାପତି ପଦରୁ ...

ଇସ୍ତଫା ଦେଲେ ତାହା ସ୍ପଷ୍ଟ ହୋଇନାହିଁ। ତେବେ ବର୍ତ୍ତମାନ ପାଇଁ କାମଚଳା ସଭାପତି ଭାବରେ ଓସିଏ ଉପ ସଭାପତି ପଙ୍କଜ ଲୋଚନ ମହାନ୍ତି ଦ୍ୱାୟିତ୍ୱ ତୁଲାଇବେ। ୨୦୨୨ ଅକ୍ଟୋବର ୨୮ରେ ଙ୍ଗଉଇ ସଭାପତି ଭାବରେ ପ୍ରଣବ ପ୍ରକାଶ ଦାସ ନିର୍ବାଚିତ ହୋଇଥିଲେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ। ଏହା ପୂର୍ବରୁ ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ ପଙ୍କଜ ଲୋଚନ ମହାନ୍ତି ଙ୍ଗଉଇର ସଭାପତି ଥିଲେ। ତେବେ ଶାସକ ବିଜେଡ଼ି ଙ୍ଗଉଇକୁ ନିଜ ଅକ୍ତିଆରରେ ରଖିବା ପାଇଁ ଚାହିଁବାରୁ ୨୦୨୨ ଓସିଏ ନିର୍ବାଚନରେ ପ୍ରଣବ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଭାବରେ ସେ ଏହି ଦାୟିତ୍ୱ ନେଇଥିବା ସେତେବେଳେ ଙ୍ଗଉଇ ପକ୍ଷରୁ କୁହାଯାଇଥିଲା। ବିଜେଡ଼ି ସରକାରର ପତନ ପରେ ପ୍ରଣବ ପ୍ରକାଶଙ୍କ ପତିଆରା କମିଯାଇଥିଲା। ଗତ ୨ ବର୍ଷ ଭିତରେ ପ୍ରଣବ ଙ୍ଗଉଇରେ ୨/୩ଟି ବୈଠକରେ ଯୋଗ ଦେଇଥିବା ବେଳେ ପ୍ରାୟ କୌଣସି ବୈଠକୁକୁ ଆସୁନଥିବା ଙ୍ଗଉଇର ଜଣେ କର୍ମକର୍ତ୍ତା କହିଛନ୍ତି।

## ଦିଲ୍ଲୀ ହାଇକୋର୍ଟଙ୍କ ...

ତଥାପି ଶାରୀରିକ ସମ୍ପର୍କକୁ ସ୍ୱତଃସ୍ଫୁର୍ତ୍ତ ଭାବେ କେବେ ହେଲେ ବି ଯୌନ ନିର୍ଯ୍ୟାତନାର ଆଖ୍ୟା ଦିଆଯାଇ ପାରିବ ନାହିଁ। ପୂରା ମାମଲାରେ ସନ୍ଦେହ ଥିବାରୁ ମାମଲା ଅଭିଯୁକ୍ତଙ୍କ ସପକ୍ଷରେ ଯାଉଛି। ତେଣୁ ତାଙ୍କୁ ମିଳିଥିବା ଆଜୀବନ ଜେଲଦଣ୍ଡକୁ ଖାରଜ କରାଯାଉଛି ବୋଲି ଖଣ୍ଡପୀଠ କହିଛନ୍ତି। ୨୦୧୭ ମସିହା ମାର୍ଚ୍ଚରେ ପୂରା ଘଟଣାକୁ ନେଇ ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମା' ଅଭିଯୋଗ କରିଥିଲେ ଯେ ତାଙ୍କ ୧୪ ବର୍ଷର ଝିଅକୁ ପ୍ରଲୋଭିତ କରି କେହି ଜଣେ ଘର ଭିତରୁ ଅପହରଣ କରିନେଇଛି। ପୁଲିସ ସର୍ଚ୍ଚଅପରେସନ କରି ଅଭିଯୁକ୍ତଙ୍କ ସହ ନାବାଳିକାଙ୍କୁ ଫରିଦାବାଦରୁ ଉଦ୍ଧାର କରିଥିଲା। ଟ୍ରାଏଲ କୋର୍ଟର ମାମଲାର ବିଚାର କରି ୨୦୨୩ ଡିସେମ୍ବରରେ ଅଭିଯୁକ୍ତଙ୍କୁ ଆଇପିସି ଓ ପୋକସୋ ଆକ୍ଟ ଅଧୀନରେ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। କିଛି ଲୋକ ଆମ ବିରୋଧରେ ଷଡ଼ଯନ୍ତ୍ର ରଚିବା ପରେ ଏତେ ସରଳତା ଆଉ ନିର୍ଦ୍ଦୋଷ ଭାବରେ କଥାବାର୍ତ୍ତା କରନ୍ତି ଯେପରି ଆମେ ତାଙ୍କ ମନ୍ଦ କାର୍ଯ୍ୟ ବିଷୟରେ ଅବଗତ ନାହୁଁ।

## ଗୁପ୍ତେଶ୍ୱର ଯାଉଥିବା ...

ଆହତମାନଙ୍କୁ ବୈପାରିଗୁଡା, ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। କୋରାପୁଟ ଏସପି ରୋହିତ ବର୍ମା, ଅତିରିକ୍ତ ଏସପି, ବୈପାରିଗୁଡ଼ା ବିଡିଓ ଓ ତହସିଲଦାର ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। କୋରାପୁଟ ଡକରିଘାଟି ବସ୍ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଆହତଙ୍କ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ମହୁମାଛି ଆକ୍ରମଣରେ...

ଖୋଲିବା ବେଳେ ତାଙ୍କୁ ମହୁମାଛିମାନେ ଅତର୍କିତ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ବିଶ୍ୱନାଥଙ୍କୁ ଉଦ୍ଧାର କରି ତୁରନ୍ତ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ରାସ୍ତାରେ ଯାଉଥିବା ଅନ୍ୟ ଜଣେ ଯୁବକଙ୍କୁ ମଧ ମହୁମାଛି ଆକ୍ରମଣ କରିଛି। ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ମାନ୍ୟବର ଉପମୁଖ୍ୟମନ୍ତ୍ରୀଙ୍କ...

ଗସ୍ତ ପ୍ରାରମ୍ଭରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ସଦର ବ୍ଲକସ୍ଥିତ ମହାପଦା ଓ ନର୍ସିଙ୍ଗପୁର ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ସିଧାସଳଖ କୃଷକମାନଙ୍କ ସହିତ ସେମାନଙ୍କ ଫସଲର କ୍ଷୟକ୍ଷତି ବିଷୟରେ ପଚାରି ବୁଝିଥିଲେ। ଏହି ଆଲୋଚନା କାଳରେ ସେ ଚାଷୀମାନଙ୍କ ସମସ୍ୟା ଶୁଣିବା ସହ ଅଦିନିଆ ବର୍ଷା ହେତୁ ସେମାନଙ୍କ କୃଷିଜାତ ଦ୍ରବ୍ୟ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ପ୍ରତ୍ୟକ୍ଷ ତଥ୍ୟ ସଂଗ୍ରହ କରିଥିଲେ। ପ୍ରତ୍ୟେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ଓ କ୍ଷତିପୂରଣ ସୁନିଶ୍ଚିତ କରିବା ଆମର ପ୍ରାଥମିକତା ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଅଦିନିଆ ବର୍ଷା ପରିସ୍ଥିତି ଦ୍ୱାରା ପ୍ରଭାବିତ ଚାଷୀଙ୍କୁ ଠିକ୍ ସମୟରେ ସହାୟତା ପ୍ରଦାନ କରିବା ପାଇଁ ଆକଳନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ । କ୍ଷେତ୍ର ପରିଦର୍ଶନ ପରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକରେ ଅଧକ୍ଷତା କରି କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ପ୍ରଭାବିତ ଅଞ୍ଚଳଗୁଡ଼ିକର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ତୁରନ୍ତ ରିପୋର୍ଟ ଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ଫସଲ କ୍ଷୟକ୍ଷତିର ସ୍ୱଚ୍ଛ ଓ ସଠିକ୍ ଆକଳନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ଉପମୁଖ୍ୟମନ୍ତ୍ରୀ। ଏଥି ସହିତ ଜିଲ୍ଲାରେ ସୁଭଦ୍ରା ଯୋଜନା, ଧାନ କିଣା ଏବଂ ଅନ୍ୟାନ୍ୟ ଯୋଜନା ର କାର୍ଯ୍ୟକାରିତା ଉପରେ ମଧ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ ସିମୁଳିଆ ଶ୍ରୀ ପଦ୍ମଲୋଚନ ପଣ୍ଡା, ମାନ୍ୟବର ବିଧାୟକ ସଦର ଶ୍ରୀଯୁକ୍ତ ମାନସ ଦତ୍ତ ଓ ମାନ୍ୟବର ବିଧାୟକ ନୀଳଗିରି ଶ୍ରୀଯୁକ୍ତ ସନ୍ତୋଷ ଖଟୁଆଙ୍କ ସମେତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ସମସ୍ତ ତହସିଲଦାର ଓ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବେତନଟୀ ଶବ ବ୍ୟବଛେଦ ଗୃହ କାର୍ଯ୍ୟକ୍ଷମ କେବେ ?

ବେତନଟୀ , ୨୯/୧୨ (ନି.ପ୍ର): ବହୁ ପ୍ରତିକ୍ଷୀତ ବେତନଟୀ ଶବ ବ୍ୟବଛେଦ ଗୃହ କେବେ କାର୍ଯ୍ୟକ୍ଷମ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବେତନଟୀ ଅଞ୍ଚଳ ବାସୀଙ୍କ ଦୀର୍ଘ ଦିନର ଦାବୀ ହେବା ଫଳରେ ବେତନଟୀ, ବଡ଼ସାହି, ରାସଗୋବିନ୍ଦପୁର ଓ ମୋରଡା ବ୍ଲକକୁ ନେଇ ଗଠିତ ବିକାଶମଞ୍ଚ ମଧ ୨୦୧୯ ମସିହାରୁ ଏହି ଦାବୀ କରି ଆସୁଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ସରକାର ବିକାଶ ମଞ୍ଚର ଦାବୀକୁ ଗ୍ରହଣ କରି ବିଧାୟକଙ୍କ ଜରିଆରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଛଅଲକ୍ଷ ଟଙ୍କା ଅନୁଦାନରେ ଶବ ବ୍ୟବଛେଦ ଗୃହନିର୍ମାଣ କାର୍ଯ୍ୟ ସାତ ମାସ ପୂର୍ବରୁ ସମାପନ ହେବା ସହ ଏହାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ ହସ୍ତାନ୍ତର ହୋଇଥିବା ଭାରପ୍ରାପ୍ତ ଡାକ୍ତର ସିପୁନ ପଣ୍ଡାଙ୍କ ଠାରୁ ପ୍ରକାଶ । ମାତ୍ର ଏହି ଗୃହ ନିର୍ମାଣ ସମୟରେ ଶବ ବ୍ୟବଛେଦ ପରେ ସେଥିମଧ୍ୟରୁ ଅଳିଆ ଆବର୍ଜନା ନିଷ୍କାସନ ନିମନ୍ତେ କୌଣସି ଡ୍ରେନେଜ ବ୍ୟବସ୍ଥା ହୋଇନ ଥିବାରୁ ଏହା କାର୍ଯ୍ୟକ୍ଷମ ହେବାରେ ବାଧାସୃଷ୍ଟି କରିଛି ।ମାତ୍ର ଅଦ୍ୟାବଧି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିମନ୍ତେ ଯେତିକି ମାତ୍ରାରେ ଡାକ୍ତର ନିଯୁକ୍ତି ହେବାକଥା ତାହା ହୋଇନ ଥିବା ଯୋଗୁଁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ନିକଟରେ ଦୁଇଜଣ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ନିର୍ଦ୍ଦେଶ ପାଇଥିବା ବେଳେ କେବଳ ଭେଷଜ ବିଶେଷଜ୍ଞ ଯୋଗଦାନ କରିଥିବାବେଳେ ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞ ଅଦ୍ୟାବଧି ଯୋଗ ଦେଇ ନ ଥିବା ଜଣାପଡିଅଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାଧାରଣ ଡାକ୍ତରଙ୍କ ବ୍ୟତୀତ ଶିଶୁ ଓ ଶଲ୍ୟ ବିଶେଷଜ୍ଞ ପଦବୀ ଦୀର୍ଘ ପନ୍ଦର ବର୍ଷ ହେବ ଶୂନ୍ୟ ହୋଇ ପଡ଼ିଥିଲେ ମଧ୍ୟ ପୂର୍ବ ସରକାର ଏହି ପଦବୀ ପୂରଣ କରିପାରି ନ ଥିବା ବେଳେ ବର୍ତ୍ତମାନର ସରକାର ଶାସନର ଛଅମାସରୁ ଅଧିକ ସମୟ ବିତିଯାଇଥିଲେ ମଧ ଏଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି ।

# ମହାବୀର କ୍ରିକେଟ କ୍ଲବ୍ ଆୟୋଜିତ ଡିଉଜ୍ ବଲ ଟୁର୍ଣ୍ଣାମେଣ୍ଟରେ ଚଳିତବର୍ଷ ରାଞ୍ଚିର ରକମ୍ୟାନ କ୍ଲବ୍ ଚମ୍ପିୟାନ



ନୀଳଗିରି , ୨୯/୧୨ (ନି.ପ୍ର): ନୀଳଗିରିର ଅଗ୍ରଣୀ କ୍ରିକେଟ କ୍ଲବ୍ ମହାବୀର କ୍ରିକେଟ କ୍ଲବ୍ ଏବଂ କୌଶିକ ରାୟ ମେମୋରିଆଲ ଆନୁକୁଲ୍ୟରେ ଅନୁଷ୍ଠିତ ହେଉଥିବା ୨୦୨୪ ଆନ୍ତଃରାଜ୍ୟ ଡିଉଜ୍ ବଲ ଟ୍ରଫିର ଫାଇନାଲ ମ୍ୟାଚ୍ ୨୯ତାରିଖ ରବିବାର ନୀଳଗିରି ଷ୍ଟାଡିୟମ ପଡ଼ିଆରେ ବାଲେଶ୍ୱରର ବିସିଏ କ୍ଲବ୍ ଏବଂ ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚିର ରକମ୍ୟାନ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଉପସ୍ଥିତ ରହି ଟସ୍ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ।ଉକ୍ତ ମ୍ୟାଚରେ ବିସିଏ ଟସ୍ ଜିଣି ପ୍ରଥମେ ବ୍ୟାଟିଂପାଇଁ ନିର୍ଣ୍ଣୟ ନେଇଥିଲା । ପ୍ରଥମେ ବ୍ୟାଟିଂକରି ବିସିଏ ବାଲେଶ୍ୱର ନିର୍ଦ୍ଧାରିତ ୨୦ଓଭରରୁ ୧୭ଓଭର ୩ବଲରେ ସମସ୍ତ ଉ୍ୱିକେଟ ହରାଇ ମାତ୍ର ୭୫ରନ କରିପାରିଥିଲା । ବିସିଏର ଗୁରୁଦିପନ ଜେନା ୨୫ ବଲରେ ସର୍ବାଧିକ୪୩ ରନ ସଂଗ୍ରହ କରିଥିଲେ । ରର୍କ ମ୍ୟାନ କ୍ଲବର ଦୁର୍ଦ୍ଧଶ ବୋଲିଂ ଆଗରେ ବିସିଏ କ୍ଲବର ସମସ୍ତ ବ୍ୟାଟ୍ସମ୍ୟାନ୍ ଧରାଶାୟୀ ହୋଇଥିଲେ । ଅନ୍ମୋଲ ରାଜ ଦଳପକ୍ଷରୁ ୩ଉ୍ୱିକେଟ୍ ନେଇଥିବା ବେଳେ ନକୁଲ ଯାଦବ ୨ ଉ୍ୱିକେଟ୍ ନେଇଥିଲେ । ରକମ୍ୟାନ ଟିମ୍ ଉକ୍ତ ସ୍କୋରର ପିଛାକରି ମାତ୍ର ୭ଓଭର ୩ଟିବଲରେ ୨ଉ୍ୱିକେଟ୍ ହରାଇ ୭୯ରନ ସଂଗ୍ରହ କରିନେଇଥିଲା ।ଫଳରେ ରାଞ୍ଚିର ରକମ୍ୟାନ ଟିମ୍ ୮ ଉ୍ୱିକେଟରେ ଜିତି ଚଳିତବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ରାଞ୍ଚିର ନକୁଲ ଯାଦବ ଚଳିତ ସିଜିନର ମ୍ୟାନ ଅଫ ଦି ସିରିଜ ସହିତ ବ୍ୟାଟ୍ସମ୍ୟାନ୍ ଅଫ୍ ଦି ସିରିଜ୍ ଆଖ୍ୟା ଅର୍ଜନ କରିଛନ୍ତି । ସେହିପରି ରକମ୍ୟାନ କ୍ଲବର ଅନ୍ମୋଲ ରାଜ ବେଷ୍ଟ ବୋଲର ସହ ମେନ୍ ଅଫ୍ ଦି ମ୍ୟାଚ୍ ହୋଇ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି ।ବାଲେଶ୍ୱର ବିସିଏ କ୍ଲବର ଗୁରୁଦିପନ୍ ଜେନାଙ୍କୁ ଶ୍ରେଷ୍ଠ ଫିଲ୍ଡର ଘୋଷଣା କରାଯାଇଛି । ଉକ୍ତ ମ୍ୟାଚକୁ ଓସିଏର ପେନାଲ ଆମ୍ପାୟର ପ୍ରାଣନାଥ ଜେନା ଏବଂ ପ୍ରତାପ ପାତ୍ର ପରିଚାଳନା କରିଥିଲେ। ଆଜିର ଏହି ଟୁର୍ଣ୍ଣାମେଣ୍ଟକୁ ମହିଳା ଉଦ୍ଘୋଷିକା ମିସ ସିମରନ୍ ଲେଡୀଏବଂ କ୍ଲବର ସଦସ୍ୟ ଗୋପୀ ନନ୍ଦ, ସବ୍ୟସାଚୀ ମହାପାତ୍ର ,ମଦନ ମୋହନ ବେହେରା , ଦିବ୍ୟରଞ୍ଜନ ମହାପାତ୍ର ଏବଂ ଭାସ୍କର ବିଶ୍ୱାଳ ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ । ଏଥିସହ କ୍ଲବର ସଭାପତି କୁମାର ରାୟ, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ ତଥା କୋଷାଧକ୍ଷ ସବ୍ୟସାଚୀ ମହାପାତ୍ରଙ୍କ ସହ କ୍ଲବର ବରିଷ୍ଠ ଖେଳାଳି ସୁଶାନ୍ତ ବିଶ୍ୱାଳ ,ଅଜିତ ନାୟକ, ଚନ୍ଦନ ରାୟ , ଶିବନାରାୟଣ ମହାପାତ୍ର, ଉଦୟଜ୍ୟୋତି ମହାନ୍ତି ,ବିଜୟ କୁମାର ଲେଙ୍କା ,ଶରତ କୁମାର ଦାସ, ରାଜେନ୍ଦ୍ର ପାତ୍ର, ଜଟିଆ ସିଂ, ପ୍ରୀତିପ୍ରକାଶ ବେହେରା, ମଣ୍ଟୁ ବେହେରା ,ଜ୍ୟୋତି ରଞ୍ଜନ ବରାଳ୍,ରଶ୍ମି ନନ୍ଦ ,ବିରଜା ବେହେରା ,ଜ୍ୟୋତିପ୍ରକାଶ ବେହେରା, ମନୋଜ ବେହେରା , ବୈରାଗୀ ବେହେରା, ପ୍ରତାପ ସେଠି ,ନିଗମ ରାଉତ,ଅବିନାଶ ନନ୍ଦ, ରବି କୁମାର ଏବଂ ଚିନ୍ମୟ ଶରଣ ରାଉତଙ୍କ ସହ ଅନ୍ୟାନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ସୁନ୍ଦର ଭାବରେ ପରିଚାଳନା କରିଥିଲେ।

# ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ବାର୍ଷିକୋତ୍ସବ ପାଳିତ




ବାଲିଆପାଳ , ୨୯/୧୨ (ନି.ପ୍ର): ରାସଗୋବିନ୍ଦପୁର ନିକଟବର୍ତ୍ତୀ ରଙ୍ଗାମାଟିଆ ଗ୍ରାମସ୍ଥିତ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ୨୪ତମ ବାର୍ଷିକ ଉତ୍ସବ ଶନିବାର ଡିସେମ୍ବର ୨୮ ତାରିଖ ଦିନ ଏକ ନିରାଡ଼ମ୍ବର ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନ୍ତ୍ୟୋଦୟ ଚେତନା ମଣ୍ଡଳର ସଭାପତି ନାରାୟଣ ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ମୋରଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର (ବାବୁ ଭାଇ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସଭାରେ ଜଳେଶ୍ୱର ଦୀନ କୃଷ୍ଣ ମହା ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ବିଶିଷ୍ଟ ସାହିତ୍ୟିକ ବିପୀନ ବିହାରୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିବା ସ୍ଥଳେ ମୋରଡ଼ାର ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଦୈନିକ ସମ୍ବାଦ ପତ୍ର ସମାଜର ବ୍ରଜ ଭାଇ, ସ୍ଥାନୀୟ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ବସନ୍ତ କୁମାର ମହାନ୍ତ, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ହାଁସଦା, ଅନୁଷ୍ଠାନର ଅଭିଜ୍ଞ ଡାକ୍ତର ଡଃ ସୌମିତ୍ର କୁମାର ଦାସ (ବଙ୍ଗାଳୀ ବାବୁ) ଓ ପ୍ରତିଷ୍ଠାନର ନିର୍ଦ୍ଦେଶକ ଆଦିତ୍ୟ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ନିର୍ଦ୍ଦେଶକ ଆଦିତ୍ୟ ପଟ୍ଟନାୟକ ପ୍ରତିଷ୍ଠାନର ଉପଲବ୍ଧି ଓ କୃତିତ୍ୱ ବିଷୟରେ କହିବାକୁ ଯାଇ କହିଲେ ଯେ ବଡ଼ ବଡ଼ ଡ଼ାକ୍ତରଖାନାରୁ ବିଫଳ ହୋଇ ଫେରୁଥିବା ରୋଗୀ ମଧ ଏଠାରେ ଆରୋଗ୍ୟ ଲାଭ କରୁଛନ୍ତି । ଚିକିତ୍ସାଳୟ ମାଧମରେ ବିଭିନ୍ନ ସ୍ଥାନରେ ଚକ୍ଷୁ ଶିବିର ଲଗେଇ ବା ବିଦ୍ୟାଳୟ ମାନଙ୍କୁ ଯାଇ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଉଚିତ୍ ଚିକିତ୍ସା ଦିଆ ଯାଉଛି । ଡଃ ସୌମିତ୍ର ବଙ୍ଗଳାରେ ନିଜ ବକ୍ତବ୍ୟ ରଖି ବିଗତ ୨୪ ବର୍ଷ ମଧ୍ୟରେ କରା ଯାଇଥିବା କେତୋଟି ବିଶେଷ ଅପରେସନ ଆଦି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିପିନ ବିହାରୀ ବିଶ୍ୱାଳଙ୍କୁ ବିଶିଷ୍ଟ 'ଗାନ୍ଧୀ ପ୍ରେରଣା ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ ପ୍ରତିଷ୍ଠାନର ପୁରୁଣା କର୍ମୀ ସୌଦାମିନୀ, ସର୍ବେଶ୍ୱର, ପୁଷ୍ପଲତା, ରମାକାନ୍ତ, ରାଜେଶ, ଟୁଡୁ ବାବୁ, ଅଜିତ ଓ ମାୟା ଦିଦିଙ୍କୁ ପ୍ରତିଷ୍ଠାନରେ ତାଙ୍କର ବିଶେଷ କାର୍ଯ୍ୟ ଦକ୍ଷତା ପାଇଁ ସମ୍ମାନିତ କରାଯାଇଥିଲା । ପ୍ରତୀକ ପଟ୍ଟନାୟକ ସଭା ସଞ୍ଚାଳନ କରିଥିବା ସମୟରେ ଗୀତାଞ୍ଜଳି ପଟ୍ଟନାୟକ ଅତିଥି ପରିଚୟ କରାଇଥିଲେ ଉଲ୍ଲେଖନୀୟ ଯେ ସଭା ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିବା ପରେ ଦିବଙ୍ଗତ ପ୍ରଧାନମନ୍ତ୍ରୀ ଡଃ ମନ ମୋହନ ସିଂହଙ୍କ ଆତ୍ମାର ସଦଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା । ସଭାକାର୍ଯ୍ୟ ସମ୍ପୂର୍ଣ୍ଣ ନିରାଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା । ସଭାରେ କୌଣସି କରତାଳି ପର୍ଯ୍ୟନ୍ତ ପଡ଼ି ନ ଥିଲା । ସଭା ଶେଷରେ ଉପସ୍ଥିତ ଅତିଥି ସମେତ ଗ୍ରାମବାସୀ ମାନେ ଭୋଜନ କରି ପ୍ରତ୍ୟାବର୍ତ୍ତନ କରିଥିଲେ ।

# ବେତନଟୀ ପ୍ରିମିୟର ଲିଗ୍ : ଫାଇନାଲରେ ଆରିୟନ ଫାଇଟର




ବେତନଟୀ, ୨୯/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ୧୨ ଦିନରେ ସେମିଫାଇନାଲ-୨ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମ୍ୟାଚ ଟି ଆରିୟନ ଫାଇଟର ଓ ମା ଦୁର୍ଗା ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚରେ ମା ଦୁର୍ଗା ଫାଇଟର ୨୫ ଓଭରରେ ୨୪.୪ ସମସ୍ତ ଉ୍ୱିକେଟ ହରାଇ ୧୮୮ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଆରିୟନ ଫାଇଟର ୨୩.୩ ଓଭରେ ରେ ୫ ଉ୍ୱିକେଟ ହରାଇ ୧୮୯ ରନ କରି ବିଜୟ ଲାଭ କରି ଫାଇନାଲରେ ରେ ପ୍ରବେଶ କରିଛି । ଆରିୟନ ଫାଇଟର ର ଖେଳାଳି ଜଗଜିତ ପଣ୍ଡା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଏହି ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ ବରିଷ୍ଠ ଖେଳାଳି ପ୍ରଶାନ୍ତ ନାଥ ପୁରସ୍କୃତ କରିଥିଲେ। ଏହି ଖେଳକୁ କେ ଇନ୍ଦ୍ର ପ୍ରସାଦ ଓ ପ୍ରକାଶ ଜ୍ୟୋତି ଆଦିତ୍ୟ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଅନଲାଇନ ସ୍କାର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା କାଲି ଫାଇନାଲ ମ୍ୟାଚ ବାହାନଡା ଟାଇଗର ଓ ଆରିୟନ ଫାଇଟର ମଧ୍ୟରେ ଅନୁଷ୍ଠିତ ହେବ।




# ଗେଟାଲାଇଭ ହେଲଥ କେୟାରର ବନ୍ଧୁ ମିଳନ



ଭୁବନେଶ୍ୱର, ୨୯/୧୨ (ନି.ପ୍ର): ଏକ ପାରିବାରିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗେଟାଲାଇଭ ହେଲଥ କେୟାର ପକ୍ଷରୁ କଳିଙ୍ଗ ନଗର ସ୍ଥିତ ନିୟୁ ହଷ୍ଟେଲ ଗାର୍ଡେନ ଠାରେ ଆୟୋଜିତ ହୋଇଥିଲା। ଏହା ସହିତ ପୁରୁଣା ବର୍ଷର ସ୍ମୃତିକୁ ବିଦାୟ ଦେଇ ଇଂଗ୍ରାଜୀ ନୂତନ ବର୍ଷ ୨୦୨୫କୁ ଅଭିନନ୍ଦନ ଜଣାଇବା ପାଇଁ କର୍ମକର୍ତା ଓ କର୍ମଚାରିଙ୍କ ପରିବାର ମଧ୍ୟରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିମନ୍ତ୍ରୀତ ଅତିଥିମାନେ ମଧ ଅଂଶ ଗ୍ରହଣ କରିଥିଲା। ଗେଟାଲାଇଭ ହେଲଥ କେୟାରର ପରିବାର ଲୋକେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଦେଖିବା ସହିତ ଏଥିରେ ଅଂଶ ଗ୍ରହଣ କରିଥିଲେ। ଗେଟାଲାଇଭ ହେଲଥ କେୟାର କର୍ମଚାରି ମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାପରେ ଏକ ସୁସ୍ୱାଦ ଭୋଜିରେ ନିମନ୍ତ୍ରିତ ଅତିଥିମାନଙ୍କ ସହିତ ପରିବାର ସଦସ୍ୟଙ୍କୁ ଅପାୟୀତ୍ୱ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ନିର୍ଦ୍ଦେଶକ ଡ଼ା ପ୍ରଭଞ୍ଜନ ରାୟସମନ୍ତ, ନିର୍ଦ୍ଦେଶକ ଡ଼ା ଦେବାଶିଷ ମିଶ୍ର ଓ ଅନ୍ୟତମ ନିର୍ଦ୍ଦେଶକ ମିହିର ନନ୍ଦ ଗୋସ୍ୱାମି ସମେତ ଅନ୍ୟ କର୍ମଚାରି ମାନେ ପରିଚାଳନା କରିଥିଲେ।

# କ୍ୟାବିନ ସହ ଜଳି ଗଲା ୫ ହାଇୱା

ଧର୍ମଶାଳା, ୨୯/୧୨ (ନି.ପ୍ର): ଯାଜପୁର ଜିସଲା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥରେ ଅଘଟଣ । ଏକ କ୍ୟାବିନ୍ ସହ ୫ଗୋଟି ହାଇୱା ଜଳି ଯାଇଛି । ହେଲେ ଏହି ଘଟଣାରେ କାହାରି କ୍ଷୟକ୍ଷତି ହୋଇ ନଥିବା ଜଣାଯାଇଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ କଉଡିକୋଲ ପେଟ୍ରୋଲ ପମ୍ପ ନିକଟରେ । ଶନିବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି । ପେଟ୍ରୋଲ ପମ୍ପ ନିକଟରେ ଛିଡା ହୋଇଥିବା ଏକ ହାଇୱାରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା ।

# ସିବିଏଫସିର 'ଚୁଟକି-ଚେନାଏ ସ୍ନେହ ମାତୃତ୍ୱର' ଲୋକାର୍ପିତ



ଭୁବନେଶ୍ୱର, ୨୯/୧୨ : **Central Board of Film Certification** ଦ୍ୱାରା ପ୍ରମାଣିତ ଏଇ ୧୦ ମିନିଟ୍ ୪୯ ସେକେଣ୍ଡ ଅବଧିର କ୍ଷୁଦ୍ର ଚଳଚ୍ଚିତ୍ରଟିକୁ ଲୋକାର୍ପିତ କଲେ, ବିଜେପି, ଓଡିଶାର ଉପସଭାପତି ଶ୍ରୀ ଗୋଲକ ମହାପାତ୍ର । ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ଏବଂ ବରିଷ୍ଠ ସାମ୍ବାଦିକ ଶ୍ରୀ ଅକ୍ଷୟ କୁମାର ସାହୁ। ଡକ୍ଟର ଅରୁଣ କୁମାର ନାୟକଙ୍କ ଦ୍ୱାରା ରଚିତ, ମହେଶ ହାଜରା ଓ ଡକ୍ଟର ଅରୁଣ କୁମାର ନାୟକଙ୍କ ଦ୍ୱାରା ନିର୍ଦ୍ଦେଶିତ, ଅଂଶୁମାନ ନାୟକ( ଅଂଶୁମାନ କ୍ରିଏଟିଭସ୍ )ଙ୍କ ଦ୍ୱାରା ପ୍ରଯୋଜିତ ଏବଂ ଶିଶୁ କଳାକାର ପ୍ରଶିଦ୍ଧିଙ୍କ ଅଭିନିତ ଏଇ ଚଳଚ୍ଚିତ୍ରଟି ଉଚ୍ଚକୋଟୀର ବାର୍ତ୍ତା ବହନ କରିବା ସହିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ରଖି ପାରିଥିଲା । ଚିତ୍ରୋତ୍ତଳନ ଶ୍ରୀ ପ୍ରଦୀପ ନାୟକ କରିଥିବା ସ୍ଥଳେ ସମ୍ପାଦନା ଦାୟୀତ୍ୱ ତୁଲେଇଛନ୍ତି ସିଦ୍ଧାର୍ଥ ଶଙ୍କର ପଟ୍ଟନାୟକ । ଏଇ ଶୁଭ ଉନ୍ମୋଚନ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବରେ ଓଡିଶା ଯାତ୍ରାଜଗତର ଆଗଧାଡିର ପ୍ରାୟ ସମସ୍ତ ନାଟ୍ୟକାର ନିର୍ଦ୍ଦେଶକ ସଂଗୀତ ନିର୍ଦ୍ଦେଶକ ଏବଂ ଗୀତିକାର ନିଗମ ମିଶ୍ର, ହର ବାରିକ, ଅଶ୍ରୁମୋଚନ ମହାନ୍ତି, ଲାଲାବିରେନ ରାୟ, କିଶୋର ଖଣ୍ଡୁଆଳ, ବିଜୟ ଦାଶ, ଗୋଲକ ମହାରଣା, କୈଳାସ ମଲ୍ଲିକ, ତାପସ ଦାସ, ଗୁରୁପ୍ରସାଦ ମିଶ୍ର, ମଳୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେଚଳଚ୍ଚିତ୍ରଟି ପିତୃମାତୃହରା ଶିଶୁମାନଙ୍କୁବି' ଚେନାଏ ସ୍ନେହଶ୍ରଦ୍ଧା ଆବଶ୍ୟକ ଓ ସେମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବା ଦିଗରେ ଏକ ସୁନ୍ଦର ବାର୍ତ୍ତା ବହନ କରୁଛି ।

# ବାଘମରା ଚୋରାପଥର ଖାଦାନରେ ଟ୍ରାକ୍ଟର ଓଲଟି ଡ୍ରାଇଭର ଗୁରୁତର

ନୀଳଗିରି, ୨୯/୧୨ (ନି.ପ୍ର): ନୀଳଗିରି ବ୍ଲକ ଅନ୍ତର୍ଗତ ବାଘମରା ଚୋରାପଥର ଖାଦାନରେ ପଥର ବୋଝେଇ କରି ଅନ୍ୟତ୍ର ଚାଲାଣ ବେଳେ ମହିଷାପଟ୍ଟା ଗ୍ରାମର ସମା ସିଂଙ୍କ ଡ୍ରାଇଭର ପୁଅ ଲିପୁ ସିଂ (୩୫)ଙ୍କ ଉପରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ପଥର ତଳେ ଦୀର୍ଘସମୟ ଧରି ଚାପିହୋଇ ରହିଥିଲେ । ବହୁଚେଷ୍ଟା ପରେ ସ୍ଥାନୀୟ ଲୋକ ଲିପୁକୁ ଉଦ୍ଧାରକରି ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ତାଙ୍କର ମସ୍ତିଷ୍କ, ଆଖିପତା, ମୁହଁ ,ଗାଲ, ନାକ ରେ ଗଭୀର କ୍ଷତହୋଇଛି । ଅଧିକ ରକ୍ତସ୍ରାବ ହେବାଫଳରେ ସେ ଚେତା ଶୂନ୍ୟ ହୋଇପଡ଼ିଥିଲେ । ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ଆଶୁ ଚିକିତ୍ସାପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ତେବେ ଘଟଣା ପରେ ପଥର ମାଫିଆଙ୍କ ମନରେ କୋକୁଆଭୟ ସୃଷ୍ଟି ହୋଇଛି । ଖବର ଲେଖା ବେଳକୁ ନୀଳଗିରି ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ବେଳେ ଘଟଣାକୁ ଚପାଇ ଦେବାକୁ ପ୍ରୟାସ ଜାରି ରହିଛି । ଏଠାରେ ସୂଚନାଯୋଗ୍ୟ ବହୁବର୍ଷ ଧରି ଉକ୍ତ ପଥର ଖାଦାନକୁ ସ୍ଥାନୀୟ ପଥର ମାଫିଆମାନେ ପ୍ରଶାସନକୁ ହାତବାରିଶି କରି ଅହୋରାତ୍ର ବେଧଡକ ପଥର ଉତ୍ତୋଳନ କରି ମାଲେମାଲ ହେଉଥିବା ବେଳେ ପ୍ରଶାସନ ସବୁ ଜାଣିଶୁଣି ଚୁପ ବସିଛି । ଅନ୍ୟ ଦିଗରେ ସ୍ଥାନୀୟ ନେତାଙ୍କ ପକ୍ଷରୁ କୌଣସି ଅଙ୍କୁଶ ନାହିଁ । ତେବେ ଉକ୍ତ ପଥରଖାଦାନରେ ପଥର ଉତ୍ତୋଳନ ବେଳେ ବହୁ ଧନଜୀବନ ହାନି ହେଉଥିଲେ ମଧ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବାରୁ ଆଗାମୀ ଦିନରେ ଗ୍ରାମବାସୀ ମାନେ ଏକଜୁଟହୋଇ ରାଜରାସ୍ତାକୁ ଓ୍ୱହାଇବେ ବୋଲି ଦୃଢ ଚେତାବନୀ ଦେଇଛନ୍ତି ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida